
ଆମ
ଐତିହ୍ୟ
ଆମର

## ଏ ସଂଖ୍ୟାରେ... ପୃଷ୍ଠା


➤ **ସମ୍ପାଦକୀୟ** ୨

➤ **ବିଶେଷ ପ୍ରସଙ୍ଗ**
ପବିତ୍ର ବନ : ଲୋଡ଼ା ହେଉଛି ସଂରକ୍ଷଣ ୩

➤ **ପ୍ରସଙ୍ଗ**
ବିପଥରେ ହାତୀ ଚଲାପଥ ୮

➤ **ସମୂହ**
ସଚେତନତାରୁ ଶିକ୍ଷା : ତେରବେଡ଼ାରେ ଭାଲୁ ସୁରକ୍ଷା ୧୫

ହୁରୁଗୁଡ଼ାରେ ଗ୍ରାମସଭା କ୍ଷମତାର ସୁପ୍ରୟୋଗ ୧୭

➤ **ଆଲୋଚନା**
ପାହାଡ଼ ଓ ଡ଼ଙ୍ଗର କିସମ ଜମି ୧୮

➤ **ବିଶେଷ ତଥ୍ୟ**
ଆଇନ ଦୃଷ୍ଟିରେ ଗ୍ରାମ୍ୟ ଜଙ୍ଗଲ ୨୦

➤ **ସ୍ୱତନ୍ତ୍ର ପୃଷ୍ଠା**
ପାଠକୀୟ ମତାମତ ୨୨

➤ **ପରିଚୟ**
ପୋହଳା ଏଣ୍ଡୁଅ ୨୪



**ପ୍ରକାଶକ**

RCDC

ରିଜିଓନାଲ୍ ସେଣ୍ଟର୍ ଫର୍ ଡେଭେଲପ୍‌ମେଣ୍ଟ୍ କୋଅପରେସନ୍

**ସଂଯୋଜନା**
ସବ୍ୟସାଚୀ ରଥ

**ଅକ୍ଷର ଓ ଅଙ୍ଗସଜ୍ଜା**
ଭାଗ୍ୟରଥି ସାହୁ
ରାମକୃଷ୍ଣ ମହାରଣା


## ସମ୍ପାଦକୀୟ

୨୦୧୨ ଅନେକ ଦୃଷ୍ଟିରୁ ଘଟଣାବହୁଳ ରହିଥିଲା । କିନ୍ତୁ ହାତୀ ଉପଦ୍ରବର ଘଟଣାମାନ ଏ ବର୍ଷର ଶେଷ ପର୍ଯ୍ୟନ୍ତ ଚର୍ଚ୍ଚିତ ହୋଇରହିଲା । ପୂର୍ବରୁ କଦବା କ୍ୱଚିତ ହାତୀ ଦ୍ୱାରା ମଣିଷ ମରିବା ଘଟଣା ଶୁଣାଯାଉଥିଲା, ବର୍ତ୍ତମାନ କିନ୍ତୁ କ୍ରମାଗତ ଭାବେ ଏବଂ ରାଜ୍ୟର ବିଭିନ୍ନ ସ୍ଥାନରେ ଏଭଳି ଘଟଣା ଯେପରି ଘଟିଚାଲିଛି, ଆମକୁ ସ୍ଥିର ନିଶ୍ଚିତ ହେବାକୁ ପଡ଼ିବ ଯେ ପ୍ରାକୃତିକ ଭାରସାମ୍ୟ ଭୀଷଣ ନଷ୍ଟ ହେବାର ଅନେକ ଗୁରୁତର ପରିଣାମ ଭିତରୁ ଏ ମଧ୍ୟ ଅନ୍ୟତମ । ଯେଉଁ ଭଳି ଅନ୍ୟାନ୍ୟ ପ୍ରାକୃତିକ ବିପର୍ଯ୍ୟୟ (ବଜ୍ରପାତ, ଝଡ଼ ଇତ୍ୟାଦି)ର ସଂଖ୍ୟା ଓ ଆଘାତ ଗତ କିଛି କାଳ ଭିତରେ ବଢ଼ିଥିବାର ଲକ୍ଷ୍ୟ କରାଯାଉଛି, ହାତୀ ଉପଦ୍ରବ ମଧ୍ୟ ସେହିଭଳି ବଢୁଛି । ଦୁଃଖ ଓ କ୍ଷୋଭର କଥା ଯେ ପରିସ୍ଥିତି ଜଟିଳତର ହେଉଥିଲେ ବି ରାଜନୈତିକ ଓ ଅମଲାତାନ୍ତ୍ରିକ ଭାଣ୍ଡାମୀ ତଥାପି ବନ୍ଦ ହୋଇନାହିଁ, ପରିବେଶର ସୁରକ୍ଷା ଓ ସଂରକ୍ଷଣ ପାଇଁ ଆନ୍ତରିକତା ଅପେକ୍ଷା ତଥାକଥିତ ବିକାଶ ନାମରେ ତା'ର ଧ୍ୱଂସ ପାଇଁ ହିଁ ଏମାନେ ଅଧିକ ତତ୍ପର ହୋଇ ରହି ଆସିଛନ୍ତି । ଧର୍ମକୁ ଆଖି ଠାର ପରି କେତେକ ପଦକ୍ଷେପ ଯଦିବା ନିଆଯାଉଛି ତା'ର ସୁଫଳ କେତେ, ସେକଥା ଢେଙ୍କାନାଳ ଜିଲ୍ଲାରେ ତିଆରି ହୋଇଥିବା ହାତୀ ଚଲାପଥର ବିଫଳତାରୁ ଜଣାପଡ଼ିବ ।

ବିପର୍ଯ୍ୟସ୍ତ ଭାରସାମ୍ୟର ଏଭଳି ସଂକଟ ସମୟରେ 'ବୁଡ଼ିଗଲା ଲୋକକୁ କୁଟା ଖିଅ ଆଶ୍ରା' ପରି ସେଇସବୁ ପାରମ୍ପରିକ ଜ୍ଞାନ ଓ ବ୍ୟବସ୍ଥା ତାତ୍କାଳିକ ଆଶ୍ରୟ ରୂପେ ଉଭା ହୋଇଛି ଯାହାକୁ ଆଧୁନିକତା ନାମରେ ଦିନେ ହେୟଜ୍ଞାନ କରାଯାଉଥିଲା । ଧର୍ମୀୟ ବନ ଏଇ ପ୍ରକାର ଏକ ପରମ୍ପରା ଯାହା ବର୍ତ୍ତମାନ ପରିସ୍ଥିତିରେ ଯଥେଷ୍ଟ ଗୁରୁତ୍ୱପୂର୍ଣ୍ଣ ହୋଇପାରେ । ଏଇ ପରମ୍ପରା ଦ୍ୱାରା ହିଁ କେତେକ ଅଞ୍ଚଳରେ ପୁରାତନ ଜଙ୍ଗଲର ଅବଶେଷ ବଞ୍ଚି ରହିପାରିଛି ଏବଂ ଯେଉଁଠି ସେତିକି ବି ନାହିଁ, ସେଠାରେ ଧର୍ମୀୟ ବନର ଜମିକୁ ନୂତନ ଜଙ୍ଗଲ ସୃଷ୍ଟି ପାଇଁ ବ୍ୟବହାର ମଧ୍ୟ କରାଯାଇ ପାରିବ ।

ଚଳିତ ବର୍ଷ ଜଙ୍ଗଲ ଅଧିକାର ନିୟମାବଳୀରେ ଯେଉଁ ସଂଶୋଧନ କରାଗଲା, ତାହା ବିଶେଷ ଲୋକାଭିମୁଖୀ, ଏବଂ ଯଦିବା ସରକାରୀ ସ୍ତରରେ କେଉଁଠି ତାକୁ ଏଡ଼ାଇ ଯିବାର ଚେଷ୍ଟା କରାଯାଉଥାଏ, ଜନସଚେତନତା ଓ ସଂଘବଦ୍ଧ ପ୍ରଚେଷ୍ଟା ଦ୍ୱାରା ଏହି ସଂଶୋଧିତ ବ୍ୟବସ୍ଥାର ସୁଫଳକୁ କାର୍ଯ୍ୟକାରୀ କରାଯାଇ ପାରିବାର ସମ୍ଭାବନା ପର୍ଯ୍ୟାପ୍ତ । ନୂତନ ବର୍ଷ ସେହି ପ୍ରଚେଷ୍ଟାର ବର୍ଷ ହେଉ ଏବଂ ତା'ର ସଫଳତାର ପ୍ରେରଣାଦାୟୀ ଦୃଷ୍ଟାନ୍ତମାନ ଦ୍ୱାରା ଋଦ୍ଧିମନ୍ତ ହେଉ, ଏହି କାମନା ସହିତ 'ଆମ ଜଙ୍ଗଲ ଆମର' ପକ୍ଷରୁ ଆପଣମାନଙ୍କୁ ୨୦୧୩ ନବବର୍ଷର ସବୁଜ ଶୁଭେଚ୍ଛା ତଥା ଅଭିନନ୍ଦନ ।


**ଆମ ଠିକଣା**

**ରିଜିଓନାଲ୍ ସେଣ୍ଟର୍ ଫର୍ ଡେଭେଲପ୍‌ମେଣ୍ଟ୍ କୋଅପରେସନ୍**
ଏ/୬୮, ୧ମ ମହଲା, ଶହୀଦ ନଗର, ଭୁବନେଶ୍ୱର-୭୫୧ ୦୦୭ (ଓଡ଼ିଶା)
ଫୋନ୍ ନଂ:(୦୬୭୪)୨୫୪୫୨୫୦, ଟେଲିଫାକ୍ସ:(୦୬୭୪)୨୫୪୫୨୫୨
E-mail: rcdcbbsr@bsnl.in, publications@rcdcindia.com, Website: www.rcdcindia.org, www.banajata.org

# ଧର୍ମୀୟ ବନ : ଲୋଡ଼ା ହେଉଛି ସଂରକ୍ଷଣ

**ପୃଷ୍ଠଭୂମି**

ଭାରତୀୟ ଆଧ୍ୟାତ୍ମିକ ଐତିହ୍ୟ ଅତ୍ୟନ୍ତ ପୁରାତନ ଏବଂ ସମସ୍ତ ଦୃଷ୍ଟି କୋଣରୁ ବଳିଷ୍ଠ ଅଟେ । ଏହା ସମସ୍ତ ଜୈବ ଓ ଅଜୈବ ବସ୍ତୁଠାରେ ଈଶ୍ୱରଙ୍କ ଦର୍ଶନ କରିଥାଏ । ଏହା ବୃକ୍ଷ ଠାରେ ମଧ୍ୟ ଈଶ୍ୱରଙ୍କୁ ଖୋଜିଥାଏ ଓ ପାଇଥାଏ (ଯଥା: ଅଶ୍ୱତ୍ଥ ଓ ବୋଧିଦ୍ରୁମ), ଏବଂ ବୃକ୍ଷବିଶେଷକୁ ବା ବୃକ୍ଷ ସମୂହକୁ ଅତି ଆପଣାର ବା ପରିବାରର ସଦସ୍ୟ ପରି ମଧ୍ୟ ଦେଖିଥାଏ । ଭାରତରେ ପ୍ରଚଳିତ ଥିବା ଅନେକ ପୁରାଣ, ଗ୍ରନ୍ଥ, ବେଦ, ଉପନିଷଦରେ ପ୍ରକୃତିକୁ ମାନବ ସମାଜ ଠାରୁ ବହୁ ଉର୍ଦ୍ଧ୍ୱରେ ରଖିବା ସହିତ ଏହାର ସୁରକ୍ଷା ତଥା ସଂରକ୍ଷଣ ଲାଗି ଧର୍ମ ଆଧାରିତ ନୀତିନିୟମ ସବୁ ପ୍ରସ୍ତୁତ କରାଯାଇଅଛି । ତେଣୁ ଆମେ ଜଳକୁ ଜଳ ଦେବତା, ବାୟୁକୁ ବାୟୁଦେବ, ମାଟିକୁ ବସୁଧା ମାତା ଏବଂ ଅଗ୍ନିକୁ ଅଗ୍ନିଦେବ ବୋଲି ମଧ୍ୟ ସମ୍ବୋଧନ କରିଥାଉ । ପାରମ୍ପରିକ ହିନ୍ଦୁମାନେ ବିଶ୍ୱାସ କରିଥାନ୍ତି ଯେ, ବୃକ୍ଷ ସମୃଦ୍ଧି ଆଣେ, ଜୀବନରେ ଶୁଦ୍ଧତା ଆଣେ ଏବଂ ପ୍ରାଣକୁ ପରିପୁଷ୍ଟ କରାଏ । ତେଣୁ ସମସ୍ତ ଆଦିବାସୀ ତଥା ଆଦିମ ଜନଜାତି ସମ୍ପ୍ରଦାୟ ତଥା  ଭାରତର ସମସ୍ତ ହିନ୍ଦୁ ବୃକ୍ଷକୁ ଭଗବାନ ରୂପେ ହଜାର ହଜାର ବର୍ଷ ଧରି ପୂଜା କରିଆସିଛନ୍ତି । ପୂଜା କରିବା ଦ୍ୱାରା ଭଗବାନଙ୍କୁ ପ୍ରାର୍ଥନା କରିଥିବା ଦ୍ରବ୍ୟ ଏବଂ ଶାନ୍ତି, ସମୃଦ୍ଧି ଭଳି ଅଦୃଶ୍ୟ ଆଶୀର୍ବାଦ ପ୍ରାପ୍ତ ହୋଇଥାଏ ବୋଲି ସେମାନଙ୍କର ବିଶ୍ୱାସ । ଏହି କ୍ରମରେ ବୃକ୍ଷ ପୂଜା ଆମ ପରମ୍ପରାର ଏକ ଅଂଶବିଶେଷ ହୋଇ ରହିଯାଇଛି । କେବଳ ଯେ ହିନ୍ଦୁ ତଥା ଉପକୂଳ ସମାଜର ସମ୍ପ୍ରଦାୟ ବନ ଓ ବୃକ୍ଷ ପୂଜା କରନ୍ତି, ତା' ନୁହେଁ; ଆଦିବାସୀ ପରମ୍ପରା, ପର୍ବପର୍ବାଣୀ ତଥା ସାଂସ୍କୃତିକ ସମ୍ମେଳନରେ ବୃକ୍ଷପୂଜା ବହୁ ଗୁରୁତ୍ୱ ବହନ କରିଥାଏ । ତେବେ ଏଠାରେ ବୃକ୍ଷ ପୂଜା ଅନ୍ୟ ଠାରୁ ବହୁ ମାତ୍ରାରେ ଭିନ୍ନ । କାରଣ ଏଠାରେ ଏକ ନିର୍ଦ୍ଦିଷ୍ଟ ବୃକ୍ଷକୁ ପୂଜା କରିବା ଅପେକ୍ଷା ଏକ ବୃକ୍ଷସମୂହକୁ ପୂଜା କରାଯାଇଥାଏ । ଏହି ବୃକ୍ଷ ସମୂହର ଆକାର ଏକ କ୍ଷୁଦ୍ର ଜଙ୍ଗଲ ହୋଇପାରେ, ଏକ ପାହାଡ଼ର ଅଂଶ ହୋଇପାରେ କିମ୍ବା ସମ୍ପୂର୍ଣ୍ଣ ପର୍ବତକୁ ବୁଝାଯାଇପାରେ । ତେବେ ଏହା ସମ୍ପୃକ୍ତ ଆଦିବାସୀମାନଙ୍କର ପାରମ୍ପରିକ ସୀମା ସରହଦକୁ ନେଇ ଆଧାରିତ ଅଟେ ।

**ଧର୍ମୀୟ ବନ କ'ଣ ?**

ଧର୍ମୀୟ ବନ (Sacred groves) ହେଉଛି କେତେକ ଆଦିବାସୀ ସମ୍ପ୍ରଦାୟ ଦ୍ୱାରା ପାରମ୍ପରିକ ଭାବେ ପୂଜିତ ହୋଇଆସୁଥିବା ଏକ ନିର୍ଦ୍ଦିଷ୍ଟ ଜଙ୍ଗଲ ଅଞ୍ଚଳ, ଯାହା ଗ୍ରାମ ସୀମା କିମ୍ବା ଗ୍ରାମ ମଧ୍ୟରେ ଅବସ୍ଥିତ ଥାଏ । କେତେକ କ୍ଷେତ୍ରରେ ଏହା ଗ୍ରାମ ଠାରୁ ଅନେକ ଦୂରରେ ମଧ୍ୟ ଥାଏ । ବଡ଼ ଓ ସୁରକ୍ଷିତ ଧର୍ମୀୟ ବନ ମଧ୍ୟରେ ସମ୍ପୃକ୍ତ ଆଦିବାସୀ ସମ୍ପ୍ରଦାୟ ଦ୍ୱାରା ପୂଜା ପାଉଥିବା କେତେକ ସ୍ୱତନ୍ତ୍ର ବୃକ୍ଷ ପ୍ରଜାତି, ଔଷଧୀୟ ଗୁଳ୍ମଲତା, ବିଭିନ୍ନ ପ୍ରକାରର ଲଟା ଜାତୀୟ ବୃକ୍ଷ ଏବଂ ବୁଦା ଜାତୀୟ ଗଛ ଥିବାର ଦେଖାଯାଏ । ଏ ପ୍ରକାର ଯେଉଁ ବନଗୁଡ଼ିକୁ ପୂଜା କରାଯାଉଥାଏ ତାହାକୁ ସମ୍ପୃକ୍ତ ସମ୍ପ୍ରଦାୟ ଦ୍ୱାରା ସୁରକ୍ଷା ତଥା ପରିଚାଳନା କରାଯାଉଥିଲା ବେଳେ, ଅନେକ କ୍ଷେତ୍ରରେ ଦେଖାଯାଇଅଛି ଯେ, ଆଦୌ ସୁରକ୍ଷା ଏବଂ ପରିଚାଳନା କରାନଯାଇ ତାହାକୁ ସମ୍ପୃକ୍ତ ଦେବଦେବୀଙ୍କ ଉପରେ ଛାଡ଼ି ଦିଆଯାଇଥାଏ । ସେମାନଙ୍କର ଲୋକ କଥା କହେ ଯେ, ସମ୍ପୃକ୍ତ ଦେବଦେବୀଙ୍କର ଅଦୃଶ୍ୟ ସେବକ ସମ୍ପୃକ୍ତ ଜଙ୍ଗଲ ତଥା ଧର୍ମୀୟ ବନକୁ ସୁରକ୍ଷା ପ୍ରଦାନ କରିଥାନ୍ତି । ଏହାକୁ ଅଦୃଶ୍ୟ ଶକ୍ତି ବୋଲି ମଧ୍ୟ କୁହାଯାଇପାରେ । କେତେକ କ୍ଷେତ୍ରରେ ପବିତ୍ର ବନ ମଧ୍ୟରେ ଏକ ପୁଷ୍କରିଣୀ କିମ୍ବା ପ୍ରାକୃତିକ ଭାବେ ସୃଷ୍ଟି ହୋଇଥିବା ଝରଣା/କୁଣ୍ଡ ଆଦି ଥାଏ । ତେବେ ଏହାକୁ କେବଳ ସମ୍ପୃକ୍ତ ଦେବଦେବୀଙ୍କ ସେବା ଲାଗି ହିଁ ବ୍ୟବହାର କରାଯାଇଥାଏ । ଏହାର କୌଣସି ମନୁଷ୍ୟ ଲାଗି ବ୍ୟବହାର ବାରଣ କରାଯାଇଥାଏ । କେହି ହେଲେ ମଧ୍ୟ ଏଠାରୁ ଡ଼ାଳ, ପତ୍ର ଏପରିକି ମାଟି ମଧ୍ୟ ନେଇପାରିବେ ନାହିଁ କିମ୍ବା ନଷ୍ଟ କରିପାରିବେ ନାହିଁ । ଏହି ପରିସର ମଧ୍ୟରେ ଅଶୌଚ ଅବସ୍ଥାରେ ପ୍ରବେଶ ନିଷିଦ୍ଧ, ପୁଣି ଏଠାରେ ଝାଡ଼ା ପରିଶ୍ରା କରିବା ମଧ୍ୟ ନିଷିଦ୍ଧ । ଏହା ମଧ୍ୟରେ



| ପର୍ବପର୍ବାଣୀ | ମାସର ନାମ | ପୂଜିତ ହେଉଥିବା ଦେବଦେବୀ | ପୂଜକ | ଆଦିବାସୀ ସମ୍ପ୍ରଦାୟ |
|---|---|---|---|---|
| ପର୍ଦ୍ଦାନି | ଫେବ୍ରୁଆରୀ-ମାର୍ଚ୍ଚ | ପାଟ | ଦେହୁରୀ | ଖଡ଼ିଆ |
| ଆମ-ନୁଆଖିଆ | ଫେବ୍ରୁଆରୀ-ମାର୍ଚ୍ଚ | ବରମ୍/ବାସୁକି | ଦେହୁରୀ | ଖଡ଼ିଆ |
| ଜେଠ୍-ନୁଆଖିଆ | | ବରମ/ଧରମ | ଦେହୁରୀ | ଖଡ଼ିଆ |
| ଧାନ୍-ନୁଆଖିଆ | ଅଗଷ୍ଟ-ସେପ୍ଟେମ୍ବର | ବରମ/ବାସୁକି/ବାସୁମାତା | ଦେହୁରୀ | ଖଡ଼ିଆ |
| ଗଟ୍ ପୂଜା | ଅକ୍ଟୋବର-ନଭେମ୍ବର | ବରମ କିମ୍ବା ବାସୁମାତା | ଦେହୁରୀ | ଖଡ଼ିଆ |
| ଗୋହଲ ପୂଜା | ଅକ୍ଟୋବର-ନଭେମ୍ବର | ବରମ କିମ୍ବା ବାସୁମାତା | ଗୃହ ମୁନିବ | ଖଡ଼ିଆ |
| ପୁଷ ପରବ | ଡିସେମ୍ବର-ଜାନୁଆରୀ | ଗଙ୍ଗା ମା | ପୂଜାରୀ | ଗଡ଼ବା |
| ଚୈତ୍ର ପରବ | ମାର୍ଚ୍ଚ-ଏପ୍ରିଲ୍ | ଗଙ୍ଗା ମା | ପୂଜାରୀ | ଗଡ଼ବା |
| ସୁମେ ଗେରଲିରାକ୍ | ଜାନୁଆରୀ-ଫେବ୍ରୁଆରୀ | ବରସୁଙ୍ଗ୍ | ସିସା | ବଣ୍ଡା |
| ସୁସୁ ଗିଗେ | ଫେବ୍ରୁଆରୀ-ମାର୍ଚ୍ଚ | ବୁରସୁଙ୍ଗ୍ | ସିସା | ବଣ୍ଡା |
| ଗିଆଗ୍ ଗିଗେ | ଏପ୍ରିଲ୍ | ବୁରସୁଙ୍ଗ୍ ଓ ପାଟଖଣ୍ଡା | ସିସା | ବଣ୍ଡା |
| ଗେଉରସୁଙ୍ଗ୍ | ଅକ୍ଟୋବର-ନଭେମ୍ବର | ବୁରସୁଙ୍ଗ୍ | ସିସା | ବଣ୍ଡା |

ଉତ୍ସ : Malhotra, K.C. et al (2001). Sacred Groves of India : An Annotated Bibilography

ଆସୁଥିବା କୌଣସି ଦ୍ରବ୍ୟକୁ ବ୍ୟାବସାୟିକ ଉଦ୍ଦେଶ୍ୟ ଲାଗି ବ୍ୟବହାର କରାଯାଇପାରିବ ନାହିଁ । ଏହି ଅଲିଖିତ ନିୟମକୁ ସମ୍ପୃକ୍ତ ସମ୍ପ୍ରଦାୟ ଏବଂ ଅଞ୍ଚଳର ଲୋକମାନେ ମାନିଥାନ୍ତି । ଯଦି କେହି ଏହାର ଉଲ୍ଲଙ୍ଘନ କରିଥାଏ, ତେବେ ଉକ୍ତ ବ୍ୟକ୍ତିଙ୍କୁ କେହି ଦଣ୍ଡ ଦେଇନଥାନ୍ତି; ବରଂ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଦେବୀ ତଥା ତାଙ୍କର ଅଦୃଶ୍ୟ ସେବକ ତଥା ଶକ୍ତିଗୁଡ଼ିକ ଦଣ୍ଡ ପ୍ରଦାନ କରିଥାନ୍ତି ବୋଲି ବିଶ୍ୱାସ ଥାଏ । ତେବେ କେତେକ କ୍ଷେତ୍ରରେ ସମ୍ପୃକ୍ତ ସମ୍ପ୍ରଦାୟ ଦୋଷୀକୁ ସାମାଜିକ ଦଣ୍ଡ ପ୍ରଦାନ କରିଥାନ୍ତି । ନିମ୍ନ ସାରଣୀକୁ ଦେଖିଲେ ଜଣାପଡ଼େ ଯେ, ହିମାଚଳ ପ୍ରଦେଶରେ ସର୍ବାଧିକ ୫୦୦୦ଟି ଧର୍ମୀୟ ବନ ରହୁଥିଲା ବେଳେ

## ଭାରତରେ ଧର୍ମୀୟ ବନ

ସମଗ୍ର ଭାରତରେ ପ୍ରାୟ ୧୪,୦୦୦ ଧର୍ମୀୟ ବନ ଥିବାର ତଥ୍ୟ ରହିଛି । ନିମ୍ନରେ ଏକ ତଥ୍ୟ ଦିଆଗଲା ।

| ରାଜ୍ୟର ନାମ | ଧର୍ମୀୟ ବନର ସଂଖ୍ୟା |
|---|---|
| ଆନ୍ଧ୍ରପ୍ରଦେଶ | ୭୫୦ |
| ଅରୁଣାଚଳ ପ୍ରଦେଶ | ୫୮ |
| ଆସାମ | ୪୦ |
| ଛତିଶଗଡ଼ | ୬୦୦ |
| ଗୁଜୁରାଟ | ୨୯ |
| ହରିଆନା | ୨୪୮ |
| ହିମାଚଳ ପ୍ରଦେଶ | ୫୦୦୦ |
| ଝାଡ଼ଖଣ୍ଡ | ୨୧ |
| କର୍ଣ୍ଣାଟକ | ୧୪୨୪ |
| କେରଳ | ୨୦୦୦ |
| ମହାରାଷ୍ଟ୍ର | ୧୬୦୦ |
| ମଣିପୁର | ୩୬୫ |
| ମେଘାଳୟ | ୭୯ |
| ଓଡ଼ିଶା | ୩୨୨ |
| ରାଜସ୍ଥାନ | ୯ |
| ସିକିମ | ୫୬ |
| ତାମିଲନାଡୁ | ୪୪୮ |
| ଉତ୍ତରାଞ୍ଚଳ | ୧ |
| ପଶ୍ଚିମବଙ୍ଗ | ୬୭୦ |
| **ମୋଟ** | **୧୩୭୨୦** |

ଉତ୍ସ : Malhotra, K.C. et al (2001). Cultural and Ecological Dimensions of Sacred Groves in India

## ହିନ୍ଦୁଶାସ୍ତ୍ର ଓ ଧର୍ମୀୟ ବନ

ହିନ୍ଦୁ ଶାସ୍ତ୍ର ଅନୁସାରେ ବନକୁ ୩ଟି ଭାଗରେ ବିଭକ୍ତ କରାଯାଇଛି । ତାହାହେଲା ତପୋବନ, ମହାବନ ଏବଂ ଶ୍ରୀବନ । ତପୋବନରେ ତପସ୍ୱୀମାନେ, ସନ୍ୟାସୀମାନେ ଅବସ୍ଥାନ କରି ତପସ୍ୟା ତଥା ଧ୍ୟାନ କରି ସିଦ୍ଧିପ୍ରାପ୍ତ କରିଥାନ୍ତି । ମହାବନ ବିଶାଳ ଧରଣର ଜଙ୍ଗଲକୁ ବୁଝାଇଥାଏ । ତପୋବନ ଏବଂ ମହାବନରେ ବୃକ୍ଷଲତା ବନ୍ୟପ୍ରାଣୀକୁ ସୁରକ୍ଷା ଲାଗି ମାନବିକ ପ୍ରବେଶ କରିବା ମନା ଅଛି । ଶ୍ରୀ ବନ ହେଉଛି ବିଭବଯୁକ୍ତ ଜଙ୍ଗଲ ଯାହା ଉଭୟ ଜଙ୍ଗଲ ଏବଂ ବୁଦୁବୁଦୁକିଆ ଜଙ୍ଗଲରୁ ନେଇ ଗଠିତ ଅଟେ । ପଞ୍ଚବଟୀ ବନ ମଧ୍ୟ ଏହାକୁ ଆଧାର କରିଥାଏ । ଧର୍ମୀୟ ବନ ଶ୍ରୀବନର ଅନ୍ତର୍ଗତ ହୋଇଥାଏ ।

## ଝାରସୁଗୁଡ଼ାର ଏକ ଧର୍ମୀୟ ବନ

୧୯୬୦ ମସିହାର କଥା, ମହିମା ଧର୍ମର ଜଣେ ବାବା ଶ୍ରୀ ନାରାୟଣ ଦାସ ଝାରସୁଗୁଡ଼ା ଜିଲ୍ଲା ଲକ୍ଷଣପୁର ତହସିଲ ଅନ୍ତର୍ଗତ ବଡ଼ଧରା ଗାଁ'କୁ ଆସିଥିଲେ । ସେଠାରେ ଗ୍ରାମ ନିକଟସ୍ଥ ଏକ ଜଙ୍ଗଲରେ ଏକ ଗୋଟିଏ ବଖରା ବିଶିଷ୍ଟ ମଠ ତିଆରି କରି ରହିଲେ । ବାବାଙ୍କର ମହିମା ଦ୍ୱାରା ଲୋକମାନେ ଉପକୃତ ହେବାରୁ ସେମାନେ ତାଙ୍କର ଭକ୍ତ ହୋଇଗଲେ । ବାବା ଦେଖିଲେ ଯେ ଲୋକମାନେ ଜଙ୍ଗଲ କାଟୁଛନ୍ତି । ତେଣୁ ବାବା ନିଜେ ଜଙ୍ଗଲର ସୁରକ୍ଷା ଦାୟିତ୍ୱ ନେବା ସହିତ ଗ୍ରାମବାସୀଙ୍କୁ ଗଛ ନକାଟିବା ଲାଗି ପରାମର୍ଶ ଦେଲେ । ଦିନେ ବାବା ସମସ୍ତ ଗ୍ରାମବାସୀଙ୍କୁ ବନର ସୁରକ୍ଷା କରିବା ଲାଗି ଶପଥ କରାଇବା ସହିତ କହିଥିଲେ ଯେ 'ଯଦି ତୁମେ ଗଛ କାଟିବ ତେବେ ମୋର ହାତ ଗୋଡ଼ କାଟୁଛ ବୋଲି ମୁଁ ଜାଣିବି' । ଏହି ପଦକ କଥା ଗ୍ରାମବାସୀଙ୍କ ଲାଗି ଯଥେଷ୍ଟ ଥିଲା । ବାବାଙ୍କ ଦେହତ୍ୟାଗ ପରେ ସମଗ୍ର ଗ୍ରାମବାସୀ ଉକ୍ତ ଜଙ୍ଗଲର ସୁରକ୍ଷା ଦାୟିତ୍ୱ ନେଇଛନ୍ତି ଓ ବର୍ତ୍ତମାନ ସୁଦ୍ଧା ସୁରକ୍ଷା ଚାଲୁରହିଛି ଏବଂ ଏହା ଏକ ଧର୍ମୀୟ ବନରେ ପରିଣତ ହୋଇଛି । ଅଁଳା ନବମୀ ଦିନ ଏଠାରେ ଭଜନ କୀର୍ତ୍ତନ ହେବା ସହିତ ପ୍ରସାଦ ବଣ୍ଟନ କରାଯାଏ । ଏହି ଜଙ୍ଗଲରେ ବ୍ୟବସାୟ ଲାଗି କୌଣସି ଗଛ କାଟିବା, ପତ୍ର ତୋଳିବା ଏପରିକି ମାଟି ନେବାକୁ ମଧ୍ୟ ବାରଣ କରାଯାଇଛି ।

*Source : Orissa Review, November-2011*



ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ ଅଧୀନ କୁସୁମୀ ଗ୍ରାମର ଏକ ଧର୍ମୀୟ ବନର ମୁଖଶାଳା

## ନବରଙ୍ଗପୁରର ଏକ ଧର୍ମୀୟ ବନ

ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ ଅଧୀନ ଗୁରୁସିଂଘା ଗ୍ରାମ ପଞ୍ଚାୟତର କୁସୁମୀ ଗାଁରେ ଏକ ପବିତ୍ର ବନ ଅଛି। ଏଠାରେ ମହାଦେଇ ଓ ପାଟରାଣୀ, ଗରବରାଇ, ବୁଢ଼ାରାଜା ତଥା ଭୌରମଙ୍କୁ ପୂଜା କରାଯାଉଅଛି। ତେବେ ମହାଦେଇ ହେଉଛନ୍ତି ମୁଖ୍ୟ ଦେବୀ। ପାଟରାଣୀ ହେଉଛନ୍ତି ମହିଷାମର୍ଦ୍ଦିନୀ। ସମ୍ପୃକ୍ତ ପୂଜାରୀଙ୍କର ମତରେ ଏହା ୩୦୦ ବର୍ଷରୁ ଊର୍ଦ୍ଧ୍ୱ ଧର୍ମୀୟ ବନ ଅଟେ। ତେବେ ୧୮ ଏକର ୩୪ ସେଣ୍ଟ୍ ବିଶିଷ୍ଟ ଏହି ବନର ସ୍ୱତନ୍ତ୍ରତା ହେଲା ଯେ ଏହା କେବଳ ବାଉଁଶ ପ୍ରଜାତିକୁ ନେଇ ଆଧାରିତ ଅଟେ। ସମ୍ପୃକ୍ତ ପୂଜାରୀ ପ୍ରତ୍ୟେକ ବର୍ଷର ଚଇତ୍ର ମାସରେ ଏବଂ କାର୍ତ୍ତିକ ମାସରେ ଏଠାରେ ଦେବଦେବୀଙ୍କୁ ପୂଜା କରିଥାନ୍ତି। ରାସ ପୂର୍ଣ୍ଣିମାରେ ୫ଦିନ ଧରି ଏଠାରେ ଯାତ୍ରା ହୁଏ। ନୂଆଖାଇ ପର୍ବରେ ଏଠାରେ ଦେବୀଙ୍କୁ ନବାନ୍ନ ଦିଆଯାଇଥାଏ। ଏହି ପବିତ୍ର ବନ ମଧ୍ୟରେ କୁସୁମୀ ମୁଠା ମନ୍ଦିର ଅଛି। ପ୍ରକୃତରେ କୁସୁମୀ ମୁଠା ହେଉଛି ଏକ ବିଶାଳ ଶାସିତ ଅଞ୍ଚଳ। ସମସ୍ତ ପଡ଼ା, ଗ୍ରାମ ଆଦି କୁସୁମୀ ମୁଠା ଅଧୀନରେ ପୂର୍ବରୁ ରାଜ ରାଜୁଡ଼ା ସମୟରେ ଥିଲା। ତେବେ ବର୍ତ୍ତମାନ ମଧ୍ୟ ଏହାର ପ୍ରଭାବ ରହିଛି। ପୂର୍ବରୁ କୁସୁମୀ ମୁଠା ଅଧୀନରେ ଆସୁଥିବା ଅଞ୍ଚଳରୁ ଲୋକମାନେ ଆସି ଏଠାରେ ଏକତ୍ରିତ ହେଉଥିବା ବେଳେ ବର୍ତ୍ତମାନ ସେପରି ଆଉ ଆସିପାରୁନାହାନ୍ତି। ତଥାପି ଏହାର ଅଧୀନରେ ଥିବା ୧୨ଖଣ୍ଡ ପାଲି ଅର୍ଥାତ ୧୨ ଖଣ୍ଡ ଗାଁରୁ ପୂଜକ ଆସନ୍ତି ଓ ପୂଜା କରନ୍ତି। କେବଳ ଚନ୍ଦାହାଣ୍ଡି ଅଞ୍ଚଳରେ ଏହାର ୮୪ଟି ପାଲି ଅଛି। ରାଇଘର, ମୁଣ୍ଡିବେଡା ଆଦି ଅଞ୍ଚଳରୁ ମଧ୍ୟ ଲୋକ ଆସିଥାନ୍ତି। ସେମାନେ ନଆସିଲେ ପୂଜା ହେବନାହିଁ। ଏହା ନିୟମ ଅଛି। ମଧ୍ୟପ୍ରଦେଶ ରାଜ୍ୟର ବସ୍ତର ଅଞ୍ଚଳରୁ ଏହି ଦେବୀଙ୍କୁ ଅଣାଯାଇଥିବାରୁ କେତେବେଳେ କେମିତି ବସ୍ତର ଅଞ୍ଚଳରୁ ମଧ୍ୟ ଲୋକ ଏଠାକୁ ଆସିଥାନ୍ତି। ପୂଜା ସମୟରେ ଏଠାରେ ପଶୁବଳି ଚଢ଼ାଯାଇଥାଏ। ଏହି ବନ ମଧ୍ୟରେ ଥିବା କୂପ (କୁଅ) ଓ ଦେବବନ୍ଧ (ପୋଖରୀ)ର ଜଳକୁ କେହି ବ୍ୟବହାର କରନ୍ତି ନାହିଁ। ଏଥିଲାଗି ବାରଣ ରହିଛି। ଏଥିରୁ କେବଳ ବନମଧ୍ୟରେ ହେଉଥିବା ପୂଜା ପାର୍ବଣ ତଥା ଜାନିଯାତ୍ରା ଦିନହିଁ ଜଳ ନିଆଯାଇଥାଏ। କୁସୁମୀ ମୁଠା ପବିତ୍ର ବନର ଘୋଡ଼ା ଓ ଷଣ୍ଢ ଛଡ଼ାଯାଇଛି। ଏହି ଘୋଡ଼ା ଓ ଷଣ୍ଢକୁ ବନ୍ଧାଯାଏନାହିଁ। ଏମାନେ ଖୋଲା ବୁଲନ୍ତି ଏବଂ ଏହାକୁ କେହି କ୍ଷତି ପହଞ୍ଚାନ୍ତି ନାହିଁ। ବନ ମଧ୍ୟରେ ବାଦୁଡ଼ି, ଚେମଣୀ, ବିଭିନ୍ନ ଧରଣର ସାପ ରହୁଥିଲାବେଳେ ଅନେକ ସମୟରେ ଭାଲୁ ଆସି ରହିଥାନ୍ତି। ବନର ପାଖରେ ଥିବା ଗଛଗୁଡ଼ିକରେ ଗେଣ୍ଡାଳିଆ ଭଳି ପକ୍ଷୀଗୁଡ଼ିକ ବସା ବାନ୍ଧିଥାନ୍ତି। ଗ୍ରାମବାସୀଙ୍କର ବିଶ୍ୱାସ ଅଛି ଯେ ଏହି ବନ ମଧ୍ୟରେ ଥିବା ବାଉଁଶ ଆଉ କେଉଁଠାରେ ବଞ୍ଚିପାରିବନାହିଁ। ତେବେ ଏଠାରେ ଏକ ଭିନ୍ନ ଧରଣର ନିୟମ ଅଛି। ଯଦି କେହି ବନ ମଧ୍ୟରୁ ବାଉଁଶ ଦେବାକୁ ଇଚ୍ଛା କରେ ତେବେ ପୂଜାରୀଙ୍କୁ ନଡ଼ିଆ ଦେଇ ଦେବୀଙ୍କ ଠାରେ ପୂଜା କରାଇବ ଏବଂ ବାଉଁଶ ଦେଇପାରିବ। ତେବେ ସାଧାରଣତଃ ଏହା କରାଯାଇନଥାଏ। ଏହା ସମ୍ପୂର୍ଣ୍ଣ ଭାବେ ଏକ ବାଉଁଶ ବୃକ୍ଷ ଆଧାରିତ ପବିତ୍ର ବନ ଯେଉଁଠି ଅନ୍ୟ କୌଣସି ପ୍ରକାରର ବୃକ୍ଷ ଦେଖାଯାଇନଥାଏ। ଏହା ଏତେ ଘଞ୍ଚ ଯେ ମାଟିରେ ସୂର୍ଯ୍ୟକିରଣ ମଧ୍ୟ ପଡ଼ିନଥାଏ। ତେଣୁ ବର୍ଷା ଦିନେ ଓ ଶୀତ ଦିନେ ସନ୍ତସନ୍ତିଆ ରହିଥାଏ। ତେବେ ଅଳ୍ପ କେତେକ ସ୍ଥାନରେ ଔଷଧୀୟ ଗୁଳ୍ମ ଲତା ମଧ୍ୟ ଦେଖିବାକୁ ମିଳିଥାଏ। ତେଣୁ କେବଳ ଗ୍ରାମର ବୈଦ୍ୟମାନେ ହିଁ ଏହାକୁ ସଂଗ୍ରହ କରିପାରିବେ।

କେରଳରେ ୨୦୦୦, ମହାରାଷ୍ଟ୍ରରେ ୧୬୦୦ ରହିଛି। ଏହି ସାରଣୀରେ ଓଡ଼ିଶାରେ ୩୨୨ଟି ଧର୍ମୀୟ ବନ ରହିଥିବା କଥା କୁହାଯାଇଛି। ତେବେ ପ୍ରକୃତରେ ଦେଖିବାକୁ ଗଲେ ଏହା ହେଉଛି କେବଳ କୋରାପୁଟ ଜିଲ୍ଲା ଅନ୍ତର୍ଗତ ହେଉଥିବା ସେମିଲିଗୁଡ଼ା ବ୍ଲକ ମଧ୍ୟରେ ଆସୁଥିବା ଧର୍ମୀୟ ବନର ସଂଖ୍ୟା। ଯଦି ସମ୍ପୂର୍ଣ୍ଣ କଥା ବିଚାର କରାଯିବ ତେବେ ଓଡ଼ିଶାରେ ଏହାର ସଂଖ୍ୟା ୫୦୦୦ରୁ ଊର୍ଦ୍ଧ୍ୱ ହେବା ଆଶା ରଖାଯାଏ। ସୂଚନା ଅନୁସାରେ ନୟାଗଡ଼ ଜିଲ୍ଲାର ରଣପୁର, ଗଣିଆ ବ୍ଲକ, ଦେବଗଡ଼ ଜିଲ୍ଲାର ବାରକୋଟ ବ୍ଲକ, ସୁନ୍ଦରଗଡ଼ ଜିଲ୍ଲାର ବଣାଇ ବ୍ଲକ, ମୟୁରଭଞ୍ଜ ଜିଲ୍ଲାର ବାରିପଦା ବ୍ଲକରେ ପ୍ରାୟ ୭୦୦ରୁ ଊର୍ଦ୍ଧ୍ୱ ଧର୍ମୀୟ ବନ ରହିଛି ଏବଂ ଲୋକେ ଏହାର ସୁରକ୍ଷା ଓ ସଂରକ୍ଷଣ କରିଆସୁଛନ୍ତି। କେଉଁଝର ଜିଲ୍ଲା ବାଂଶପାଳ ବ୍ଲକରେ ମଧ୍ୟ ୫୨୪ଟି ଧର୍ମୀୟ ବନ ରହିଛି, ଯାହାକୁ ଜୁଆଙ୍ଗ ପୀଢ଼ର ଜୁଆଙ୍ଗ ଆଦିବାସୀମାନେ ସୁରକ୍ଷା କରିଆସୁଛନ୍ତି। ସେମାନେ ସମ୍ପୃକ୍ତ ବନର ଦେବୀଙ୍କୁ ନଇସୋରିଆ, ସମଲାଇ, ମେର୍ଗାନ୍ସାରି ଆଦି ନାମରେ ପୂଜା କରିଥାନ୍ତି। ଏହା ଛଡ଼ା ନବରଙ୍ଗପୁର, ବଲାଙ୍ଗୀର, ସୋନପୁର, କଳାହାଣ୍ଡି, ମାଲକାନଗିରି ଆଦି ଆଦିବାସୀ ଅଧ୍ୟୁଷିତ ଜିଲ୍ଲାରେ ଅନେକ ଧର୍ମୀୟ ବନ ରହିଛି। କିନ୍ତୁ ତାହାର ନଥିକରଣ ଲାଗି ରାଜ୍ୟ ସରକାରଙ୍କ ତରଫରୁ ଆଦୌ ଚେଷ୍ଟା କରାଯାଇନାହିଁ। ତେଣୁ ଏହି ଜିଲ୍ଲା ସହିତ ଅନ୍ୟ ଆଦିବାସୀ ଅଧ୍ୟୁଷିତ ଜିଲ୍ଲାଗୁଡ଼ିକରେ ଧର୍ମୀୟ ବନ ଚିହ୍ନଟ କରାଗଲେ ଏହାର ସଂଖ୍ୟା ଆହୁରି ବୃଦ୍ଧି ପାଇବ ତଥା ଏହାର ସୁରକ୍ଷା ଓ ସଂରକ୍ଷଣ କରାଯାଇପାରିବ।

### ସୁରକ୍ଷାର କାରଣ ?

ଧର୍ମୀୟ ବନକୁ ବିଗତ ହଜାର ହଜାର ବର୍ଷ ଧରି ପୂଜା କରାଯାଇ ଆସୁଅଛି। ଏହା କିପରି ସୁରକ୍ଷିତ ରହିପାରିବ ତାହା ଲାଗି ଯତ୍ନ ନିଆଯାଇଆସିଅଛି। ଏହାର ମୁଖ୍ୟ କାରଣ ହେଲା ପାରମ୍ପରିକ ଭାବେ ପୀଢ଼ି ପରେ ପୀଢ଼ି ଭାବେ ଗଢ଼ି ଆସୁଥିବା ଧର୍ମୀୟ ବିଶ୍ୱାସ ଏବଂ ସାଂସ୍କୃତିକ ପରମ୍ପରା। ଏହି ସାଂସ୍କୃତିକ ପରମ୍ପରା ତଥା ପାରମ୍ପରିକ ବିଶ୍ୱାସ ହିଁ ଏ ପ୍ରକାର ବନଗୁଡ଼ିକୁ ଏପର୍ଯ୍ୟନ୍ତ ସୁରକ୍ଷିତ ଭାବେ ରଖିଆସିବାର ଏକ ମାତ୍ର କାରଣ ଅଟେ। ଆଉ ଗୋଟିଏ ଦୃଷ୍ଟିରୁ ବିଚାର କଲେ ଏଗୁଡ଼ିକ କେତେଗୁଡ଼ିଏ ଗ୍ରାମ ମଧ୍ୟରେ ସମ୍ପର୍କର ସେତୁ ବାନ୍ଧି ଆସିଛି। ବର୍ଷର ସ୍ୱତନ୍ତ୍ର ଦିନଗୁଡ଼ିକରେ ଏହି ଧର୍ମୀୟ ବନ ମଧ୍ୟରେ ପୂଜାପାର୍ବଣ ତଥା ଯାନିଯାତ୍ରା ହୋଇଥାଏ ଏବଂ ଆଦିବାସୀ ଗ୍ରାମଗୁଡ଼ିକରୁ ଜନସମାଗମ ହୋଇଥାଏ। ଅନେକ ସମୟରେ ଏହା ଗୀତ, ନାଚରେ ଏକ ପ୍ରକାର ଝୁମି ଉଠିଥାଏ। ବାକି ସମସ୍ତ ଦିନ ଗୁଡ଼ିକରେ ଏହା ନୀରବ ଥାଏ। କେହି ଏହା ମଧ୍ୟକୁ ପ୍ରବେଶ କରନ୍ତି ନାହିଁ। ଯଦି ପ୍ରବେଶ କରନ୍ତି ତେବେ ସମ୍ପୃକ୍ତ ଦେବଦେବୀଙ୍କ ଠାରେ ଡାଳ ଅବା ପତ୍ରକୁ ଅର୍ପଣ କରିଥାନ୍ତି। ଏହା ସେମାନଙ୍କର ଦେବଦେବୀଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ ଅଟେ। ସେମାନଙ୍କର ବିଶ୍ୱାସ ଯେ, ଏହି ବାଟ ଦେଇ ଗଲେ ଯଦି ତୁମେ ଦେବୀଙ୍କୁ ଡ଼ାଳ ଅବା ପତ୍ରଟିଏ ଥୋଇ ପ୍ରଣାମ ନକରିଛ, ତେବେ ତୁମର ଅମଙ୍ଗଳ ହେବ।

ସାଧାରଣତଃ ଆଦିବାସୀମାନେ ସର୍ବଦା ଏକତ୍ର ଗୋଷ୍ଠୀ ବାନ୍ଧି ରହିବାକୁ ପସନ୍ଦ କରିଥାନ୍ତି। ସେମାନଙ୍କର ସମସ୍ତ ଗ୍ରାମ ଜଙ୍ଗଲ ଭରା ଅଞ୍ଚଳରେ ହୋଇଥାଏ। ସେମାନେ ନିଜର ଜୀବନଜୀବିକା ଲାଗି ଜଙ୍ଗଲ କାଟି ଫସଲ କରିବା,

ଶିକାର ଆଦି କରିଥାନ୍ତି । ଏହାଛଡ଼ା ଜଙ୍ଗଲରୁ କନ୍ଦା ତଥା ଫଳମୂଳ ସଂଗ୍ରହ କରିଥାନ୍ତି । ତେବେ ଅନେକ ସମୟରେ ମରୁଡ଼ି ହେବା, ଖାଦ୍ୟ ନମିଳିବା, ଶିକାର ନମିଳିବା, ଫସଲ ନହେବା, ରୋଗ ଦ୍ୱାରା ଆକ୍ରାନ୍ତ ଏବଂ ମରିଯିବା ତଥା ପ୍ରେତାତ୍ମାଙ୍କ ଦ୍ୱାରା ପ୍ରଭାବିତ ହେବା ଆଶଙ୍କାରେ ସେମାନେ ବିଭିନ୍ନ ବୃକ୍ଷକୁ ବିଭିନ୍ନ ଦେବାଦେବୀଙ୍କ ନାମରେ ପୂଜା କରିଆସୁଛନ୍ତି । ସେମାନଙ୍କର ବିଶ୍ୱାସ ଯେ, ଏହାଦ୍ୱାରା ସେମାନେ ନିଜକୁ ବିପଦରୁ ମୁକ୍ତ କରିପାରିବା ସହିତ ଏକ ସୁଖମୟ ଜୀବନ ବଞ୍ଚିପାରିବେ ।

'ଜାହିରା', 'ସାରନା' ଆଦି ସ୍ୱତନ୍ତ୍ର ନାମରେ ଆଦିବାସୀ ଗୋଷ୍ଠୀମାନେ ନିଜର ଧର୍ମୀୟ ବନକୁ ଚିହ୍ନଟ ତଥା ସ୍ୱତନ୍ତ୍ର କରିଥାନ୍ତି । ଅନେକ ଆଦିବାସୀ ଗ୍ରାମରେ ଜଙ୍ଗଲ କହିଲେ କେବଳ ଏତିକି ବୁଝାଇଥାଏ, କାରଣ ଅନ୍ୟାନ୍ୟ ଜଙ୍ଗଲ ନଷ୍ଟ ହୋଇଯାଇଥାଏ ।

## ଧର୍ମୀୟ ବନ ଓ ଜୈବବିବିଧତା

ପୂର୍ବରୁ କୁହାଯାଇଛି ଯେ, ଧର୍ମୀୟ ବନ ଅନେକ ବୃକ୍ଷ ସମୁହର ସମାହାର ଏକ କ୍ଷୁଦ୍ର ଜଙ୍ଗଲ, ପାହାଡ଼ର ଏକ ଅଂଶ କିମ୍ବା ସମ୍ପୂର୍ଣ୍ଣ ପାହାଡ଼କୁ ବୁଝାଯାଇପାରେ । ଯେହେତୁ ଏହାକୁ ମାନବୀୟ ହସ୍ତକ୍ଷେପଠାରୁ ବହୁତ ଦୂରରେ ରଖାଯାଏ ଏବଂ ଏହା ମଧ୍ୟରେ ପ୍ରବେଶ ଖୁବ୍ ନିୟନ୍ତ୍ରିତ ଅଟେ, ତେଣୁ ଏହି ମଧ୍ୟରେ ଅନେକ ସ୍ତନ୍ୟପାୟୀ ପ୍ରାଣୀ, ପକ୍ଷୀ, ସରୀସୃପ, କୀଟପତଙ୍ଗ ଆଦି ବନ୍ୟପ୍ରାଣୀ ରହିବା ସହିତ ବିଭିନ୍ନ ଧରଣର ବୃକ୍ଷଲତା, ଔଷଧୀୟ ଗୁଳ୍ମ, କନ୍ଦା ଆଦି ରହିବାର ସମ୍ଭାବନା ଥାଏ । ତେଣୁ ଏହାକୁ ଏକ ଅଣୁ ଅଭୟାରଣ୍ୟ ମଧ୍ୟ କୁହାଯାଇପାରେ । ଧର୍ମୀୟ ବନ ମଧ୍ୟରେ ଝରଣା, ଝର କିମ୍ବା ସେହିଭଳି ଜଳସ୍ରୋତ ରହିବା ବା ଜଳ ଜମି ରହିବା କାରଣରୁ ସେଠାରେ ଭୂତଳ ଜଳସ୍ତର ସ୍ଥିର ରହିବା ସହିତ ଏହାର ସ୍ତରକୁ ବଢ଼ାଇବାରେ ଏହା ସହାୟତା କରିଥାଏ । ତେଣୁ ଅନେକ ସମୟରେ ଅନେକ ବିଲୁପ୍ତପ୍ରାୟ ବନ୍ୟପ୍ରାଣୀ, ଔଷଧୀୟ ଗୁଳ୍ମ ଆଦି ଏହା ମଧ୍ୟରେ ରହିଥାନ୍ତି । ତେଣୁ ଏହା ଏକ କ୍ଷୁଦ୍ର ଜୈବବିବିଧତା ଅଞ୍ଚଳ ପ୍ରସ୍ତୁତ କରିଥାଏ । ତେବେ ସବୁ ଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଧର୍ମୀୟ ବନର କୌଣସି ପରିଚାଳନା କରାଯାଉନଥିବାରୁ ଏଥିରେ ବହୁ ବର୍ଷର ପୁରାତନ ବୃକ୍ଷ, ଲତା ଆଦି ଦେଖିବାକୁ ମିଳିଥାଏ ।

## ମାଡ଼ି ଆସୁଛି ବିପଦ

ସାମ୍ପ୍ରତିକ ସ୍ଥିତିରେ ଶିଳ୍ପକୁ ସାମାଜିକ ଓ ଅର୍ଥନୈତିକ ଉନ୍ନତି ଦୃଷ୍ଟିରେ ଦେଖୁଥିବା ସରକାର ଶିଳ୍ପ ସ୍ଥାପନ, ଖଣିଖାଦନ, ସଡ଼କ ନିର୍ମାଣ, ଡ୍ୟାମ୍ ଆଦି ଲାଗି ଜଙ୍ଗଲ ତଥା ଜଙ୍ଗଲ ଜମିକୁ ବ୍ୟବହାର କରୁଛନ୍ତି । ଏହାଦ୍ୱାରା ସାଧାରଣ ଭାବେ ଜଙ୍ଗଲ ନଷ୍ଟ ହେଉଥିବା ବେଳେ ଧର୍ମୀୟ ବନଗୁଡ଼ିକ ସମ୍ପୂର୍ଣ୍ଣ କିମ୍ବା ଆଂଶିକଭାବେ ପ୍ରଭାବିତ ହେଉଛି । ଆଂଶିକ ଭାବେ ପ୍ରଭାବିତ ହେଉଥିବା ଧର୍ମୀୟ ବନଗୁଡ଼ିକ ସମୟକ୍ରମେ ଲୁପ୍ତ ହୋଇଯାଉଛନ୍ତି । ଅନେକ କ୍ଷେତ୍ରରେ ଆଂଶିକ ଭାବେ ପ୍ରଭାବିତ ହେଉଥିବା ଧର୍ମୀୟ ବନଗୁଡ଼ିକ ମଧ୍ୟ ସମୟ କ୍ରମେ ପ୍ରଥମରୁ ସଂଲଗ୍ନ ଥିବା ମୂଳ ଜଙ୍ଗଲ ଠାରୁ ଦୂରେଇ ଯାଉଛନ୍ତି । ଫଳରେ ତାହାର ଜୈବବିବିଧତା ମଧ୍ୟରେ ଏକ ବୃହତ ବ୍ୟବଧାନ ରହିଯାଉଛି । ଗୋଟିଏ ଥର ଯଦି ପବିତ୍ର ବନ ମଧ୍ୟରେ କିମ୍ବା ଏହା ସଂଲଗ୍ନ ଅଞ୍ଚଳ ମଧ୍ୟରେ ବାହ୍ୟ ପ୍ରବେଶ ଘଟିଲା, ତେବେ ଏହା ଉଜୁଡ଼ି ଯିବାର ବହୁତ ସମ୍ଭାବନା ଥାଏ । ଏବଂ ଅନେକ କ୍ଷେତ୍ରରେ ମଧ୍ୟ ଏହା ଦେଖାଯାଇଛି । ତେବେ ଦେଖାଯାଉଥିବା କେତେକ ପ୍ରମୁଖ କାରଣଗୁଡ଼ିକ ହେଲା–

୧) ଉନ୍ନତିମୂଳକ ଯୋଜନା ଯଥା: ଖଣି, ଶିଳ୍ପ ଓ ସଡ଼କ ।
୨) ଜବରଦଖଲ ଯଥା: ଚାଷଜମି, ବ୍ୟକ୍ତିଗତ ସମ୍ପତ୍ତିର ସୀମା ବୃଦ୍ଧି କରାଯିବା ।
୩) ସିମେଣ୍ଟ କଂକ୍ରିଟ୍‌ର ବ୍ୟବହାର ଯଥା ଆଧୁନିକ ଗୃହ ନିର୍ମାଣ ।
୪) ସହରୀକରଣ
୫) ଅଣ ଜଙ୍ଗଲ କାର୍ଯ୍ୟଲାଗି ଜଙ୍ଗଲ ଜମିର ପରିବର୍ତ୍ତନ
୬) ପ୍ରଦୂଷଣ (ଧୂଳି)
୭) ପ୍ରାକୃତିକ ଭାବେ ଉଜୁଡ଼ି ଯିବା
୮) ଅର୍ଥନୈତିକ ଚାଷ ଯଥା: କପା ଓ ମକା

ଉପରୋକ୍ତ ୮ଗୋଟି କାରଣ ଯୋଗୁଁ ଧର୍ମୀୟ ବନ ନଷ୍ଟ ହେବାରେ ଲାଗିଛି । ଗୋଟିଏ ପଟେ ଉନ୍ନତିକରଣ ଯୋଜନା ଯଥା ସଡ଼କ ନିର୍ମାଣ କିମ୍ବା ପ୍ରଶସ୍ତୀକରଣ ଏକ ପ୍ରମୁଖ ସମସ୍ୟା ଭାବେ ଛିଡ଼ା ହୋଇଛି । ଏହା ଛଡ଼ା ଚୋରାରେ ପଥର ଚାଲାଣ, ଜବର ଦଖଲ ମଧ୍ୟ ଅନ୍ୟତମ କାରଣ ଅଟେ । ସହରୀକରଣ ହେବା ଦ୍ୱାରା ଗ୍ରାମର ସୀମା ବଢ଼ିବାରେ ଲାଗିଛି । ଜନସଂଖ୍ୟା ବୃଦ୍ଧି ମଧ୍ୟ ଏହାର ଅନ୍ୟ ଏକ କାରଣ । ଯେଉଁ ସ୍ଥାନରେ ଧର୍ମୀୟ ବନ ଅଛି, ସେଠାରେ କୌଣସି ଶିଳ୍ପ, ଖଣିଖାଦାନ ହେଲେ ସେଠାରୁ ନିର୍ଗତ ହେଉଥିବା ପାଉଁଶଯୁକ୍ତ ଧୁଆଁ, ଧୂଳିଗୁଣ୍ଡ ସବୁ ଉଡ଼ି ଆସି ସମ୍ପୃକ୍ତ ଧର୍ମୀୟ ବନରେ ପଡ଼ିବା ଫଳରେ ସ୍ୱାଭାବିକ ଭାବେ ପତ୍ର କଅଁଳିବା, ଫୁଲ ଧରିବା, ମଞ୍ଜିର ଅଙ୍କୁରଦ୍‌ଗମ ବା ଗଜା ହେବା ଆଦିରେ ବାଧାସୃଷ୍ଟି ହେବାର ଆଶଙ୍କା ରହୁଛି । ସେହିଭଳି, ମୃତ୍ତିକାକ୍ଷୟ ମଧ୍ୟ ଅନ୍ୟ ଏକ କାରଣ ଅଟେ । କାରଣ ପାହାଡ଼ର ପାଦଦେଶ ବା ଅନ୍ୟ ଭାଗରେ ଥିବା ପବିତ୍ର ବନଗୁଡ଼ିକରେ ବର୍ଷା ଦିନେ ବର୍ଷାଜଳ ପ୍ରବାହିତ ହେବା ଦ୍ୱାରା ପାହାଡ଼ର ମାଟି ଧୋଇହୋଇଯାଏ । ତେଣୁ ଏହାଦ୍ୱାରା ମାଟି ଧସିଯିବା, ଗର୍ତ୍ତ ସୃଷ୍ଟି



କୁସୁମୀ ଗ୍ରାମର ଧର୍ମୀୟ ବନ ମଧ୍ୟରେ ସିମେଣ୍ଟ କଂକ୍ରିଟ୍‌ରେ ନିର୍ମିତ ପିଣ୍ଡି

ହେବା ଆଦି ଘଟଣା ମଧ୍ୟ ଘଟିଥାଏ । ତେଣୁ ଏହା ସମ୍ପୃକ୍ତ ବନର ଉଜୁଡ଼ିଯିବା ଲାଗି ଅନ୍ୟତମ କାରଣ । ଅର୍ଥନୈତିକ ଚାଷ ମଧ୍ୟ ଅନ୍ୟତମ କାରଣ ଭାବେ ଗତ କିଛି ବର୍ଷ ଧରି ଉଭା ହୋଇଛି । ବିଶେଷ କରି ନବରଙ୍ଗପୁରର ମକାଚାଷ ଓ ଅନ୍ୟାନ୍ୟ ଜିଲ୍ଲାରେ କପାଚାଷ କରାଯିବା ଧର୍ମୀୟ ବନ ଲାଗି ବିପଦ ସୃଷ୍ଟିକରିଛି । ନବରଙ୍ଗପୁରରେ ମକାଚାଷ କରାଯିବା ଲାଗି ଶହ ଶହ ହେକ୍ଟର ଶାଳ ଜଙ୍ଗଲ କଟାଯାଇଛି । ଫଳରେ ଏହା ମଧ୍ୟରେ ଥିବା ଧର୍ମୀୟ ବନ ସବୁ ସଂକୀର୍ଣ୍ଣ ହୋଇଯାଇଛି । କେତେକ କ୍ଷେତ୍ରରେ ମାତ୍ର କେତୋଟି ହାତ ଗଣତି ବୃକ୍ଷ ମଧ୍ୟରେ ଏହି ବନ ସୀମିତ ହୋଇଯାଇଛି । ତେବେ ଆଧୁନିକୀକରଣର ପ୍ରଭାବ ମଧ୍ୟ ଧର୍ମୀୟ ବନକୁ ଛାଡ଼ିନାହିଁ । ପୂର୍ବରୁ ଏ ପ୍ରକାର ବନ ମଧ୍ୟରେ ଗଛମୂଳେ ରଖାଯାଇଥିବା ପଥର କିମ୍ବା ଉକ୍ତ ଗଛକୁ ପୂଜା କରାଯାଉଥିବାବେଳେ ବର୍ତ୍ତମାନ ସେଠାରେ ପଥର ମୂର୍ତ୍ତି ସ୍ଥାପନ, ଦେବାଦେବୀ ବସିବା ପାଇଁ ସିମେଣ୍ଟରେ ପିଣ୍ଡି ନିର୍ମାଣ, ପୂରାତନ ଦେବଦେବୀଙ୍କ ପଥର ମୂର୍ତ୍ତି ସଙ୍ଗରେ ହିନ୍ଦୁ ଧର୍ମର ଦେବଦେବୀଙ୍କ ଫଟୋ ରଖାଯିବା, ଇଟା, ଗୋଡ଼ି, ବାଲି, ସିମେଣ୍ଟର ମିଶ୍ରଣରେ ମନ୍ଦିର ନିର୍ମାଣ, ହଣ୍ଡାଶାଳ, ରୋଷଘର ଆଦି ନିର୍ମାଣ କରାଯିବା ଆଦି ଅନ୍ତର୍ଭୁକ୍ତ ହେଲାଣି । ତେଣୁ ଏହାକୁ ଅନ୍ୟ ଏକ କାରଣ ମଧ୍ୟ କୁହାଯାଇପାରେ । ଅନେକ ସମୟରେ ସ୍ଥାନୀୟ ଲୋକେ ନିଜର ଆବଶ୍ୟକତା ଲାଗି ଭୋଜିର ଆୟୋଜନ ମଧ୍ୟ କରୁଛନ୍ତି । ସଭ୍ୟତା ଆଧୁନିକୀକରଣ ହେବା ଦ୍ୱାରା ଯୁବପିଢ଼ୀର ଲୋକମାନେ ପୁରୁଣା ପ୍ରଥା ତଥା ବିଶ୍ୱାସଗୁଡ଼ିକରୁ ବିଶ୍ୱାସକୁ ନେଉନାହାନ୍ତି । ସେମାନଙ୍କ ବାପ, ଅଜାମାନେ ଧର୍ମୀୟ ବନ ତଥା ତାହାର ଦେବାଦେବୀଙ୍କୁ ଯେପରି ବୁଝନ୍ତି ଏବଂ ଭକ୍ତି କରନ୍ତି ତାହା ଧୀରେଧୀରେ କମିଯିବାରେ ଲାଗିଛି । ଯୁବପିଢ଼ୀ ସେମାନଙ୍କର ପୁରାତନ ସାଂସ୍କୃତିକ ଭାବଧାରାକୁ ଆପଣାଇବାକୁ ଚେଷ୍ଟା କରୁନାହାନ୍ତି କିମ୍ବା ଆବଶ୍ୟକ ବୋଲି ମନେ କରୁନାହାନ୍ତି । ବାହାରୁ ବିସ୍ଥାପିତ ହୋଇ ଆସୁଥିବା ଗୋଷ୍ଠୀ ବା ସମ୍ପ୍ରଦାୟଙ୍କ ଦ୍ୱାରା ମଧ୍ୟ ଧର୍ମୀୟ ବନ ଖୁବ୍ ମାତ୍ରାରେ ପ୍ରଭାବିତ ହେଉଛି । ଗୋଚାରଣ ମଧ୍ୟ ଅନ୍ୟ ଏକ କାରଣ ।

### ଲୋଡ଼ା ହେଉଛି ସଂରକ୍ଷଣ

ଧର୍ମୀୟ ବନ କେତେକ ସ୍ଥାନରେ ବାହ୍ୟ ପ୍ରଭାବରୁ ବର୍ତ୍ତମାନ ମୁକ୍ତ ଥିଲେ ମଧ୍ୟ ତାହା ଯେ ଭବିଷ୍ୟତରେ ବିପଦଗ୍ରସ୍ତ ହେବନାହିଁ, ତାହା କୁହାଯାଇପାରିବନାହିଁ । ବର୍ତ୍ତମାନ ସୁଦ୍ଧା ଅନେକ ଧର୍ମୀୟ ବନ ଇତି ମଧ୍ୟରେ ନିଶ୍ଚିହ୍ନ ହୋଇଯାଇଛି, ସଙ୍କୁଚିତ ହୋଇଯାଇଛି, ଉଜୁଡ଼ି ଯାଇଛି । କେତେକ ଧର୍ମୀୟ ବନ ବର୍ତ୍ତମାନ କେତୋଟି ହାତ ଗଣତି ବୃକ୍ଷ ମଧ୍ୟରେ ସୀମିତ ହୋଇଯାଇଛି । ସେଠାରେ ପୂର୍ବରୁ ବାସକରୁଥିବା ପଶୁପକ୍ଷୀ ବାସହରା ହୋଇଛନ୍ତି । ଔଷଧୀୟ ବୃକ୍ଷ ସବୁ ନିଶ୍ଚିହ୍ନ ହୋଇଯାଇଛନ୍ତି । ପାହାଡ଼ରୁ ମାଟି ଧସିଯାଉଛି । ତେଣୁ ଏହି ସବୁକୁ ରୋକିବାକୁ ହେଲେ ଏହାର ସଂରକ୍ଷଣ କରାଯିବା ନିହାତି ଜରୁରୀ । ଲୋକ ସଚେତନତା ସୃଷ୍ଟି କରାଯିବା ନିହାତି ଜରୁରୀ । ତେଣୁ ପ୍ରଥମେ ସମଗ୍ର ରାଜ୍ୟରେ ଥିବା ଧର୍ମୀୟ ବନଗୁଡ଼ିକୁ ଚିହ୍ନଟ କରାଯିବା ଦରକାର । ଏହାର ସୁରକ୍ଷା ଓ ସଂରକ୍ଷଣ କିପରି ସ୍ଥାନୀୟ ଗ୍ରାମ, ଗ୍ରାମଗୋଷ୍ଠୀଙ୍କ ଦ୍ୱାରା କରାଯାଇପାରିବ ତାହାର ବ୍ୟବସ୍ଥା କରାଯିବା ଜରୁରୀ । ଏଥିରେ ଜଙ୍ଗଲ ସୁରକ୍ଷା କମିଟି, ବନସଂରକ୍ଷଣ ସମିତି ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନେ ଆଗେଇ ଆସିବା ଉଚିତ । ସେମାନେ ଜଙ୍ଗଲ ଅଧିକାର ଆଇନ, ୨୦୦୬ ଅଧୀନରେ ଗୋଷ୍ଠୀ ଜଙ୍ଗଲ ସମ୍ବଳ ଭାବେ ଧର୍ମୀୟ ବନ ଲାଗି ଆବେଦନ କରିପାରିବେ । ଏହାଦ୍ୱାରା ଧର୍ମୀୟ ବନଟି ଗ୍ରାମଗୋଷ୍ଠୀଙ୍କ ହାତକୁ ଯିବା ସହିତ ସେମାନେ ଏହାର ସୁରକ୍ଷା ଓ ପରିଚାଳନା କରିପାରିବେ ।

✧

**ସବ୍ୟସାଚୀ ରଥ**



**ନବରଙ୍ଗପୁର ଜିଲ୍ଲା ଝରିଗାଁରେ ଥିବା ଧର୍ମୀୟ ବନ ସଡ଼କ ନିର୍ମାଣ ଦ୍ୱାରା ସଂକୁଚିତ ହେବାର ଦୃଶ୍ୟ**

## ସମ୍ପାଦକୀୟ ଅଭିମତ

ଧର୍ମୀୟ ବନଗୁଡ଼ିକର ପରିଚାଳନା ଯଦି କେଉଁଠାରେ ହେଉଥାଏ, ତେବେ ଜଙ୍ଗଲ ପରିଚାଳନା ଦୃଷ୍ଟିରୁ ନହୋଇ ବରଂ ଧର୍ମପୀଠ ପରିଚାଳନା ଭଳି ହୋଇଥାଏ । ବିଭିନ୍ନ ସମ୍ପ୍ରଦାୟର ଏ ସମ୍ପର୍କରେ ପୃଥକ ପୃଥକ ପରମ୍ପରା ରହିଛି । ଏ ପ୍ରକାର ବନ ପ୍ରାକୃତିକ ଭାବେ ନଷ୍ଟ ହେବାକୁ ବସିଥିଲେ ସୁଦ୍ଧା ସେଠାରେ ଉପଯୋଗୀ ବୃକ୍ଷରୋପଣ କରିବାକୁ ଅନେକ ସମ୍ପ୍ରଦାୟ ଉଚିତ ମନେକରନ୍ତି ନାହିଁ, ହୁଏତ ସାହସ କରନ୍ତି ନାହିଁ ।

ସମୟ ସ୍ରୋତରେ କେତେକ ଧର୍ମବିଶ୍ୱାସ ଶିଥିଳ ହୋଇପଡ଼ିବା ପରି ଧର୍ମୀୟ ବନର ବଳିଷ୍ଠ ପରମ୍ପରା ମଧ୍ୟ ଅନେକ ଆଦିବାସୀ ସମ୍ପ୍ରଦାୟରେ ଦୁର୍ବଳ ହୋଇଅଛି । ଧର୍ମ ପରିବର୍ତ୍ତନ ଦ୍ୱାରା ମଧ୍ୟ ଏପରି ପାରମ୍ପରିକ ବ୍ୟବସ୍ଥା ନଷ୍ଟ ହୋଇଥିବାର ଦୃଷ୍ଟାନ୍ତ ରହିଛି । ଏହାକୁ ଲକ୍ଷ୍ୟ କରି ସାନ୍ତାଳୀ ସମାଜର ଜଣେ ଧର୍ମଗୁରୁ ସାରନା ଧର୍ମର ନବଜାଗରଣ କରାଇଥିଲେ ।

କେରଳ ସରକାର ଏପରି ଧର୍ମୀୟ ବନକ୍ଷେତ୍ରକୁ ଜୈବବିବିଧତା ସଂରକ୍ଷଣ କ୍ଷେତ୍ର ରୂପେ ସୁରକ୍ଷିତ ଓ ବିକଶିତ କରିବା ଲାଗି ଯୋଜନା କରିଥିଲେ । ଓଡ଼ିଶା ସରକାର ମଧ୍ୟ ଏଭଳି କିଛି ସ୍ୱତନ୍ତ୍ର ପଦକ୍ଷେପ ନେବା ଉଚିତ ।

# ବିପଥରେ ହାତୀ ଚଳାପଥ ?

ପ୍ରସଙ୍ଗ

ସାମ୍ପ୍ରତିକ ସମୟରେ ହାତୀ ଉପଦ୍ରବ ବଢ଼ୁଥିବା, ମନୁଷ୍ୟ ହାତୀ ସଂଘର୍ଷ ବଢ଼ି ଚାଲୁଥିବା ବେଳେ ଖଣିଖାଦାନ, ଶିଳ୍ପ ଓ ସହରୀକରଣ ଯୋଗୁଁ ହାତୀ ଆବାସସ୍ଥଳୀଗୁଡ଼ିକ ଭାଗଭାଗ ହୋଇଯାଉଛି । ତେଣୁ ପ୍ରଥମେ ହାତୀ ଆବାସସ୍ଥଳୀଗୁଡ଼ିକୁ ନଷ୍ଟଭ୍ରଷ୍ଟ କରିବା ପରେ ଏବେ ତାହାକୁ ପରସ୍ପର ମଧ୍ୟରେ ଯୋଡ଼ିବା ତଥା ହାତୀର ଚଳାପଥଗୁଡ଼ିକୁ ସଂଯୋଗ କରିବା ଲାଗି ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗ କାର୍ଯ୍ୟ ଆରମ୍ଭ କରିଛି । ଏହା ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଏବଂ ଏହା ଠିକ ଭାବେ କାର୍ଯ୍ୟକାରୀ ହେବା ଉଚିତ । କିନ୍ତୁ ଏହି ଚଳାପଥ (Corridor) ଯୋଜନା ଯଦି ଠିକ୍ ଭାବେ କାର୍ଯ୍ୟ କଲା ନାହିଁ ତେବେ ସବୁ କରିକି କିଛି କରିନପାରିଲା ଭଳି ହେବ । ଠିକ୍ ଏହାହିଁ ଘଟିଛି ଢ଼େଙ୍କାନାଳ ଜିଲ୍ଲାର କାମାକ୍ଷାନଗର ଠାରେ । କାମାକ୍ଷାନଗର ବ୍ଲକ ଅନ୍ତର୍ଗତ ବ୍ରାହ୍ମଣିଆ ଗାଁ' ନିକଟରେ ନିର୍ମାଣ କରାଯାଇଥିବା ହାତୀ ଚଳାପଥ ସମ୍ପୂର୍ଣ୍ଣ ଭାବେ ଫେଲ୍ ମାରିଛି । 'ଧରିତ୍ରୀ' ଖବରକାଗଜରେ ଏ ବିଷୟ ପ୍ରକାଶିତ ହେବା (ତା.୧୪.୯.୧୨)ପରେ ଆର.ସି.ଡି.ସି. ପକ୍ଷରୁ ଏ ବିଷୟରେ ପ୍ରତ୍ୟକ୍ଷ ଅନୁସନ୍ଧାନ କରାଯିବା ପରେ ଅନେକ ତଥ୍ୟ ସାମନାକୁ ଆସିଥିଲା ଯାହା ବର୍ତ୍ତମାନ ଉଲ୍ଲେଖ କରାଯାଇଅଛି ।

ବ୍ରାହ୍ମଣୀ ନଦୀ ଠାରୁ ଆରମ୍ଭ ହୋଇଥିବା ରେଙ୍ଗାଲି ଲେଫ୍ଟ ବ୍ୟାଙ୍କ କେନାଲ ଓଡ଼ିଶା ପାଇଁ ଅର୍ଥନୈତିକ ପ୍ରଗତିର କଥା କହୁଥିବା ବେଳେ ଏହାର ଦୁଇପାଖରେ ଥିବା ପ୍ରାୟ ୩୬୦ ଗୋଟି ଗ୍ରାମବାସୀଙ୍କର ଆଖିରୁ ନିଦ ହଜାଇ ଦେଇଛି । ସମଗ୍ର ଓଡ଼ିଶାରେ ବିଗତ ୭ବର୍ଷ ମଧ୍ୟରେ ପ୍ରତ୍ୟେକ ବର୍ଷ ୬୦-୬୫ଟି ମଣିଷ ହାତୀ ଆକ୍ରମଣ ଦ୍ୱାରା ମୃତ୍ୟୁ ବରଣ କରୁଥିଲାବେଳେ ହାତୀ ଦ୍ୱାରା ୨୫-୩୦ଟି ମଣିଷ ମୃତ୍ୟୁ ଘଟଣା କେବଳ ଅନୁଗୁଳ-ଢ଼େଙ୍କାନାଳ ଜିଲ୍ଲାରୁ ମିଳୁଅଛି । ତେଣୁ ହାତୀଙ୍କର ବାସସ୍ଥଳୀ ଲାଗି ଅନୁଗୁଳ-ଢେଙ୍କାନାଳ ଜିଲ୍ଲା ଯେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ, ଏହା ନିସନ୍ଦେହରେ କୁହାଯାଇପାରେ । ତେବେ ଉପରୋକ୍ତ ମୃତ୍ୟୁ ଘଟଣା କେବଳ ରେଙ୍ଗାଲି କେନାଲ ଖୋଳାଗଲା ପରେ ହିଁ ଘଟିଚାଲିଛି । ହାତୀ ଦ୍ୱାରା ମଣିଷ ମୃତ୍ୟୁ ଲାଗି ଏହି କେନାଲକୁ ସମ୍ପୂର୍ଣ୍ଣ ଭାବେ ଦାୟୀ କରାଯିବା ଉଚିତ । ୭୦-୮୦ ଫୁଟ ଗଭୀର ଏବଂ ୧୪୧ କିଲୋମିଟର ଲମ୍ବ ବିଶିଷ୍ଟ ଏହି କେନାଲ ଏବଂ ତା' କଡ଼ରେ ଚାଷ କାର୍ଯ୍ୟ ଲାଗି ଖୋଳାଯାଇଥିବା ଶାଖା କେନାଲ ହାତୀମାନଙ୍କୁ ଏକ ପ୍ରକାର ବନ୍ଦୀ କରି ରଖିଛି । ସେମାନେ ଏହା ଦ୍ୱାରା ପାର୍ଶ୍ୱବର୍ତ୍ତୀ ଜଙ୍ଗଲକୁ ଯିବା ଲାଗି ସକ୍ଷମ ହୋଇପାରୁନାହାନ୍ତି । ତେବେ ରେଙ୍ଗାଲି କେନାଲ ଯେଉଁଠାରେ ଖୋଳାଯାଇଛି, ସେଠାରେ ହାତୀ ଚଳାପଥ ଥିବାରୁ ସେଠାରେ ବନବିଭାଗ ଦ୍ୱାରା କୃତ୍ରିମ ହାତୀ ଚଳାପଥ ନିର୍ମାଣ କରିବା ଲାଗି ନିଷ୍ପତ୍ତି ନିଆଯାଇଥିଲା ଏବଂ ସର୍ବଶ୍ରୀ ଚନ୍ଦ୍ରଶେଖର କର, ସୁଧାକର କର ଏବଂ ଡି.କେ. ପରମାଣିକଙ୍କୁ ନେଇ ଗଠିତ ଏକ ବିଶେଷଜ୍ଞ ଦଳ ବ୍ରାହ୍ମଣିଆ ଠାରେ ଏକ କୃତ୍ରିମ ଚଳାପଥ ନିର୍ମାଣ କରିବା ଲାଗି ସ୍ଥାନ ଚିହ୍ନଟ କରିଥିଲେ । ତେବେ ହାତୀଙ୍କ ଦ୍ୱାରା ପ୍ରକୃତରେ ବ୍ୟବହୃତ ଚଳାପଥର ସ୍ଥାନଟି କୃତ୍ରିମ ଚଳାପଥ ଠାରୁ ପ୍ରାୟ ୬୦୦ମିଟର ଦୂରରେ ଅଛି ଏବଂ ତାହାକୁ ହାତୀମାନେ ବ୍ୟବହାର କରୁଅଛନ୍ତି । କିନ୍ତୁ କୃତ୍ରିମ ଚଳାପଥଟି ଗତ ୬ବର୍ଷ ଧରି ହାତୀଙ୍କ ଦ୍ୱାରା ବ୍ୟବହୃତ ହେବା ତ ଦୂରର କଥା, ହାତୀ ସେ ସ୍ଥାନ ମଧ୍ୟ ମାଡ଼ିନାହାନ୍ତି ବୋଲି ସ୍ଥାନୀୟ ଲୋକ କହନ୍ତି । ସ୍ଥାନୀୟ ବନ ବିଭାଗ ରେଞ୍ଜ ଅଫିସ୍ ଦ୍ୱାରା ରେକର୍ଡ଼ କରାଯାଇଥିବା ଜିପିଏସ୍‌ର ତଥ୍ୟ ଅନୁସାରେ ମଧ୍ୟ ଏହା ପ୍ରମାଣିତ ହୋଇସାରିଛି । ଅଭିଯୋଗ ଯେ ଯେଉଁ ସମୟରେ ସେଠାକୁ ବିଶେଷଜ୍ଞ ଦଳ ପରିଦର୍ଶନରେ ଯାଇଥିଲେ, ସେଠାକାର ସ୍ଥାନୀୟ ଲୋକଙ୍କୁ ହାତୀଙ୍କର ଚଳାପଥ ବାବଦରେ ପଚରାଯାଇ ନଥିଲା କିମ୍ବା ଉଚିତ ଭାବେ ସେମାନଙ୍କର ମତାମତ ନିଆଯାଇ ନଥିଲା । ମନଇଚ୍ଛା ସ୍ଥାନ ନିରୂପଣ କରାଯାଇଥିଲା । କିନ୍ତୁ ହାତୀମାନେ ପୂର୍ବରୁ ଯେଉଁ ଠାକୁରାଣୀ ହୁଣ୍ଡି ସ୍ଥାନକୁ ବ୍ୟବହାର କରୁଥିଲେ ତାହାକୁ ବର୍ତ୍ତମାନ ସୁଦ୍ଧା ମଧ୍ୟ ବ୍ୟବହାର କରୁଛନ୍ତି ଏବଂ ସମ୍ପୃକ୍ତ ସ୍ଥାନରେ ହାତୀର ମଳ ମଧ୍ୟ ଦେଖିବାକୁ ମିଳୁଛି । ଏହାଛଡ଼ା ଲୋକେ ମଧ୍ୟ ହାତୀକୁ ସେହି ସ୍ଥାନ ବ୍ୟବହାର କରିବାର




ଆଠଗଡ଼ ଜିଲ୍ଲାର ମେଘା ନିକଟସ୍ଥ ଜଙ୍ଗଲରେ ଏକ ଦନ୍ତା ହାତୀ

ଦେଖିଛନ୍ତି । ତେବେ କେଉଁ ପରିପ୍ରେକ୍ଷୀରେ ବିଶେଷଜ୍ଞ ଦଳ ଉକ୍ତ ସ୍ଥାନକୁ ଚିହ୍ନଟ କଲେ ତାହା ସେମାନେ କହିପାରିବେ; କିନ୍ତୁ ଉକ୍ତ କୃତ୍ରିମ କରିଡ଼ର ଯେ, ଫେଲ୍ ମାରିଛି ଏହା ସୁସ୍ପଷ୍ଟ । ଏହି ଫେଲ୍ ମାରିବାର କାରଣ ହେଲା ଜନ ବସତି । ରେଙ୍ଗାଲି କେନାଲ ବ୍ରାହ୍ମଣିଆ ଠାରେ ପୂର୍ବ-ପଶ୍ଚିମ ଦିଗରେ ଥିଲାବେଳେ ଏହାର ଉତ୍ତର ଓ ଦକ୍ଷିଣ ଦିଗରେ ବିଭିନ୍ନ ଜନ ବସତି ରହିଛି । ବିଶେଷ କରି ଯେଉଁ ସ୍ଥାନରେ କୃତ୍ରିମ କରିଡ଼ର ନିର୍ମାଣ କରାଯାଇଛି, ତାହାର ଖୁବ୍ ନିକଟରେ ବା ଲାଗି କରି ଦୁଇପଟେ ଗ୍ରାମ ସବୁ ରହିଛି । ବିଶେଷଜ୍ଞଙ୍କ ମତରେ ଯେଉଁଠାରେ ଗ୍ରାମବସତି ଥାଏ ହାତୀ ତାହାକୁ କରିଡ଼ର ଭାବେ ବାଛିନଥାଏ, ବରଂ ଏକ ନିରାପଦ ସ୍ଥାନରେ ଚଲାବୁଲା କରିବାକୁ ପସନ୍ଦ କରିଥାଏ । କରିଡ଼ରର ଦକ୍ଷିଣ ଦିଗରେ କଙ୍କଡ଼ାହାଡ଼ ଏବଂ କାମକ୍ଷାନଗର ବ୍ଲକର ମକୁଆକାଟେଣୀ ଗ୍ରାମପଞ୍ଚାୟତ, ବାଇଶିଂଘା ଗ୍ରାମପଞ୍ଚାୟତ ଏବଂ ବାଲି ଗରଉ ଗ୍ରାମ ପଞ୍ଚାୟତ ରହିଛି । ବିଶେଷ କରି ଉକ୍ତ ପଞ୍ଚାୟତଗୁଡ଼ିକର ଭଣ୍ଡାରିଆ, ବାଘୁଆ, ଖଟଖୁରା, ପଲ୍ଲୀ, ମକୁଆକାଟେଣୀ ଗ୍ରାମ କରିଡ଼ର ନିକଟବର୍ତ୍ତୀ ଗ୍ରାମ ଅଟେ । ସେହିପରି ଦକ୍ଷିଣ ଦିଗରେ ଭୁଆଶୁଣୀ ଜଙ୍ଗଲ, ହାଡ଼ଗିରି ରିଜର୍ଭ ଫରେଷ୍ଟ, ସର୍ପଣୀ ଜଙ୍ଗଲ, ଥୁରିଆଶଂଢ଼ା ଆଦି ଜଙ୍ଗଲ ରହିଛି । ପୂର୍ବରୁ ହାତୀମାନେ ଭୁଆଶୁଣୀ ଜଙ୍ଗଲରେ ରହୁଥିଲେ ଓ ପାଖ ଜଙ୍ଗଲକୁ ଯାଉଥିଲେ ; ତେବେ କେନାଲ ଖୋଳା ହେଲା ପରେ ଆଉ ରହୁନାହାନ୍ତି । ସେମାନେ ଉତ୍ତର ଦିଗରେ ଥିବା ବୁଢ଼ାପାହାଡ଼ ଜଙ୍ଗଲରେ ରହୁଛନ୍ତି । ସେହିଭଳି କେନାଲର ଉତ୍ତର ଦିଗରେ କଙ୍କଡ଼ାହାଡ଼ ବ୍ଲକର ବାଟଗାଁ ଗ୍ରାମ ପଞ୍ଚାୟତ ଅଧୀନ ବ୍ରାହ୍ମଣିଆ, ତଣ୍ଡିମୁଣ୍ଡା, କେଳାହତା, ବାଟଗାଁ, ପଇରା ଟାଙ୍ଗର ଆଦି ଗ୍ରାମ ସବୁ ରହିଛି । ଉତ୍ତର ଦିଗରେ ଏକ ବିରାଟ ପାହାଡ଼ ଦେଖିବାକୁ ମିଳେ ଏବଂ ଏହାକୁ ଲାଗି ଏକ ବିରାଟ ଘଞ୍ଚ ଶାଳ ଜଙ୍ଗଲ ରହିଛି । ତାହାକୁ ବୁଢ଼ାପାହାଡ଼ କୁହାଯାଏ । ଉକ୍ତ ପାହାଡ଼ରେ ହାତୀ ବର୍ଷ ସାରା ରହନ୍ତି । ମଝିରେ ମଝିରେ ଦକ୍ଷିଣ ଦିଗରେ ଥିବା ଜଙ୍ଗଲକୁ ଆସନ୍ତି ଓ ଅନ୍ୟଆଡ଼େ ମଧ୍ୟ ଯାଇଥାନ୍ତି । ସେମାନେ ବୁଢ଼ାପାହାଡ଼ ଜଙ୍ଗଲରୁ ତଣ୍ଡିମୁଣ୍ଡା, ବାଟଗାଁ, ସାହଲା, ଗଙ୍ଗା ମୁଣ୍ଡା, ସୁଆଜ ନାଳୀ, କନ୍ଦବେଣୀ, ଏକତାଳୀ, କାନପୁରା, ଜନ୍ତାରି ବୋଲ, ଗୁଣ୍ଡିଚାନାଳୀ, ବାହ୍ମଣିଆ ଆଦି ଗ୍ରାମର ଆଖ ପାଖକୁ ଆସିଥାନ୍ତି । ବିଶେଷ କରି ଫସଲ ଅମଳ କରିବା ସମୟରେ ହାତୀଙ୍କର ଆସିବା ଏକ ପ୍ରକାର ନିୟମିତ ହୋଇଯାଏ । ଚାଷୀମାନେ ଏବଂ ଗାଁ' ଲୋକେ ରାତିରେ ଶୋଇପାରନ୍ତି ନାହିଁ । ଆସନ୍ନ ବିପଦର ଭୟରେ ସେମାନଙ୍କର ନିଦ ହଜିଯାଏ ।



ରେଙ୍ଗାଲୀ କେନାଲ (ବ୍ରାହ୍ମଣିଆ ଗ୍ରାମ) ନିକଟରେ ନିର୍ମାଣ କରାଯାଇଥିବା କୃତ୍ରିମ ହାତୀ ଚଲାପଥ



ଠାକୁରାଣୀ ହୁଣ୍ଡି ଠାରେ ଥିବା ହାତୀର ପ୍ରକୃତ ପାରମ୍ପରିକ ଚଲାପଥ, ଯାହା କୃତ୍ରିମ ଚଲାପଥ ଠାରୁ ପ୍ରାୟ ୬୦୦ ମିଟର ଦୂରରେ ଅବସ୍ଥିତ



ରେଙ୍ଗାଲୀ କେନାଲ ଠାରେ ନିର୍ମିତ ହାତୀ ଚଲାପଥର ବୋର୍ଡ଼



ହାତୀ ଚଲାପଥରେ ୟୁକାଲିପ୍ଟସ୍ ବନୀକରଣର ଦୃଶ୍ୟ

ଏହା ଥିଲା କୃତ୍ରିମ ଭାବେ ନିର୍ମିତ ହୋଇଥିବା ହାତୀ ଚଲାପଥର ଚଉହଦୀ ବାବଦରେ ସଂକ୍ଷିପ୍ତ ସୂଚନା । ଉପରୋକ୍ତ ଗ୍ରାମଗୁଡ଼ିକର ନାମ ଏକ ସୀମିତ ଅଞ୍ଚଳରୁ ନେଇ ବର୍ଣ୍ଣନା କରାଯାଇଅଛି ।

ତେବେ ଢେଙ୍କାନାଳ ଜିଲ୍ଲାରେ ଥିବା କପିଳାସ ଅଞ୍ଚଳ ହେଉଛି ହାତୀଙ୍କର ଏକ ପ୍ରାଣକେନ୍ଦ୍ର । ସେଠାକୁ ୪୩୦ କିମି ଦୂର ଝାଡ଼ଖଣ୍ଡର ପୂର୍ବ ଏବଂ ପଶ୍ଚିମ ସିଂହଭୂମି ଜିଲ୍ଲାରୁ ତଥା କେଉଁଝରରୁ ହାତୀ ଆସିଥାନ୍ତି ଓ ସେଠାରୁ ହାତୀ ଚଲାପଥ କିଛି ଭାଗରେ ବିଭକ୍ତ ହୋଇଥାଏ ।

ରେଙ୍ଗାଲି କେନାଲ୍ ନିର୍ମାଣ ଦ୍ୱାରା ଏହି ସମସ୍ୟା ସବୁ ଉତ୍ପନ୍ନ ହେଉଥିଲେ ମଧ୍ୟ ଏହାକୁ ନିର୍ମାଣ କରିଥିବା ଜାଇକା ପ୍ରକଳ୍ପର କର୍ତ୍ତୃପକ୍ଷମାନେ ସଫା ସଫା କହିଛନ୍ତି ଯେ, ହାତୀ ଉପଦ୍ରବ ଲାଗି ସେମାନେ ଆଦୌ ଦାୟୀ ନୁହନ୍ତି । ସେମାନେ ପରିବେଶ ପ୍ରଭାବ ଆକଳନ ପଦ୍ଧତି ଦ୍ୱାରା ଏହି ପ୍ରକଳ୍ପ କରିଛନ୍ତି ଏବଂ ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗକୁ ୪୪ କୋଟି ଟଙ୍କା ବନ୍ୟପ୍ରାଣୀ ପରିଚାଳନା ଲାଗି ପ୍ରଦାନ କରିଛନ୍ତି । ତେଣୁ ଜଙ୍ଗଲ ବିଭାଗ ବନ୍ୟଜନ୍ତୁ କିପରି ପରିଚାଳନା କରିବ, ତାହା ସେମାନଙ୍କ ଉପରେ ନିର୍ଭର କରେ । ସେହିପରି ଏହି କେନାଲ ମଧ୍ୟରେ ମୋଟ ୩୪ ଗୋଟି ଢ଼ାଲୁ ତିଆରି କରାଯିବାର ବ୍ୟବସ୍ଥା ରହିଛି । ଏହି ଢ଼ାଲୁ ଦେଇ ହାତୀ କେନାଲ ପାର ହୋଇପାରିବେ । ହାତୀ ଚଲାପଥ ଯୋଜନାରେ ଲେଖାଯାଇଛି ଯେ ବାଉଁଶ, କଦଳୀ, ବର ଏବଂ ଅନ୍ୟାନ୍ୟ ହାତୀ ଉପଯୋଗୀ ଫଳଗଛଗୁଡ଼ିକୁ ଏହି ଚଲାପଥର ଉଭୟ ପାର୍ଶ୍ୱରେ ରୋପଣ କରାଯିବ ଯେପରି ହାତୀମାନେ ପ୍ରଚୁର ଖାଇବାକୁ ପାଇବେ । ସେହିଭଳି ଏକ ଉପଯୁକ୍ତ ଜଳଭଣ୍ଡାର କରାଯିବ ଯେଉଁଥିରେ ହାତୀ ଜଳକ୍ରୀଡ଼ା କରିପାରିବେ । ପ୍ରାଥମିକ ଭାବେ ୨ ବର୍ଷ ଲାଗି ସେଠାରେ ହାତୀର ଗତିପଥ ନିରୀକ୍ଷଣ ଲାଗି ବ୍ୟବସ୍ଥା ଗ୍ରହଣ କରାଯିବ । ଏକ ଉଚ୍ଚ ତଥା ଉଚିତ ସ୍ଥାନରେ ୱାଚ୍ ଟାୱାର ନିର୍ମାଣ କରାଯାଇ ହାତୀଙ୍କର ଗତିବିଧି ଉପରେ ନଜର ରଖାଯିବ । ଏତେ ସବୁ ବ୍ୟବସ୍ଥା କରାଯିବାର ବ୍ୟବସ୍ଥା ଥିଲା କିନ୍ତୁ କେବଳ ହାତୀ ଚଲାପଥ କରାଯାଇଛି ଏବଂ ସେଠାରେ ପଥର ପ୍ୟାକିଂ କରାଯାଇଛି । ଏହି ଦୁଇଟି କାର୍ଯ୍ୟକୁ ଛାଡ଼ି ବାକି କିଛି ବି କରାଯାଇନାହିଁ । ଫଳଗଛ ଲାଗିବା ସ୍ଥାନରେ କେବଳ ୟୁକାଲିପଟାସ ବୃକ୍ଷରୋପଣ କରାଯାଇଛି । ବୋଧହୁଏ ୟୁକାଲିପଟାସ ଗଛର ପତ୍ର ଫୁଲ, ଫଳକୁ ହାତୀ ଖାଏ ବୋଲି ଜଙ୍ଗଲ ବିଭାଗ ବିଶ୍ୱାସ କରେ । ତେଣୁ ଅନ୍ୟ ସମସ୍ତ ବୃକ୍ଷ ପ୍ରଜାତିକୁ ଭୁଲିଯାଇ କେବଳ ୟୁକାଲିପଟାସ ଲଗାଇଛନ୍ତି । ହାତୀ ଲାଗି ଜଳଭଣ୍ଡାର ବା ବୃହତ ଜଳାଶୟର ଯୋଜନା, ଯୋଜନାରେ ହିଁ ରହିଯାଇଛି ଏବଂ ହାତୀର ପ୍ରକୃତ ଚଲାପଥ ତା' ବାଟରେ ଯାଇଛି ।

ସ୍ଥାନୀୟ ଲୋକଙ୍କ ମତରେ, ‘‘ପ୍ରାୟ ୬-୭ ବର୍ଷ ତଳେ ଆମେ ହାତୀ ଆକ୍ରମଣ ତଥା ଉପଦ୍ରବର ଶିକାର ହେଉନଥିଲୁ । ଗୋଟିଏ ବର୍ଷରେ ଅତି ବେଶୀରେ ଆମେ ହାତୀକୁ ୭-୮ଥର ଦେଖୁ । କିନ୍ତୁ ଏବେ ପ୍ରାୟ ସବୁ ସମୟରେ ଦେଖିବାକୁ ମିଳୁଛି । ଧାନ ପାଚିବା ତଥା ଅମଳ ସମୟରେ ରାତିରେ ଶୋଇ ହେଉନାହିଁ । ବିଲରୁ ଧାନ ଅମଳ ସରିଲେ ହାତୀ ଖଳାରେ ଯାଇ ପହଞ୍ଚୁଛି । ଅନେକ ସମୟରେ ଘର ଭାଙ୍ଗି ଧାନ ଖାଇଦେଉଛି ଏବଂ ମଣିଷ ହାବୁଡ଼ରେ ପଡ଼ିଲେ ମାରି ଦେଉଛି କିମ୍ବା ମୃତବତ କରିଦେଉଛି ।

ଆମ ଭିତରେ ଏକ ଉନ୍ନତ ସହାବସ୍ଥାନ ରହିଥିଲା । ହାତୀ ଆମର କ୍ଷତି କରୁନଥିଲା କି ଆମେ ବି ହାତୀର କ୍ଷତି କରୁନଥିଲୁ । ଆମ ଏପଟ ଅଞ୍ଚଳରେ ଅନେକ ଲୋକଙ୍କର ‘ଗଜ ଗୋତ୍ର’ । ତେଣୁ ଗଜ ବା ହାତୀକୁ କେହି ମାରନ୍ତି ନାହିଁ । ବିଷ ଦେଇ ହତ୍ୟା କରିବା, ଶିକାର କରିବା ଆଦି ମଧ୍ୟ ଏହି ଅଞ୍ଚଳରେ ହୁଏନାହିଁ । ତେଣୁ ଏଠାରେ ହାତୀ କେବଳ ବିଦ୍ୟୁତ୍ ଆଘାତରେ ହିଁ ମରିଥାନ୍ତି ।’’ ଲୋକମାନଙ୍କର ଏହି କଥାକୁ ସ୍ଥାନୀୟ କାମାକ୍ଷାନଗର ରେଞ୍ଜ ଅଫିସର ମଧ୍ୟ ସ୍ୱୀକାର କରିଥାନ୍ତି । ହାତୀ କରିଡ଼ର ବିଫଳ ହେବା ପଛରେ ଜଣେ ଜଙ୍ଗଲ ବିଭାଗ ଅଧିକାରୀ ସେ କହନ୍ତି ଯେ, ଏହି ୭ କୋଟି ଅର୍ଥ ବରାଦରେ ନିର୍ମିତ ହୋଇଥିବା କରିଡ଼ର ଲାଗି ମାତ୍ର ୭୦୦୦/- ଟଙ୍କା ଖର୍ଚ୍ଚ କରାଯାଇଥିଲେ ବି ଚଳିଥାନ୍ତା । ମୋଟ ଉପରେ ଦେଖିଲେ ପ୍ରାୟଶ୍ଚିତ କରିବାକୁ ଯାଇ ପାପ ହିଁ କରି ଦିଆଯାଇଛି ଏବଂ ବେଶ୍ ନିର୍ଭିକ ଭାବେ ଏଇ ପାପ କରାଯାଇଛି ବୋଲି ଏଇ ବିକଳ ହାତୀ କରିଡ଼ର ଘଟଣାରୁ ମନେ ହୁଏ ଏବଂ ଏଥିରୁ ମଧ୍ୟ ଅନୁମାନ କରାଯାଇପାରିବ ଯେ, ପରିବେଶଗତ ଭାରସାମ୍ୟର ସୁରକ୍ଷା ଓ ପୁନଃ ପ୍ରତିଷ୍ଠା ପାଇଁ ବନ ବିଭାଗର ଆନ୍ତରିକତା ଓ ନିଷ୍ଠା କେତେ ଦୂର ନିର୍ଭରଯୋଗ୍ୟ । ✧

**ସବ୍ୟସାଚୀ ରଥ**

## ହାତୀ ଚଲାପଥ କ'ଣ ?

ହାତୀମାନଙ୍କର ଚଳପ୍ରଚଳର ଗୋଟିଏ ଶୃଙ୍ଖଳିତ ପ୍ରାକୃତିକ ଧାରା ରହିଛି । ସେମାନଙ୍କର ଯାତାୟତ ପଥ ବଂଶାନୁକ୍ରମେ ସୁନିର୍ଦ୍ଦିଷ୍ଟ ହୋଇଥାଏ । ଏ ସମ୍ପର୍କରେ ବିଶଦ ବିବରଣୀ ‘ଆମ ଜଙ୍ଗଲ ଆମର’ (୩୮ତମ ସଂଖ୍ୟା) ରେ ୬ ବର୍ଷ ତଳେ ବୈଜ୍ଞାନିକ ତଥ୍ୟକୁ ଉଦ୍ଧାର କରି ଓ ତତ୍କାଳୀନ ପରିସ୍ଥିତିର ବିଶ୍ଳେଷଣରେ ‘ହାତୀ ଉପଦ୍ରବ: ଏକ ମନୁଷ୍ୟକୃତ ସମସ୍ୟା’ ବୋଲି ଯେଉଁ ଆଲେଖ୍ୟଟି ପ୍ରକାଶିତ ହୋଇଥିଲା, ତା'ର ଅନେକ ମୂଲ୍ୟବାନ ତଥ୍ୟ ଆଜି ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଓ ଉପଯୋଗୀ ହୋଇଥିବାରୁ ଏଠାରେ କେତୋଟି ନିର୍ବାଚିତ ଅଂଶ ପୁନଃପ୍ରକାଶ କରାଯାଉଛି ।

ଓଡ଼ିଶାର ଜଣେ ହସ୍ତୀ ବିଶାରଦ ଓ ସେବା ନିବୃତ୍ତ ଜଙ୍ଗଲ ଅଧିକାରୀ ଶ୍ରୀ କେ.ଆର୍. ନାୟାରଙ୍କ ମତରେ ହାତୀର ସ୍ମୃତି ଶକ୍ତି ଅତ୍ୟନ୍ତ ତୀକ୍ଷ୍ଣ । ସେ ତା'ର ବାସସ୍ଥାନ ଏବଂ ବିଚରଣସ୍ଥଳୀକୁ ଅନେକ ଦିନ ପର୍ଯ୍ୟନ୍ତ ମନେ ରଖିଥାଏ । ଆମେ ନିଜର ସୁବିଧା ନିମନ୍ତେ ସେମାନଙ୍କ ବିଚରଣ-ସ୍ଥଳୀକୁ ଜବରଦଖଲ କରୁଛୁ । ଏଣୁ ହାତୀ ତା'ର ବାସସ୍ଥାନ ଏବଂ ବିଚରଣସ୍ଥଳୀକୁ ଆସିବାକୁ ଚେଷ୍ଟା କଲାବେଳେ ଧନଜୀବନର କ୍ଷୟକ୍ଷତି ଘଟୁଛି । ଫଳରେ ଲୋକଙ୍କ ରୋଷର ଶିକାର ହେଉଛି । ନାୟାରଙ୍କ ମତରେ ହାତୀ ଜନପଦକୁ ପଶି ଆସିବା ଫଳରେ ସମସ୍ୟା ସୃଷ୍ଟି ହେଉଛି ବୋଲି ନକହି ଜନପଦ ହାତୀ ଆବାସସ୍ଥଳୀ ଓ ବିଚରଣ ସ୍ଥାନକୁ ପଶିଯିବାରୁ ସମସ୍ୟା ହେଉଛି କହିବା ଉଚିତ ହେବ । ଖଣିଖାଦାନ ନିମନ୍ତେ ଜଙ୍ଗଲ ଅଞ୍ଚଳର ପ୍ରଭୂତ ବ୍ୟବହାର ଯୋଗୁଁ ହାତୀମାନଙ୍କର ଚଲାପଥ କ୍ରମଶଃ ସଙ୍କୁଚିତ ଏବଂ ବାଧାପ୍ରାପ୍ତ ହେଉଥିବାରୁ ସମସ୍ୟା ଦିନକୁ ଦିନ ଗମ୍ଭୀର ରୂପ ଧାରଣ କରୁଛି ।

ଥାଇଲାଣ୍ଡର ଜାତୀୟ ହସ୍ତୀ କେନ୍ଦ୍ରର ଉପଦେଷ୍ଟା ରିଚାର୍ଡ଼ ଲାୟରଙ୍କ ମତରେ ଗୋଟିଏ ବୟସ୍କ ହାତୀ ବିଚରଣ କରିବା ନିମନ୍ତେ ୮୦୦୦ ଏକର ଜଙ୍ଗଲ ଆବଶ୍ୟକ ହେଉଥିବା ବେଳେ ଦୈନିକ ୧୭୦ ରୁ ୨୦୦ କିଲୋଗ୍ରାମ ଖାଦ୍ୟ ଏବଂ ୮୦ ରୁ ୨୦୦ ଲିଟର ପାଣି ଆବଶ୍ୟକ ହୋଇଥାଏ । ଜଙ୍ଗଲ କ୍ଷୟ ଯୋଗୁଁ ହାତୀମାନଙ୍କ ବିଚରଣସ୍ଥଳୀ ଯେ ଖାଲି ହ୍ରାସ ପାଉଛି ତା' ନୁହେଁ; ଖାଦ୍ୟ ଓ ଜଳ ମଧ୍ୟ ଆବଶ୍ୟକତା ଅନୁସାରେ ମିଳୁନାହିଁ । ଏଣୁ ଏହା ମଧ୍ୟ ସମସ୍ୟା ରୂପେ ଉଭା ହୋଇଛି ।

* * *

## ହାତୀ ଚଲାପଥ କ'ଣ ?

ଅନ୍ୟ ସମସ୍ତ ବନ୍ୟପ୍ରାଣୀଙ୍କ ପରି ହାତୀମାନଙ୍କ ବଞ୍ଚିରହିବା ପାଇଁ ମଧ୍ୟ ସେମାନଙ୍କର ଆବଶ୍ୟକତାନୁଯାୟୀ ଖାଦ୍ୟ, ପାନୀୟ ଜଳ, ଢାଲୁ ଅଞ୍ଚଳ ସହିତ ଘଞ୍ଚ ଅରଣ୍ୟାନୀର ଆବଶ୍ୟକତା ରହିଛି। ହାତୀମାନେ ନିଜକୁ ସବୁବେଳେ ଗୋଟିଏ ନିର୍ଦ୍ଦିଷ୍ଟ ବାସସ୍ଥଳୀଭିତରେ ସୀମାବଦ୍ଧ କରି ରଖିନଥାନ୍ତି। ହାତୀମାନଙ୍କର କୌଣସି ଗୋଟିଏ ବାସସ୍ଥଳୀରେ ଏହି ସବୁ କଥାକୁ ନେଇ ସମସ୍ୟା ଦେଖାଦେଲେ ସେମାନେ ଆଉ ଗୋଟିଏ ବାସସ୍ଥଳୀକୁ ଚାଲିଯାଇଥାଆନ୍ତି। ସେମାନଙ୍କର ମୌଳିକ ଆବଶ୍ୟକତା ପୂରଣ ନିମନ୍ତେ ଯେପରିକି ଖାଦ୍ୟ, ପାନୀୟ ଆଦି ପାଇଁ ସେମାନେ ଗୋଟିଏ ଜଙ୍ଗଲରୁ ଆଉ ଗୋଟିଏ ଜଙ୍ଗଲକୁ ଯା' ଆସ କରିଥାଆନ୍ତି। ସେମାନେ ଯେଉଁ କେତେକ ନିର୍ଦ୍ଦିଷ୍ଟ ପଥ ଦେଇ ଯା' ଆସ କରିଥାଆନ୍ତି ତାହାକୁ ସେମାନଙ୍କ ଚଲାପଥ କୁହାଯାଇଥାଏ। ଏହି ଚଲାପଥ କେବଳ ରାଜ୍ୟ ମଧ୍ୟରେ ସୀମିତ ନୁହେଁ, କେତେକ ସ୍ଥଳେ ଏହା ଅନ୍ୟ ରାଜ୍ୟର ଜଙ୍ଗଲ ସୀମା ପର୍ଯ୍ୟନ୍ତ ପରିବ୍ୟାପ୍ତ।

ଗୋଟିଏ ଜଙ୍ଗଲରୁ ଅନ୍ୟ ଏକ ନିକଟସ୍ଥ ଜଙ୍ଗଲକୁ ହାତୀମାନଙ୍କର ଯିବା ଆସିବାକୁ ଅନୁଧ୍ୟାନ କରି ଓଡ଼ିଶାରେ ପାଞ୍ଚଟି ପ୍ରମୁଖ ଚଲାପଥ ଆବିଷ୍କାର କରାଯାଇଥିଲା। ସେଗୁଡ଼ିକ ହେଲା :

୧) ଶିମିଳିପାଳ-ହଦଗଡ଼-କୁଳଡ଼ିହା,
୨) ସାତକୋଶିଆ-ଖଳାଶୁଣି,
୩) ଆଠମଲ୍ଲିକ-ଛେଣ୍ଡିପଦା-କାମାକ୍ଷାନଗର- ଦକ୍ଷିଣ କେଉଁଝର,
୪) ଦକ୍ଷିଣ କେଉଁଝର-କପିଳାସ- ସାତକୋଶିଆ,
୫) କୋଟଗଡ଼-ଲାଖାରୀ ଉପତ୍ୟକା-ମହେନ୍ଦ୍ରଗିରି।

ତେବେ ରାଜ୍ୟ ସରକାରଙ୍କ ବନ ବିଭାଗ ପ୍ରଥମେ ୯ଟି ଓ ତା ପରେ ୧୪ ଟି ଭାଗରେ ଉପରୋକ୍ତ ଚଲାପଥକୁ ବିଭକ୍ତ କରିଛନ୍ତି। ସେଗୁଡ଼ିକ ହେଲା :

୧) ବାଦାମପାହାଡ଼ (ମୟୁରଭଞ୍ଜ ଜିଲ୍ଲା)-ଧୋବଧୋବଣୀ ଚଲାପଥ
୨) ବାଦାମ ପାହାଡ଼-କରିଡ଼ା ଚଲାପଥ
୩) ପଶ୍ଚିମବଙ୍ଗ-ଦେଉଳି-ଶୁଳିଆପଦା ଚଲାପଥ (ମୟୁରଭଞ୍ଜ, କେଉଁଝର, ବାଲେଶ୍ୱର ଜିଲ୍ଲା ଓ ପଶ୍ଚିମବଙ୍ଗ)
୪) ଶିମିଳିପାଳ-ହଦଗଡ଼-କୁଳଡିହା ଚଲାପଥ (ମୟୁରଭଞ୍ଜ, କେଉଁଝର, ବାଲେଶ୍ୱର ଜିଲ୍ଲା)
୫) ତେଲକୋଇ-ପାଲଲହଡ଼ା (କେଉଁଝର, ଅନୁଗୁଳ ଜିଲ୍ଲା)
୬) କାରୋ (କେଉଁଝର)-କରମପଦା (ଝାଡ଼ଖଣ୍ଡର ସରଣ୍ଡା) ଚଲାପଥ (କେଉଁଝର ଜିଲ୍ଲା ଓ ଝାଡ଼ଖଣ୍ଡ)
୭) ମଉଳାଭଞ୍ଜା-ଜିରିଡ଼ିମାଲ-ଅନନ୍ତପୁର ଚଲାପଥ (ଢେଙ୍କାନାଳ ଜିଲ୍ଲା)
୮) କହ୍ନେଇଜେନା-ଅନନ୍ତପୁର ଚଲାପଥ (ଅନୁଗୁଳ, ଢେଙ୍କାନାଳ ଜିଲ୍ଲା)
୯) ବୁଗୁଡ଼ା-ସେଣ୍ଟ୍ରାଲ୍ ରିଜର୍ଭ ଜଙ୍ଗଲ (ନୟାଗଡ଼) ଚଲାପଥ (ନୟାଗଡ଼ ଜିଲ୍ଲା)
୧୦) ନୂଆଗାଁ - ବରୁଣେଇ ଚଲାପଥ (ଅନୁଗୁଳ ଜିଲ୍ଲା)
୧୧) ତାଳ-ଖୋଲାଗଡ଼ ଚଲାପଥ (ସମ୍ବଲପୁର ଜିଲ୍ଲା)
୧୨) ବଡ଼ ପାହାଡ଼-ତରଭା-କନ୍ଧମାଳ ଚଲାପଥ (ସୋନପୁର, ବୌଦ୍ଧ ଜିଲ୍ଲା)
୧୩) କୋଟଗଡ଼ - ଚନ୍ଦ୍ରପୁର ଚଲାପଥ (କନ୍ଧମାଳ ଜିଲ୍ଲା)
୧୪) କର୍ଲାପାଟ - ଉର୍ଲ୍ଲାଦାନୀ ଚଲାପଥ (କଳାହାଣ୍ଡି ଓ ରାୟଗଡ଼ା ଜିଲ୍ଲା)

ପୂର୍ବରୁ ୫ଗୋଟି ପ୍ରମୁଖ ହାତୀ ଚଲାପଥକୁ ଚିହ୍ନଟ କରାଯାଇଥିଲା ଏବଂ ଏହି ଚଲାପଥ ଅଧୀନରେ ଅନେକ ଜଙ୍ଗଲ ଓ ହାତୀର ଆବାସ ସ୍ଥଳୀ ପରସ୍ପର ସହିତ ମିଶି ରହିଥିଲା ଯାହା ବର୍ତ୍ତମାନ ସମ୍ପୂର୍ଣ୍ଣ ନିଶ୍ଚିହ୍ନ ହୋଇଯାଇଅଛି। ତେଣୁ ପୂର୍ବ ୫ଗୋଟି ଚଲାପଥର ଅଧିକ ଗୁରୁତ୍ୱ ରହିଥିବାରୁ ଏଠାରେ ଆଂଶିକ ଭାବେ ୫ଗୋଟି ଚଲାପଥ ସହିତ ଆନ୍ତଃରାଜ୍ୟ ଚଲାପଥକୁ ବର୍ଣ୍ଣନା କରାଗଲା।

## ଚଲାପଥର ଇତିହାସ

### ଶିମିଳିପାଳ-ହଦଗଡ଼-କୁଳଡ଼ିହା

ଶିମିଳିପାଳ ଜଙ୍ଗଲରେ ଥିବା ହାତୀମାନେ ସାତକୋଶିଆ ଓ ନାଟୋ ସଂରକ୍ଷିତ ଅରଣ୍ୟ ଦେଇ ହଦଗଡ଼ରେ ପହଞ୍ଚିଥାଆନ୍ତି। ଦିନ ଥିଲା ହାତୀମାନଙ୍କର ଏହି ଚଲାପଥରେ ଜଙ୍ଗଲ ଅଧିକ ଘଞ୍ଚ ଥିଲା। ପୂର୍ବରୁ କୁଳଡ଼ିହା ଅଭୟାରଣ୍ୟ, ହଦଗଡ଼ ଅଭୟାରଣ୍ୟ ଏବଂ ଶିମିଳିପାଳ ଅଭୟାରଣ୍ୟ ମଧ୍ୟରେ ମାଇଲ ମାଇଲ ଧରି ଘଞ୍ଚ ଅରଣ୍ୟ ରହିଥିଲା। ସମ୍ପ୍ରତି କୁଳଡ଼ିହା ଜଙ୍ଗଲ ଶିମିଳିପାଳ ଜଙ୍ଗଲଠାରୁ ସମ୍ପୂର୍ଣ୍ଣ ଅଲଗା ହୋଇଗଲାଣି। କୁଳଡ଼ିହା ଏବଂ ହଦଗଡ଼ ମଧ୍ୟରେ ଥିବା ଜଙ୍ଗଲ ବହୁ ପରିମାଣରେ ଲଣ୍ଡା ହୋଇଯିବା ଫଳରେ ଏପରି ଅବସ୍ଥା ସୃଷ୍ଟି ହୋଇଛି ବୋଲି କୁହାଯାଉଛି। ଏପରି ହେବାର ପ୍ରମୁଖ କାରଣ ହେଉଛି ବଉଳା ଠାରେ ଥିବା କ୍ରୋମାଇଟ ଖଣି। କୁଳଡ଼ିହା ଓ ହଦଗଡ଼ ମଝିରେ ଥିବା ଗଡ଼ସାହି, ଶିଶୁଆପାଳ, ବାଲିପାଳ ଏବଂ ବଉଳା ଭଳି ଛୋଟ ଛୋଟ ପାହାଡ଼ ତଳେ ବହୁ ପରିମାଣରେ କ୍ରୋମାଇଟ ଗଚ୍ଛିତ ହୋଇ ରହିଛି। ଏସବୁ ସ୍ଥାନରେ ସମ୍ପ୍ରତି ବହୁ ପରିମାଣରେ ଖଣି ଖୋଳା ଚାଲିଥିବାରୁ ଏଠାକାର ଜଙ୍ଗଲ ନଷ୍ଟ ହୋଇ ହାତୀମାନଙ୍କର ଚଲାପଥକୁ ପ୍ରଭାବିତ କରୁଛି। ଏହା ସହିତ ଶାଳନ୍ଦୀ ନଦୀ ଉପରେ ହୋଇଥିବା ହଦଗଡ଼ ଜଳଭଣ୍ଡାର ମଧ୍ୟ ହାତୀଙ୍କ ଚଲାପଥରେ ପ୍ରତିବନ୍ଧକ ସୃଷ୍ଟି କରୁଛି।

### *ସାତକୋଶିଆ-ଖଳାଶୁଣି*

ହାତୀମାନଙ୍କର ଏହି ଚଲାପଥଟି ସମ୍ବଲପୁର ଓ ଅନୁଗୁଳ ଜିଲ୍ଲା ମଧ୍ୟରେ ରହିଛି। ସାତକୋଶିଆ ଓ ବାଇଶିପଲ୍ଲୀର ହାତୀମାନେ ହାତୀଧରା, ତଳେଇପଦର ଓ ଆଠମଲ୍ଲିକ ବନଖଣ୍ଡର ଉତ୍ତର ପ୍ରାନ୍ତ ଜଙ୍ଗଲ ଏବଂ ହାତୀଧରା ଓ ରେଢାଖୋଲ ବନଖଣ୍ଡର ଲଣ୍ଡାକୋଟ ଜଙ୍ଗଲ ଦେଇ ଖଳାଶୁଣୀ ଅଭୟାରଣ୍ୟକୁ ଆସିଥାଆନ୍ତି। ଏହି ଚଲାପଥରେ ପଡୁଥିବା ରେଲ ସଂରକ୍ଷିତ ଜଙ୍ଗଲରେ ପ୍ରଚୁର ପାଣି ମିଳୁଥିବାରୁ ଜଳକ୍ରୀଡ଼ାପାଇଁ ହାତୀମାନଙ୍କୁ ରେଲ ସଂରକ୍ଷିତ ଜଙ୍ଗଲକୁ ଯାଉଥିବାର ମଧ୍ୟ ଦେଖିବାକୁ ମିଳିଥାଏ। ହାତୀମାନେ ଖରାଦିନେ ଏହି ଚଲାପଥ ଦେଇ ପୁଣି ଥରେ ସାତକୋଶିଆ ବା ଖଳାଶୁଣି ଅଭୟାରଣ୍ୟକୁ ଫେରିଥାଆନ୍ତି। ଏବେ ଏହି ଚଲାପଥଟି ଦୁଇଟି ପ୍ରମୁଖ କାରଣରୁ ହାତୀ ଚଳାଚଳ ନିମନ୍ତେ ଅନୁପଯୋଗୀ ହୋଇ ପଡିଲାଣି। ପ୍ରଥମତଃ ଏହି ଅଞ୍ଚଳରେ ଥିବା ପ୍ରଚୁର ଶାଳ, ବାଉଁଶ ଓ ମିଶ୍ରିତ ଜଙ୍ଗଲ ନଷ୍ଟ ହୋଇ ଯାଉଛି, ଦ୍ୱିତୀୟରେ ଏହି ଚଲାପଥ ମଧ୍ୟ ଦେଇ ୪୨ ନଂ. ରାଜପଥ ଯାଇ ହାତୀମାନଙ୍କର ଚଲାପଥକୁ କ୍ରମଶଃ ସଂକୁଚିତ କରି ସାରିଲାଣି।

### ଆଠମଲ୍ଲିକ-ଛେଣ୍ଡିପଦା-କାମାକ୍ଷାନଗର-ଦକ୍ଷିଣ କେଉଁଝର

ହାତୀମାନଙ୍କର ଏହି ଚଲାପଥଟି ରାଜ୍ୟର ମୋଟ ତିନୋଟି ଜିଲ୍ଲା ଯଥା- କେଉଁଝର, ଢେଙ୍କାନାଳ ଓ ଅନୁଗୁଳ ଭିତରେ ଥିଲା। ଏହି ଚଲାପଥରେ ହାତୀମାନେ ସାତକୋଶିଆ ଅଭୟାରଣ୍ୟରୁ ବାହାରି ତଳେଇପଥର ଓ ଘୋଷର ସଂରକ୍ଷିତ ଜଙ୍ଗଲକୁ ହିମିତିରା ଜଙ୍ଗଲ ଦେଇ ଆସିଥାଆନ୍ତି।

ଏଠାରୁ କଳାପାଟ ସଂରକ୍ଷିତ ଅଭୟାରଣ୍ୟ ଦେଇ ହାତୀମାନେ ଢେଙ୍କାନାଳର ଅନନ୍ତପୁର ସଂରକ୍ଷିତ ଜଙ୍ଗଲ ବାଟେ କେଉଁଝରର କଳାପାଟ ସଂରକ୍ଷିତ ଜଙ୍ଗଲରେ ପହଞ୍ଚୁଥାଆନ୍ତି । ଏବେ ଏହି ଅଞ୍ଚଳଟି ବହୁ ଖଣି ଖାଦାନରେ ଭର୍ତ୍ତି ହୋଇଗଲାଣି । ଯାହା ଫଳରେ ହାତୀମାନଙ୍କର ଯିବା ଆସିବାରେ ଅନେକ ବାଧା ସୃଷ୍ଟି ହେଉଛି ।

### ଦକ୍ଷିଣ କେଉଁଝର-କପିଳାସ-ସାତକୋଶିଆ

ଓଡ଼ିଶାର ଦୁଇଟି ପ୍ରମୁଖ ହାତୀ ବାସସ୍ଥଳୀ, କପିଳାସ ଓ ସାତକୋଶିଆ ଭିତରେ ଏହା ଥିଲା ଏକ ମୁଖ୍ୟ ଚଲାପଥ । ଧୀରେ ଧୀରେ ଭାଙ୍ଗି ଭାଙ୍ଗି ଏବେ ଏହି ଚଲାପଥର ଆଉ ଚିହ୍ନବର୍ଣ୍ଣ ମଧ୍ୟ ଦେଖିବାକୁ ମିଳୁନାହିଁ । ଏହି ଚଲାପଥଟି ଅନୁଗୁଳ, ଢେଙ୍କାନାଳ, କଟକ ଓ କେଉଁଝର ଜିଲ୍ଲା ଭିତରେ ଅବସ୍ଥିତ ଥିଲା । ପୂର୍ବରୁ ଦକ୍ଷିଣ କେଉଁଝରର ହାତୀମାନେ ସୁକିନ୍ଦା ଜଙ୍ଗଲ ଓ ବ୍ରାହ୍ମଣୀ ନଦୀ ପାର ହୋଇ କପିଳାସ ଜଙ୍ଗଲକୁ ଯାଉଥିଲେ । ସେହିପରି କପିଳାସ ଜଙ୍ଗଲରେ ଥିବା ହାତୀମାନେ ଆଠଗଡ଼ ବନଖଣ୍ଡ ଦେଇ ଚନ୍ଦକା ଓ ସାତକୋଶିଆ ଜଙ୍ଗଲକୁ ଯାଉଥିଲେ । ଚନ୍ଦକା ଜଙ୍ଗଲର ହାତୀମାନେ ପ୍ରଥମେ ସୁଣାସନ ପର୍ବତ ନିକଟରେ ମହାନଦୀକୁ ପାର ହୋଇ ଆଠଗଡ଼ ବନଖଣ୍ଡକୁ ଯାଉଥିଲେ ଓ ସେଠାରୁ ସେମାନେ ସାତକୋଶିଆ ଓ କପିଳାସକୁ ଯାଉଥିଲେ । ବର୍ତ୍ତମାନ ଆଠଗଡ଼ ବନଖଣ୍ଡରେ ଚନ୍ଦକା ଓ ସାତକୋଶିଆ ଅଭୟାରଣ୍ୟ କେଉଁଝର, ଢେଙ୍କାନାଳ ଓ ଅନୁଗୁଳ ଜିଲ୍ଲାର ହାତୀ ଏକତ୍ର ହୋଇ ଉପଦ୍ରବ କରୁଛନ୍ତି । ସେଠାରେ ଏବେ ସେମାନଙ୍କୁ ପ୍ରଚୁର ଖାଦ୍ୟ ତଥା ଜଳ ମିଳୁଛି ଏବଂ ଭଲ ଜଙ୍ଗଲ ଥିବାରୁ ଏଠାରେ ଗତ କିଛି ବର୍ଷ ହେବ ରହିବାରେ ଲାଗିଲେଣି । ଏହା ଏବେ ଧୀରେ ଧୀରେ ବନ୍ଦ ହୋଇଗଲାଣି । ଖଣିଜ ପଦାର୍ଥ ଉତ୍ତୋଳନ ଓ ପରିବହନ ଏବଂ ଜଙ୍ଗଲ ମଧ୍ୟରେ ପ୍ରତିଷ୍ଠା କରାଯାଇଥିବା ଜଙ୍ଗଲ ବିଭାଗ ଗାର୍ଡମାନଙ୍କର ପ୍ରଶିକ୍ଷଣ କେନ୍ଦ୍ର ଏହି ଚଲାପଥ କ୍ଷୟର କାରଣ ମଧ୍ୟରୁ ଅନ୍ୟତମ ।

### କୋଟଗଡ଼-ଲାଖାରୀ ଉପତ୍ୟକା-ମହେନ୍ଦ୍ରଗିରି

ଏହି ହାତୀ ଚଲାପଥ ସାଧାରଣତଃ କଳାହାଣ୍ଡି, ଫୁଲବାଣୀ, ରାୟଗଡ଼ା ଏବଂ ଗଜପତି ପରି ଚାରୋଟି ଜିଲ୍ଲାରେ ବ୍ୟାପ୍ତ । ଏହି ଚଲାପଥ ଦେଇ ହାତୀମାନେ କର୍ଲାପାଟରୁ କୋଟଗଡ଼ ଓ କୋଟଗଡ଼ରୁ ଲାଖାରୀ ଏବଂ ଲାଖାରୀରୁ ମହେନ୍ଦ୍ରଗିରି ପର୍ବତ ପର୍ଯ୍ୟନ୍ତ ଯାଇ ସେଠାରୁ ପୁଣି ସେହି ପଥ ଦେଇ କର୍ଲାପାଟ ପର୍ଯ୍ୟନ୍ତ ଫେରିଥାଆନ୍ତି । ଏବେ କର୍ଲାପାଟକୁ ବନ୍ୟପ୍ରାଣୀ ଅଭୟାରଣ୍ୟର ମାନ୍ୟତା ଦିଆଯାଇ-ସାରିଲାଣି । କଳାହାଣ୍ଡି ବନଖଣ୍ଡର ଭବାନୀପାଟଣା ବନାଞ୍ଚଳରେ ଥିବା ଏହି ଅଭୟାରଣ୍ୟ ମଦନପୁର ଓ ରାମପୁର ବନାଞ୍ଚଳରେ ଥିବା ଉର୍ଲ୍ଲାଦାନୀ ଓ ତାପରଙ୍ଗ ପରି ଜଙ୍ଗଲ ସହିତ ମିଶି ରହିଥିଲା । ଏହା ମଧ୍ୟ ବାଲିଗୁଡ଼ା ବନଖଣ୍ଡ ଅଧୀନରେ ଥିବା କୋଟଗଡ଼ ଓ ବେଲଘର ଜଙ୍ଗଲକୁ ଲାଗି ରହିଥିଲା । ଲାଖାରୀ ଉପତ୍ୟକା ତଥା ମହେନ୍ଦ୍ରଗିରି ଅଞ୍ଚଳରେ ରହୁଥିବା ହାତୀମାନେ ପାରଳାଖେମୁଣ୍ଡି ବନଖଣ୍ଡର ପାଣିଗଣ୍ଡା ଜଙ୍ଗଲ ଦେଇ ରାୟଗଡ଼ା ବନଖଣ୍ଡର ଚନ୍ଦ୍ରପୁରକୁ ଯାଇଥାଆନ୍ତି ।

### ଆନ୍ତଃ-ରାଜ୍ୟ ଚଲାପଥ

ହାତୀମାନେ ଯେ କେବଳ ରାଜ୍ୟ ଭିତରେ ଥିବା ଗୋଟିଏ ବାସସ୍ଥଳୀରୁ ଆଉ ଗୋଟିଏ ବାସସ୍ଥଳୀକୁ ଯାଇଥାଆନ୍ତି, ତା' ନୁହେଁ; ସେମାନେ ଗୋଟିଏ ରାଜ୍ୟରୁ ଆଉ ଗୋଟିଏ ରାଜ୍ୟକୁ ମଧ୍ୟ ଯାଇଥାଆନ୍ତି । ବିଶେଷକରି ଓଡ଼ିଶାର ଉତ୍ତର କେଉଁଝର ଏବଂ ବଣେଇ ବନଖଣ୍ଡ ପାଖାପାଖି ଜଙ୍ଗଲରୁ ହାତୀମାନେ ଝାଡ଼ଖଣ୍ଡର ସରଣ୍ଡା ବନଖଣ୍ଡକୁ ଯା' ଆସ କରିଥାଆନ୍ତି । ଝାଡ଼ଖଣ୍ଡର ସରଣ୍ଡା ବନଖଣ୍ଡର ଠୋଲକାବାଦ ଜଙ୍ଗଲ ଓଡ଼ିଶାର ବଣାଇ ବନଖଣ୍ଡର ତୋଡ଼ା ଜଙ୍ଗଲକୁ ଲାଗିଥିଲା । ସେହିପରି ସରଣ୍ଡା ବନଖଣ୍ଡର କରମପଡ଼ା ଜଙ୍ଗଲ କେଉଁଝର ବନଖଣ୍ଡର ଉଲିବୁରୁ ଓ ସିଦ୍ଧମଠ ଜଙ୍ଗଲ ସହିତ ଲାଗିଥିଲା । ତେଣୁ ହାତୀମାନେ ଗୋଟିଏ ଜଙ୍ଗଲରୁ ଆଉ ଗୋଟିଏ ଜଙ୍ଗଲକୁ ଯିବା ଆସିବା କରିପାରୁଥିଲେ । ସେହିପରି ସୁବର୍ଣ୍ଣରେଖା କୂଳରେ ଥିବା ରୋମ-ମୁଷାବଣି ଜଙ୍ଗଲରେ ଥିବା ହାତୀମାନଙ୍କୁ ଓଡ଼ିଶାର କେଉଁଝର ଓ ମୟୂରଭଞ୍ଜ ସୀମାନ୍ତରେ ଥିବା ଜଙ୍ଗଲ ତଥା ଓଡ଼ିଶା-ପଶ୍ଚିମବଙ୍ଗ ସୀମାରେ ଥିବା ଦେଓମାଳି ଜଙ୍ଗଲକୁ ଯା' ଆସ କରୁଥିବାର ଦେଖିବାକୁ ମିଳିଥାଏ ।

ପୂର୍ବେ କେଉଁଝର ଜିଲ୍ଲାରେ ହାତୀମାନଙ୍କର ଯେଉଁ ଚଲାପଥଟି ଥିଲା ତାହା ଉତ୍ତର ଦିଗରେ ଝାଡ଼ଖଣ୍ଡ(ସିଂହଭୂମି) ସୀମାକୁ ଛୁଇଁଥିବା ବଡ଼ବିଲ ବନାଞ୍ଚଳର ଉଲିବୁରୁ ସଂରକ୍ଷିତ ଜଙ୍ଗଲରୁ ହିଁ ଆରମ୍ଭ ହେଉଥିଲା । ଝାଡ଼ଖଣ୍ଡ ବା ତତ୍କାଳୀନ ବିହାରରୁ ବାହାରୁଥିବା ହାତୀମାନେ ଓଡ଼ିଶାର କେନ୍ଦୁଝର ଜିଲ୍ଲାର ଉଲିବୁରୁ ସଂରକ୍ଷିତ ଜଙ୍ଗଲରେ ପହଞ୍ଚି ଠାକୁରାଣୀ ସଂରକ୍ଷିତ ଜଙ୍ଗଲ (ପାଖାପାଖି ୩୫ କିଲୋମିଟର)କୁ ଆସୁଥିଲେ ଓ ସେଠାରୁ ରେଡ଼ା, ସିଦ୍ଧମଠ ସଂରକ୍ଷିତ ଜଙ୍ଗଲ ଓ ଗୋଆଲି ଦେଇ ବୈତରଣୀ ସଂରକ୍ଷିତ ଜଙ୍ଗଲରେ ପହଞ୍ଚୁଥିଲେ । ବୈତରଣୀ ସଂରକ୍ଷିତ ଜଙ୍ଗଲରୁ ହାତୀମାନଙ୍କର ତିନୋଟି ଚଲାପଥ ଆରମ୍ଭ ହେଉଥିଲା । ଗୋଟିକରେ ହାତୀମାନେ କେନ୍ଦୁଝର ଜିଲ୍ଲାର ବୈତରଣୀ ସଂରକ୍ଷିତ ଜଙ୍ଗଲର ଶେଷ ସୀମା ପର୍ଯ୍ୟନ୍ତ ଯାଇ ଫେରିଆସୁଥିବା ବେଳେ ଆଉ ଗୋଟିଏ ଚଲାପଥରେ ହାତୀମାନେ ପଶ୍ଚିମ ଦିଗରେ ସୁନ୍ଦରଗଡ଼ ଜିଲ୍ଲାର ତୋଡ଼ା ସଂରକ୍ଷିତ ଅଞ୍ଚଳ, ଗୁଞ୍ଜଘର ସରକୁଣ୍ଡା ସଂରକ୍ଷିତ ଅଞ୍ଚଳ ପର୍ଯ୍ୟନ୍ତ ଆସୁଥିଲେ । ଏହା ମଧ୍ୟ ଦୁଇ ଭାଗରେ ବିଭକ୍ତ ହେଉଥିଲା । ଗୋଟିଏ ଗୁଞ୍ଜଘର ଦେଇ ଯୋଡ଼ା ଅଞ୍ଚଳ ଦେଇ ସରକୁଣ୍ଡା ବରସୂଆଁ ରେଞ୍ଜ ପହଞ୍ଚୁଥିବାବେଳେ ଅନ୍ୟଟି କୋଇଡ଼ା ସଂରକ୍ଷିତ ଜଙ୍ଗଲ ଅଞ୍ଚଳ ଦେଇ ଯାଉଥିଲା । ଏହା ସୁନ୍ଦରଗଡ଼ ଜିଲ୍ଲାର ଶେଷ ସୀମାନ୍ତ ଅର୍ଥାତ ଲୁଙ୍ଗା ସଂରକ୍ଷିତ ଜଙ୍ଗଲ ପର୍ଯ୍ୟନ୍ତ ଯାଉଥିଲା । ବୈତରଣୀ ସଂରକ୍ଷିତ ଜଙ୍ଗଲରୁ ଏହା ଦକ୍ଷିଣକୁ କଡ଼େଇକଳା, କୁଟପାଲୀ ଦେଇ ନୟାଗଡ଼ ସଂରକ୍ଷିତ ଜଙ୍ଗଲରେ ପହଞ୍ଚୁଥିଲା । ଏଠାରୁ ଚଲାପଥଟି ଦୁଇଭାଗ ହେଉଥିଲା । ହାତୀମାନେ ଗୋଟିଏ ପଟେ ପଳାଶପଙ୍ଗା ଜଙ୍ଗଲ ଦେଇ ଜରିପଡ଼ା, ବେଲଦା ନିକଟରେ ପହଞ୍ଚୁଥିଲେ । ଆଉ ଦଳେ ଆସି ପହଞ୍ଚୁଥିଲେ ଗନ୍ଧମାର୍ଦ୍ଦନରେ । ଗନ୍ଧମାର୍ଦ୍ଦନରୁ ସେମାନେ ପହଞ୍ଚୁଥିଲେ ଗୋନାସିକା ପର୍ବତ ନିକଟରେ । ପାଖରେ ମଧ୍ୟ ଥିଲା ଗୁପ୍ତଗଙ୍ଗା । ଏଠାରୁ ସେମାନେ ଯାଉଥିଲେ ଖଜୁରିବଣୀ ଦେଇ ମାନପୁର । ମାନପୁରରୁ ଯାଉଥିଲେ ବଡ଼ବାଙ୍କ ସଂରକ୍ଷିତ ଜଙ୍ଗଲ । ସେଠାରୁ ବାଲିପୋଖରୀ ମୁଷଳନଦୀ କଡ଼େ କଡ଼େ ହାତୀମାନେ କଡ଼ବାହାଲୀ, ଅଟେଇ ସଂରକ୍ଷିତ ଜଙ୍ଗଲ ଦେଇ ମାଳିପଶୀ ପର୍ଯ୍ୟନ୍ତ ପହଞ୍ଚୁଥିଲେ । ସେହିପରି ଅନ୍ୟ ଏକ ଚଲାପଥ ମାନପୁରଠାରୁ ଆରମ୍ଭ ହୋଇ ଦେଓଗାଁ ବନାଞ୍ଚଳର ଗୋପୀନାଥପୁର, ନୂଆଗାଁ, ଗଡୁଆ ଆଦି ଦେଇ କୁଶେଇ ନଦୀ ପାର ହୋଇ ଢେଙ୍କାନାଳ ଜିଲ୍ଲାର ରଞ୍ଜାଗଡ଼, ଅନନ୍ତପୁର ସଂରକ୍ଷିତ ଜଙ୍ଗଲ ପର୍ଯ୍ୟନ୍ତ ଯାଉଥିଲା । ଏଠାରୁ ସେମାନେ ପ୍ରବେଶ କରୁଥିଲେ ଅନୁଗୁଳ ଜିଲ୍ଲାର ବରୁଣ ପର୍ବତମାଳା ପାଖ ଜଙ୍ଗଲରେ । ଏଠାରୁ କିଛି ହାତୀ ସମଲ୍ ନଦୀ କୂଳ ଅଞ୍ଚଳକୁ ଯାଉଥିବା ବେଳେ ଆଉ କେତେକ ବ୍ରାହ୍ମଣୀ ନଦୀକୂଳର ରୁହିଳା ଜଙ୍ଗଲକୁ ଯାଉଥିଲେ । ଏହା

ବ୍ୟତୀତ ଢେଙ୍କାନାଳ ଜିଲ୍ଲାରେ ମଧ୍ୟ ସୁନ୍ଦରାଖୋଲ ଓ ବଡ଼ବାଙ୍କ ସଂରକ୍ଷିତ ଅଞ୍ଚଳ ଦେଇ ହାତୀମାନେ ସୁନାଝରୀ ସଂରକ୍ଷିତ ଜଙ୍ଗଲ ପର୍ଯ୍ୟନ୍ତ ଯାଉଥିଲେ । ସେହିପରି କେନ୍ଦୁଝରେ ଓ ମୟୂରଭଞ୍ଜ ସୀମାରେ ଥିବା ବଉଳା ପାହାଡ଼ ତଥା ହଦଗଡ଼ ଅଭୟାରଣ୍ୟ ଭିତର ଦେଇ ମଧ୍ୟ ହାତୀମାନଙ୍କର ଯିବା ଆସିବା ଲାଗିରହିଥିଲା ।

**ସମସ୍ୟାର ମୂଳ: ଖଣିଖାଦାନ**

ଏବେ କିନ୍ତୁ ଏହି ସବୁ ଚଲାପଥ ପ୍ରାୟତଃ ନଷ୍ଟ ହୋଇଯାଇଛି । ଉଦାହରଣ ସ୍ୱରୂପ ଉଲିବୁରୁକୁ ନିଆଯାଉ । ଓଡ଼ିଶା ଝାଡ଼ଖଣ୍ଡ ସୀମାରେ ବଡ଼ବିଲଠାରୁ ପାଖାପାଖି ୩୫ କିଲୋମିଟର ଦୂରରେ ଥିବା ଏହି ଅଞ୍ଚଳରେ ଏକ ସଂରକ୍ଷିତ ଜଙ୍ଗଲ ରହିବା ସହିତ ଏହା ହାତୀମାନଙ୍କର ଏକ ଉତ୍ତମ ବିଚରଣ ସ୍ଥଳୀ ଥିଲା । ବିହାରରୁ ଆସୁଥିବା ହାତୀମାନଙ୍କ ପାଇଁ ଉଲିବୁରୁ ସ୍ୱାଗତ ଦ୍ୱାର ଥିଲା । ପୂର୍ବେ ଏହି ରାସ୍ତା ଦେଇ ହାତୀମାନେ ସ୍ୱଚ୍ଛନ୍ଦରେ ଯିବା ଆସିବା କରିପାରୁଥିବା ସମୟରେ ଏବେ କିନ୍ତୁ ଏହି ଚଲାପଥକୁ ନିରାପଦ ମଣୁନାହାଁନ୍ତି । ଏଥି ନିମନ୍ତେ ପାରିପାର୍ଶ୍ୱିକ ପରିସ୍ଥିତି ସଂପୂର୍ଣ୍ଣ ରୂପେ ଦାୟୀ । ଗୋଟିଏ ପଟେ ବଡ଼ବିଲରୁ ଝାଡ଼ଖଣ୍ଡର କେତେକ ଅଞ୍ଚଳକୁ ସ୍ପର୍ଶ କରୁଥିବା ଏକ ମୋଟରଗାଡ଼ି ଯା' ଆସ କରିବା ଭଳି ରାସ୍ତା ତିଆରି କରିଦିଆଯିବା ସହିତ ଅନ୍ୟ ପଟରେ ଏଠାରେ ଲୁହାପଥର ଖଣିମାନ ଖୋଳିବା ପାଇଁ ବିଭିନ୍ନ କମ୍ପାନୀଙ୍କୁ ଲିଜ ଦେଇ ଦିଆଯାଇଛି । ଏଠାରେ ଖଣି ଖୋଳିବା କାର୍ଯ୍ୟ ଚାଲୁ ରହିଛି । ଏଠାରୁ ଲୁହାପଥର ସବୁ ଖୋଳାଯାଇ ଟ୍ରକ ଯୋଗେ ବିଭିନ୍ନ ସ୍ଥାନକୁ ପଠାଯାଉଛି । ଏହି ସବୁ ଖଣି ଖୋଳାଯିବା ପାଇଁ ବ୍ଲାଷ୍ଟିଙ୍ଗ କରାଯାଉଛି । ଯା'ଫଳରେ ହାତୀମାନେ ପ୍ରଥମେ ଯେଉଁ ସବୁ ସ୍ଥାନକୁ ନିରାପଦରେ ଯା'ଆସ କରୁଥିଲେ ଏବେ ସେଠାକୁ ଆସୁନାହାନ୍ତି ।

ଏବେ ବଡ଼ବିଲ ସହର ଯେଉଁଠାରେ ଛିଡ଼ା ହୋଇଛି ତା'ର ଅତି ନିକଟରେ ଠାକୁରାଣୀ ସଂରକ୍ଷିତ ଜଙ୍ଗଲରେ ରହିଥିଲା ହାତୀଙ୍କର ବିଚରଣ ସ୍ଥଳୀ । ଏବେ କିନ୍ତୁ ଏଠାରେ ପ୍ରଚୁର ଖଣି ଖୋଳା ଚାଲିଛି । ଏଠାରେ ବିଭିନ୍ନ ସଂସ୍ଥାଙ୍କୁ ଖଣି ଖୋଳିବା ନିମନ୍ତେ ଲିଜ ସୂତ୍ରରେ ଦିଆହୋଇଛି । ଏହି ସଂସ୍ଥାଗୁଡ଼ିକ ପୂର୍ବରୁ କେବଳ ଟ୍ରକ ଯୋଗେ ଲୁହାପଥର ଖୋଳି ବୋହୁଥିଲେ । ଏବେ ପୁରାପୁରି ରେଳ ସଂଯୋଗ କରି ଲୁହାପଥର ବୋହିବାର ବ୍ୟବସ୍ଥା କରୁଛନ୍ତି ।

ପୂର୍ବରୁ ହାତୀମାନେ ଠାକୁରାଣୀ ସଂରକ୍ଷିତ ଜଙ୍ଗଲରୁ ଯେଉଁ ସିଦ୍ଧମଠ ଜଙ୍ଗଲକୁ ଯାଉଥିଲେ ସେଠାରେ ମଧ୍ୟ ଏବେ ବିଭିନ୍ନ ସଂସ୍ଥାଙ୍କୁ ଲୁହାପଥର ଖୋଳିବା ପାଇଁ ଲିଜ ଦିଆଯାଇଛି । ଲୁହାପଥରବାହୀ ରେଳଗାଡ଼ି, ୨୧୫ ନମ୍ବର ଜାତୀୟ ରାଜପଥରେ ଚାଲୁଥିବା ହଜାର ହଜାର ଲୁହାପଥରବାହୀ ଟ୍ରକ ସହିତ ଖଣିରେ ଚାଲୁଥିବା ବ୍ଲାଷ୍ଟିଙ୍ଗ ଓ ଜଙ୍ଗଲ ହାନୀ ଜନିତ ଖାଦ୍ୟାଭାବ ଯୋଗୁଁ ଏବେ ହାତୀମାନେ ନିଜ ଚଲାପଥ ଓ ବିଚରଣ ସ୍ଥଳୀ ଛାଡ଼ି ବିଭିନ୍ନ ଲୋକଙ୍କର କ୍ଷେତବାଡ଼ି ଉଜାଡ଼ିବା ସହିତ ଘରଦ୍ୱାର ମଧ୍ୟ ଭାଙ୍ଗି ପକାଉଛନ୍ତି । ଏହି କାରଣରୁ ଘର ହରାଇଥିବା ଜଣେ ଲୋକମାନଙ୍କର କହିବାନୁଯାୟୀ ପୂର୍ବରୁ ବହୁତ ହାତୀ ଆସୁଥିଲେ ଓ ଜଙ୍ଗଲରେ ରହି ଖାଇପିଇ ଚାଲିଯାଉଥିଲେ । ଏବେ କିନ୍ତୁ ଖଣି ହେବା ପରେ ସେମାନେ ସବୁ ଫସଲ କ୍ଷେତକୁ ନହେଲେ ଘରବାଡ଼ିକୁ ପଳାଇ ଆସୁଛନ୍ତି ।

ଝାଡ଼ଖଣ୍ଡ ସୀମାରେ ନାଲଦା ଠାରେ ଥିବା ଓଡ଼ିଶାର ଫରେଷ୍ଟର, ଜଗନ୍ନାଥ ମିଶ୍ରଙ୍କର କହିବାନୁଯାୟୀ ଝାଡ଼ଖଣ୍ଡରୁ ଭଦ୍ରାସାହୀ ପର୍ଯ୍ୟନ୍ତ ଯାଉଥିବା ହାତୀମାନେ ଏବେ ବିଶୃଙ୍ଖଳିତ ହେବାକୁ ବାଧ ହେଉଛନ୍ତି । ହାତୀମାନେ ଏବେ ବି ଝାଡ଼ଖଣ୍ଡରୁ କାରା ଓ ଦଲକୀ ଦେଇ ଓଡ଼ିଶା ଆସୁଛନ୍ତି । ବିଶେଷକରି ଝାଡ଼ଖଣ୍ଡର ନୂଆମୁଣ୍ଡି ଠାରୁ ଟିସ୍କୋର ଯେଉଁ ହାଟିଙ୍ଗ ହୋଇଛି ସେହିବାଟେ ହାତୀ ଠାକୁରାଣୀ ଗାଁଆ, କାରା ବାଟ ଦେଇ ଦଲକୀ, ସୋୟାବାଲୀ ପର୍ଯ୍ୟନ୍ତ ଆସନ୍ତି । ଏବେ କିନ୍ତୁ ଖଣିରେ ହେଉଥିବା ବ୍ଲାଷ୍ଟିଙ୍ଗ ସହିତ ଚାଷ ତଥା ଜଙ୍ଗଲ କମିଯିବା ଫଳରେ ହାତୀମାନେ ଇତଃସ୍ତତ ହୋଇଗଲେଣି । ଠାକୁରାଣୀ ଅଞ୍ଚଳରେ ଚାଲିଥିବା ଖଣି କାର୍ଯ୍ୟ ଯୋଗୁ ଠାକୁରାଣୀ ପର୍ବତରୁ ବାହାରିଥିବା ଚିରସ୍ରୋତା ଝରଣାଟି ମଧ୍ୟ ଦିନକୁ ଦିନ ଅଧିକରୁ ଅଧିକ ଶୁଖି ଶୁଖି ଯାଉଛି । ସାବାଲୀ ଝର ତ ପୁରାପୁରି ବନ୍ଦ ହୋଇଗଲାଣି । ଠାକୁରାଣୀ ଓଏମଡ଼ିସି ଖଣିରେ ନିକଟସ୍ଥ ସ୍ଥାନୀୟ ଆଦିବାସୀମାନଙ୍କର କହିବାନୁଯାୟୀ ଝରଣା ଶୁଖିଯିବା ଫଳରେ ଲୋକଙ୍କୁ ତ ପିଇବାକୁ ପାଣି ମିଳୁନାହିଁ, ଆଉ ହାତୀ କ'ଣ ଆସିବେ ?

ଠାକୁରାଣୀ ସଂରକ୍ଷିତ ଜଙ୍ଗଲରୁ ହାତୀମାନେ ଭଦ୍ରାସାହୀ ଆସୁଥିଲେ ଓ ଏଠାରୁ ରେଡ଼ା ଓ ସିଦ୍ଧମଠ ଯାଉଥିଲେ । ଏବେ ଏ ଦୁଇଟି ଯାକ ସ୍ଥାନରେ ଖଣି ଖୋଳା ଚାଲିବା ସହିତ ସହର ଏବଂ ୨୧୫ ନମ୍ବର ଜାତୀୟ ରାଜପଥରେ ଉପୁଜୁଥିବା କୋଳାହଳ ଯୋଗୁଁ ହାତୀମାନେ ଇତସ୍ତତଃ ହୋଇଛନ୍ତି । ରେଡ଼ାରେ ମେସର୍ସ ଏନ.କେ.ରାମ, ମେସର୍ସ ମିଡ଼ ଇଷ୍ଟ ଇଣ୍ଟିଗ୍ରେଟେଡ଼ ଷ୍ଟିଲ ଲିମିଟେଡ୍, ଓଏମ୍ସି ଆଦି ସଂସ୍ଥାଙ୍କୁ ଲୁହାପଥର ଖୋଳିବାପାଇଁ ଠିକା ଦିଆଯାଇଛି । ଭଦ୍ରାସାହୀ ପର୍ବତରେ ଏକ ବିସ୍ତୃତ ଖଣି ଅଞ୍ଚଳ ଓଏମ୍ସିର ଅକ୍ତିଆରରେ ଅଛି ।

ପୂର୍ବରୁ ବୈତରଣୀ ନଦୀକୁ ଜନ୍ମ ଦେଇଥିବା ଗୋନାସିକା ନିକଟସ୍ଥ ଏକ ଅଞ୍ଚଳ ହାତୀମାନଙ୍କ ଖାଦ୍ୟ, ପାନୀୟ ତଥା ବିଚରଣ ପାଇଁ ଏକ ଭଲ ଆବାସସ୍ଥଳୀ ହୋଇପାରୁଥିଲା ଓ ହାତୀମାନଙ୍କୁ ବୈତରଣୀ ସଂରକ୍ଷିତ ଜଙ୍ଗଲରେ ଦେଖିବାକୁ ମିଳୁଥିଲା । ଏବେ ସହରରେ ଚାଲିଥିବା ନିର୍ମାଣ କାର୍ଯ୍ୟ ପାଇଁ ଆବଶ୍ୟକ ହେଉଥିବା କାଠ ବାଉଁଶ ନିମନ୍ତେ ଆଖିବୁଜା ଜଙ୍ଗଲ କଟାଯିବା କାରଣରୁ ଜଙ୍ଗଲ ସବୁ ପତଳା ହୋଇଗଲାଣି । ଗନ୍ଧମାର୍ଦ୍ଦନ ପର୍ବତ ଯେଉଁଠାରେ ହସ୍ତୀ ଚଲାପଥର ପ୍ରମୁଖ ମିଳନସ୍ଥଳୀ ବା ଛକ ରହିଛି ଓ ଯେଉଁଠାରୁ ହାତୀମାନେ ଗୋଟିଏ ପଟେ କାଇଁସିରି, ଶୁଆକାଟି, ସିଦ୍ଧମଠ, ବାୟାରକୁମୁଟିଆ, କାଞ୍ଜିପାଣି ଦେଇ ଗୁପ୍ତଗଙ୍ଗା ପର୍ବତ ଓ ଗୋନାସିକା ନିକଟରେ ପହଞ୍ଚିଥାଆନ୍ତି, ସେଠାରେ ଓଏମ୍ସିର ଦୁଇଟି ଲୁହାପଥର ଖଣି ରହିଛି । ଏଥିପାଇଁ ଓଏମସିକୁ ୧୫୯୦ ଏକର ଓ ୬୧୮ ଏକର ଜମି ଦିଆଯାଇଛି । ଏହା ବାହାରେ ଗୋନାସିକାକୁ ଏକ ପର୍ଯ୍ୟଟନ ସ୍ଥଳୀ କରାଯାଇଛି । କେନ୍ଦୁଝର ବନଖଣ୍ଡର ଯେଉଁ ଯେଉଁ ଅଞ୍ଚଳରେ ପୂର୍ବରୁ ହାତୀର ଚଲାପଥ ଥିଲା ଏବେ ସେଥିରୁ ଅଧିକାଂଶ ସ୍ଥାନରେ ଲୁହାପଥର, କ୍ରୋମାଇଟ ତଥା ଅନ୍ୟାନ୍ୟ ଖଣିଜ ଦ୍ରବ୍ୟର ଉତ୍ତୋଳନ ନିମନ୍ତେ ଖଣିଖାଦାନ ଖୋଳା ଯିବା ସହିତ ରାସ୍ତାଘାଟ ତଥା ଅନ୍ୟାନ୍ୟ ନିର୍ମାଣ କାର୍ଯ୍ୟ ଚାଲୁ ରହିଛି ।

କେଉଁଝର ଜିଲ୍ଲାରେ ହାତୀମାନେ ପାଟଣା ଓ ଘଟଗାଁ ବନାଞ୍ଚଳ ଦେଇ ଦେଓଗଡ଼ ଆସୁଥିଲେ । ଦେଓଗଡ଼ ବନାଞ୍ଚଳରେ ହାତୀମାନଙ୍କର ପ୍ରବେଶ କେନ୍ଦୁଝରର ମାନପୁର ଓ ଦେଓଗଡ଼ର ହରିଚନ୍ଦନପୁର ପାଖାପାଖି ଘଟୁଥିଲା । ହାତୀମାନେ ଗୋପୀନାଥପୁର, ଭଗମୁଣ୍ଡା, ଗଡ଼ଜାଣ, ଦେଇ ରେବଣା ପର୍ଯ୍ୟନ୍ତ ଯାତାୟାତ କରୁଥିଲେ । ଏଥିପାଇଁ ସେମାନଙ୍କୁ ଦୈତାରୀ ଓ ବ୍ରାହ୍ମଣୀପାଳ ଦେଇ ଯିବାକୁ ପଡୁଥିଲା । ଏବେ ଏ ଅଞ୍ଚଳରେ କେବଳ ପ୍ରଚୁର ଖଣି ଖୋଳା କାର୍ଯ୍ୟ ଚାଲିଛି ବୋଲି ନୁହେଁ, ତା' ସହିତ ଦୈତାରୀ–

ପାରାଦ୍ୱୀପ ଏକ୍ସପ୍ରେସ ସଡ଼କ ଓ ଅନ୍ୟାନ୍ୟ ନିର୍ମାଣ କାର୍ଯ୍ୟ ଜାରି ରହିଛି । କେନ୍ଦୁଝରର ଅନ୍ୟ ଏକ ହାତୀ ବିଚରଣସ୍ଥଳୀ ଥିଲା ହଦଗଡ଼ ଓ ଏହାକୁ ଘେରିରହିଥିଲା ବଉଳା ପାହାଡ଼ । ପାଖରେ ବହିଯାଉଥିଲା ଶାଳନ୍ଦୀ ନଦୀ । ଶାଳନ୍ଦୀ ନଦୀରେ ଏକ ବିରାଟ ବନ୍ଧ ବନ୍ଧାଯାଇ ଜଳଭଣ୍ଡାର କରିଦିଆଯାଇଛି । ଏହା ବାହାରେ ବଉଳା ପାହାଡ଼ରୁ ଖଣିଜ ଦ୍ରବ୍ୟ ଉତ୍ତୋଳନ କରିବା ପାଇଁ ଓଏମସି, ଇମ୍ଫା ତଥା ଫାକର କମ୍ପାନୀକୁ ଲିଜ ଦେଇଦିଆଯାଇଛି । ଫଳରେ ପୂର୍ବେ ହାତୀମାନେ ଦଲକୀ, ପିତାନାଉ ଓ ରତ୍ନମରା ଆଦି ଗାଁ'ରୁ ଆମ୍ବଡ଼ାଳିଆ, ଗୋଡ଼ଭଙ୍ଗା, ଫୁଲଝର, ମଲ୍ଲୀପଶୀ ଆଦି ଗାଁଆ ଦେଇ ଶାଳନ୍ଦୀ ସେପାଖେ ଥିବା ବଉଳାପାହାଡ଼ ଟପି ମୟୁରଭଞ୍ଜରେ ପ୍ରବେଶ କରୁଥିଲେ ଯାହାକି ଏବେ ହୋଇପାରୁନାହିଁ ।

ପୂର୍ବେ ହାତୀଦଳ କୁଶେଇ ନଦୀକୁ ପାରିହୋଇ କେନ୍ଦୁଝରରୁ ଢେଙ୍କାନାଳରେ ପ୍ରବେଶ କରୁଥିଲେ । ଢେଙ୍କାନାଳରେ ଥିବା ରଞ୍ଜାଗଡ଼ ସଂରକ୍ଷିତ ଜଙ୍ଗଲ, ଅନନ୍ତପୁର ସଂରକ୍ଷିତ ଜଙ୍ଗଲ ଦେଇ ହାତୀମାନେ ଗୋଟିଏ ପଟେ ଅନୁଗୁଳ ଜିଲ୍ଲାରେ ପ୍ରବେଶ କରୁଥିବା ବେଳେ ଅନ୍ୟ ପଟେ ଆଉ ଗୋଟିଏ ଚଲାପଥ ଥିଲା ସେହି ଢେଙ୍କାନାଳ ଭିତରେ ଯେଉଁ ରାସ୍ତାରେ ହାତୀମାନେ ବଡ଼ବାଙ୍କ, ସୁନ୍ଦରାଖୋଲ ଓ ସୁନାଝରୀ ସଂରକ୍ଷିତ ଜଙ୍ଗଲକୁ ଯାଆସ କରୁଥିଲେ । ଏବେ ଏଥିରୁ ଅଧିକାଂଶ ଜଙ୍ଗଲରେ କୋଇଲା ଓ ଅନ୍ୟାନ୍ୟ ଖଣି, ଜାତୀୟ ରାଜପଥ ଓ ରେଳଲାଇନ ପ୍ରଚୁର ପରିମାଣରେ ତିଆରି ହୋଇଛି । ସେହିପରି ହାତୀମାନେ ଢେଙ୍କାନାଳ ଜିଲ୍ଲାର ଅନନ୍ତପୁର ସଂରକ୍ଷିତ ଜଙ୍ଗଲରୁ ବରୁଣପର୍ବତ ରାସ୍ତା ଦେଇ ଅନୁଗୁଳ ଜିଲ୍ଲାରେ ପ୍ରବେଶ କରୁଥିଲେ । ଏଠାରେ ସେମାନେ ହନୁମାନପୁର ଦେଇ ଫୁଲଝର ସଂରକ୍ଷିତ ଜଙ୍ଗଲ ପର୍ଯ୍ୟନ୍ତ ଯିବା ଆସିବା କରୁଥିଲେ । ଏବେ ଅନୁଗୁଳ ଜିଲ୍ଲାରେ ୧୨ଟି କୋଇଲାଖଣି ଖନନ କାର୍ଯ୍ୟ ଚାଲିଥିବା ବେଳେ ତେଲସିଂଘା ଠାରେ ଗୋଟିଏ ଫାୟାରକ୍ଲେ ଖଣି, ପରଜଙ୍ଗଠାରେ ଗୋଟିଏ ଗୋଟିଏ କ୍ୱାର୍ଜ ଖଣି, କୁକୁଡ଼ି ଓ ମେଣ୍ଡାପାଳଠାରେ ଗୋଟିଏ ଗୋଟିଏ ଖଣି ହୋଇଗଲାଣି । ତାଳଚେରଠାରୁ ସମଲ ବ୍ୟାରେଜ ଦେଇ ଯାଇଥିବା ସଡ଼କ ହାତୀଙ୍କ ଚଳପ୍ରଚଳ ନିମନ୍ତେ ଆଉ ଏକ ଅନ୍ତରାୟ ହୋଇ ଦେଖାଦେଇଛି । ଢେଙ୍କାନାଳ ଜିଲ୍ଲାରେ କରାଯାଇଥିବା ରେଙ୍ଗାଲି କେନାଲ ଓ ତାହାର ପାର୍ଶ୍ୱବର୍ତ୍ତୀ ଶାଖା କେନାଲ ଯୋଗୁଁ ହାତୀ ଏକ ପ୍ରକାର ବନ୍ଦୀ ହୋଇଯାଇଛନ୍ତି ଓ ଖାଦ୍ୟ ଭାବରେ ଫସଲ ନଷ୍ଟ ଓ ଘରଦ୍ୱାର ଭାଙ୍ଗିବା ସହିତ ମଣିଷ ମାରୁଛନ୍ତି ।

ଉତ୍ତର ଓ ଦକ୍ଷିଣ କେଉଁଝରରେ ରହିଛି ମହାପର୍ବତ, ବୈତରଣୀ, କାରୋ, ଠାକୁରାଣୀ, ଉଲିବୁରୁ, ସିଦ୍ଧମଠ ଏବଂ ଚମକପୁର ପରି ଜଙ୍ଗଲ । ଏଠାରେ କେନ୍ଦୁଝର ବନଖଣ୍ଡର ଚମ୍ପୁଆ ବନାଞ୍ଚଳ, କୋଇରା ବନାଞ୍ଚଳର ଯୋଡ଼ା, ବଣାଇ ବନାଞ୍ଚଳର ଦଉଡ଼ପାଟ, ଅମଦୁଡ଼ିହୀ, ସିନ୍ଦିରିଆ, ବାଙ୍କି ରେଞ୍ଜର ଦକ୍ଷିଣ ଚମ୍ପୁଆ ଝରଣ ଓ ଖୁଣ୍ଡିହି, ଜାମରା ରେଞ୍ଜର କୁସୁମଡ଼ିହୀ ଏବଂ ରଶୀନାଥ ପରି ଜଙ୍ଗଲ କେନ୍ଦୁଝର ଓ ଦେଓଗଡ଼ ଜିଲ୍ଲାରେ ରହିଛି । କେନ୍ଦୁଝର ବନଖଣ୍ଡରେ ଥିବା କେନ୍ଦୁଝର ବନାଞ୍ଚଳରେ ନରଣପୁର, ରଘୁନାଥପୁର, ଦେଓଗାଁ ବନାଞ୍ଚଳରେ ରେବଣା, ଘଟଗାଁ ବନାଞ୍ଚଳରେ ଅତାଇ, ରେବିଆଣା ଏବଂ ପିପିଳିଆ ଜଙ୍ଗଲ ରହିଥିବା ବେଳେ ଆଠଗଡ଼ ବନଖଣ୍ଡ ଅଧୀନରେ ଥିବା ସୁକିନ୍ଦା ବନାଞ୍ଚଳରେ ଦୈତାରୀ ରହିଛି । ଏହା ମୁଖ୍ୟତଃ କେନ୍ଦୁଝର ଓ ଯାଜପୁର ଜିଲ୍ଲାର ସୀମା ଭିତରେ ରହିଛି । ଏହି ସବୁ ଜଙ୍ଗଲରେ ଘଞ୍ଚ ଶାଳ ଜଙ୍ଗଲ, ଖୋଲା ଶାଳ ଜଙ୍ଗଲ ଓ ଘଞ୍ଚ ମିଶ୍ରିତ ଜଙ୍ଗଲ ସହିତ ଅନେକ ଡାଲୁ ଅଞ୍ଚଳ ରହିଥିଲା । ଏଠାରେ ବହୁ ପରିମାଣରେ ବୁଦୁବୁଦୁକିଆ ଜଙ୍ଗଲ ମଧ୍ୟ ରହିଥିଲା । ଏହା ସହିତ ଏହି ଅଞ୍ଚଳରେ ପ୍ରଚୁର ପରିମାଣରେ ବାଉଁଶବୁଦା ରହିଥିଲା ଯାହାକି ହାତୀମାନଙ୍କ ପାଇଁ ଏକ ଉତ୍ତମ ବାସସ୍ଥଳୀ ହୋଇପାରୁଥିଲା । ଏହି ଅଞ୍ଚଳରେ କ୍ରମାଗତ ଜଙ୍ଗଲ କ୍ଷୟ ହାତୀମାନଙ୍କ ଖୋଲା ବିଚରଣ ନିମନ୍ତେ ଏକ ସମସ୍ୟା ହୋଇ ଉଭା ହୋଇଛି ।

ଗୋଟିଏ କଥା ସ୍ପଷ୍ଟ ଯେ ଅନ୍ୟ ଜିଲ୍ଲାମାନଙ୍କ ତୁଳନାରେ କେନ୍ଦୁଝର ଜିଲ୍ଲାରେ ହିଁ ଅଧିକ ଖଣି ଖୋଳିବା ପାଇଁ ଲିଜ ଦିଆଯାଇଛି ଏବଂ ଅପର ପକ୍ଷରେ ଅନ୍ୟ ଜିଲ୍ଲାମାନଙ୍କ ତୁଳନାରେ କେନ୍ଦୁଝର, ଅନୁଗୁଳ ଓ ଢେଙ୍କାନାଳ ଜିଲ୍ଲାରେ ହାତୀ ଉପଦ୍ରବ ସମସ୍ୟା ସର୍ବାଧିକ । ସାରା ଓଡ଼ିଶାରେ ହାତୀ ଉପଦ୍ରବ, ହାତୀ ମୃତ୍ୟୁ, ମଣିଷ ମୃତ୍ୟୁ, ମଣିଷ ମୃତ୍ୟୁ, ଶିକାର, ଫସଲ ନଷ୍ଟ, ଆଦି ଏହି ୩ଗୋଟି ଜିଲ୍ଲାରେ ହିଁ ଅଧିକ ଦେଖାଯାଇଥାଏ । ଏହିଥିରୁ ସହଜରେ ଅନୁମେୟ, ଖଣିଖାଦାନ ଯୋଗୁଁ ଜଙ୍ଗଲ କ୍ଷୟ ଓ ହାତୀମାନଙ୍କ ଚଲାପଥରେ ଅନ୍ତରାୟ ସୃଷ୍ଟି ହେଉଛି । ଏହା ଫଳରେ ହାତୀ ପଲ ଜନପଦ ଭିତରକୁ ପଶି କ୍ଷୟ କ୍ଷତି କରୁଛନ୍ତି ।

**ଶେଷକଥା**

ରାଜ୍ୟରେ କ୍ରମବର୍ଦ୍ଧିଷ୍ଣୁ ହାତୀ ଉପଦ୍ରବ, ତତ୍‌ଜନିତ କ୍ଷୟକ୍ଷତି ଏବଂ କ୍ଷତିର ଭରଣାକୁ ତର୍ଜମା କଲେ ଯେଉଁ ଦିଗଟି ସାମ୍ନାକୁ ଆସେ ତାହା ହେଲା, ଏହି ସମସ୍ୟାର ମୂଳ ଆଧାର ମଣିଷ ଦ୍ୱାରା ସୃଷ୍ଟ ଏବଂ ପୁଷ୍ଟ । ଜଙ୍ଗଲରେ ଖଣିଖାଦାନ ବା ଅନ୍ୟ କୌଣସି ବିକାଶମୂଳକ କାର୍ଯ୍ୟ କଲାବେଳେ ଏହା ଜଙ୍ଗଲରେ ବସବାସ କରୁଥିବା ବନ୍ୟପ୍ରାଣୀଙ୍କର ଚଳାଚଳ ଉପରେ କି ପ୍ରକାର ପ୍ରତିକୂଳ ପ୍ରଭାବ ପକାଇବ ଏଥିନିମନ୍ତେ କୌଣସି ନିର୍ଭରଯୋଗ୍ୟ ବିଧିବଦ୍ଧ ତର୍ଜମା ହେଉନାହିଁ କିମ୍ବା ହେଲେ ମଧ୍ୟ ଧର୍ମକୁ ଆଖି ଠାର ପରି କରାଯାଉଛି । ଫଳରେ ସଂପୃକ୍ତ କାର୍ଯ୍ୟ ଯେ କେବଳ ବନ୍ୟପ୍ରାଣୀଙ୍କର ବସବାସ ଓ ଚଳାଚଳରେ ପ୍ରତିବନ୍ଧକ ହେଉଛି ତା'ନୁହେଁ ଏହା ସେମାନଙ୍କର ବ୍ୟବହାରଗତ ପରିବର୍ତ୍ତନରେ ମଧ୍ୟ ସହାୟକ ହେଉଛି । ଖଣିଖାଦାନ କରି ହାତୀମାନଙ୍କର ବାସସ୍ଥଳୀ ଓ ଚଲାପଥକୁ ବିପର୍ଯ୍ୟସ୍ତ କଲା ପରେ ସେହି ସ୍ଥାନରେ ସେମାନଙ୍କର ସଂରକ୍ଷଣ ନିମନ୍ତେ ଅର୍ଥ ବରାଦ କରିବା କେତେ ଦୂର ସମୀଚୀନ ଏହା ଏକ ବିରାଟ ପ୍ରଶ୍ନବାଚୀ । ଅନ୍ୟ ଅର୍ଥରେ ଏହି ସଂରକ୍ଷଣ ଯୋଜନା ହାତୀ ଏବଂ ଅନ୍ୟାନ୍ୟ ବନ୍ୟଜୀବ ମାନଙ୍କୁ ସେମାନଙ୍କର ପୂର୍ବର ମାନସିକ ସ୍ଥିତିକୁ ଫେରାଇ ଆଣିବା ନିମନ୍ତେ ସହାୟକ ହେବ ତ ? ଏଣୁ ରୋଗ ନିମନ୍ତେ ଔଷଧ ନଖୋଜି ରୋଗର ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କଲାଭଳି ଜଙ୍ଗଲ ମଧ୍ୟରେ କୌଣସି ଖଣିଖାଦାନ ବା ବିକାଶମୂଳକ କାର୍ଯ୍ୟ ଆରମ୍ଭ କଲା ପୂର୍ବରୁ ଏହା ଯେପରି ହାତୀମାନଙ୍କର ସ୍ୱତନ୍ତ୍ର ଜୀବନଧାରା ଏବଂ ଗ୍ଭଲିଚଳଣକୁ ପ୍ରଭାବିତ ନକରିବ ସେଥିପ୍ରତି ଦୃଷ୍ଟି ଦେବା ଉଚିତ ନୁହେଁ କି ? କେବଳ ମୁଷ୍ଟିମେୟ ଖଣି ମାଲିକ, ଶିଳ୍ପପତିମାନଙ୍କର ସ୍ୱାର୍ଥକୁ ଧ୍ୟାନ ନ'ଦେଇ କୌଣସି ଜଙ୍ଗଲ-ଭିତ୍ତିକ କାର୍ଯ୍ୟକ୍ରମ ଗ୍ରହଣ କଲା ପୂର୍ବରୁ କର୍ତ୍ତୃପକ୍ଷ ଏଥିରେ ଥିବା ବନ୍ୟପ୍ରାଣୀଙ୍କର ସୁରକ୍ଷା ଦିଗରେ ଧ୍ୟାନ ଦେବା ସର୍ବାଦୌ ଆବଶ୍ୟକ ।

✧

# ସଚେତନତାରୁ ଶିକ୍ଷା : ତେରବେଢ଼ାରେ ଭାଲୁ ସୁରକ୍ଷା

ସମ୍ବଲପୁର ଜିଲ୍ଲା ଅନ୍ତର୍ଗତ ରେଢ଼ାଖୋଲ ଠାରୁ ପ୍ରାୟ ଆଠ କିଲୋମିଟର ଗଲେ ପଡ଼େ ତେରବେଢ଼ା ଗାଁ। ନାକ୍ଟି-ଦେଉଳ ବ୍ଲକର ଡଇଁଚା ଗ୍ରାମ ପଞ୍ଚାୟତର ଅଧୀନରେ ଆସୁଥିବା ଏହି ଗାଁ'ଟିର ନାଁ' ଏବେ ସେ ଅଞ୍ଚଳର ସମସ୍ତଙ୍କ ମୁହଁରେ। ସଚେତନତା ସେଠାକାର ଲୋକଙ୍କର ମନରେ ସମ୍ପୂର୍ଣ୍ଣ ପରିବର୍ତ୍ତନ ଆଣିପାରିଛି। କାରଣ ଶିକାର ଲାଗି ବନ୍ଧୁକ ରଖୁଥିବା ଗୋଟିଏ ଶିକାରୀ ଗାଁ' ଏବେ ସୁରକ୍ଷାକାରୀ ପାଲଟିଯାଇଛି। ତେଣୁ ସେହି ଅଞ୍ଚଳରେ ଭାଲୁର ସୁରକ୍ଷା କହିଲେ ତେରବେଢ଼ା ଗାଁ'ର ନାଁ' ସମସ୍ତଙ୍କର ମୁହଁରେ ଆସୁଛି।

ସମସ୍ତେ ଗୋଟିଏ ଗୀତ ମନେ ରଖିଥିବେ 'ଭାଲୁ ନାଚ କରେ ବଜାଇ ବାଜା'। ଲୋକେ ଦେଖି ଖୁସି ହୁଅନ୍ତି ଯେ, ଭାଲୁ ଖୁସିରେ ନାଚୁଛି। କିନ୍ତୁ ଏହି ନାଚ ଲାଗି ଭାଲୁକୁ ଯେ କେତେ ଯନ୍ତ୍ରଣା ଦିଆଯାଏ ତାହା ବହୁତ କମ ଲୋକ ଜାଣିଥିବେ। ଭାଲୁ ନିଜର ମୁନିବ ଠାରୁ ମାଡ଼ ଖାଇବା ଭୟରେ ନିଜର ଅଙ୍ଗକୁ ପ୍ରହାର ଠାରୁ ଦୂରରେ ରଖିବା ପାଇଁ ହଲିଥାଏ। ଏହାକୁ ଆମେ ନାଚ ବୋଲି କହିଥାଉ। ଜାତୀୟ ବନ୍ୟପ୍ରାଣୀ (ସୁରକ୍ଷା) ଆଇନ ଅନୁସାରେ ଭାଲୁକୁ ନଚାଇବା, ପାଖରେ ରଖିବା, ଶିକାର କରିବା ଦଣ୍ଡନୀୟ ଅପରାଧ। ଆମ ରାଜ୍ୟରେ ତଥା ଦେଶରେ 'ସାପୁଆ କେଳା'ଙ୍କ ଭଳି ଭାଲୁନଚାଳି ବା 'କଳନ୍ଦର'ମାନେ ଭାଲୁକୁ ନଚାଇ, ଭାଲୁର ଅଂଶ ବିକ୍ରି କରି ନିଜର ଜୀବନଜୀବିକା ବା ପେଟପାଟଣା ଚଳାଉଥିଲେ। ତେବେ ଏହି ପେଟପାଟଣାର ମାଧ୍ୟମ ବା ବ୍ୟବସାୟ ଲାଗି ଲୋଡ଼ା ହେଉଥିଲା ଭାଲୁ ଛୁଆ। କାରଣ ଭାଲୁକୁ ଭଲ ପୋଷା ମନାଇବାକୁ ହେଲେ ଛୁଆବେଳୁ ପାଳିବାକୁ ହୋଇଥାଏ। ଏହି ଭାଲୁ ଛୁଆକୁ ଭାରତର ଅନ୍ୟାନ୍ୟ ରାଜ୍ୟରୁ ଚାଲାଣ କରାଯାଉଥିଲେ ମଧ୍ୟ ଓଡ଼ିଶାରୁ ମାତ୍ରାଧିକ ଭାବେ ଚାଲାଣ କରାଯାଉଥିଲା। ବିଶେଷ କରି ଓଡ଼ିଶାର ସମ୍ବଲପୁର ଜିଲ୍ଲାର ରେଢାଖୋଲ ଅଞ୍ଚଳ ଓ କେନ୍ଦୁଝର ଜିଲ୍ଲାର ନାମ ସର୍ବାଗ୍ରେ ଥିଲା। କାରଣ ଏହି ଅଞ୍ଚଳ ଭାଲୁ (Sloth Bear)ର ଏକ ଗୁରୁତ୍ୱପୂର୍ଣ୍ଣ ବାସସ୍ଥଳୀ ଅଟେ। ବିଶେଷ କରି ଏହି ଜିଲ୍ଲା ରାଜ୍ୟର ସୀମାନ୍ତ ଅଞ୍ଚଳ ହୋଇଥିବାରୁ ଉତ୍ତରପ୍ରଦେଶ ଏବଂ ବିହାର ରାଜ୍ୟର ଭାଲୁ ବେପାରୀଙ୍କର ଏଠାରେ ଏକ ପ୍ରକାର ଆଡ୍ଡାସ୍ଥଳୀ ହୋଇଯାଇଥିଲା। ତେଣୁ ଏଥିଲାଗି ଓଡ଼ିଶା ଦୁର୍ନାମ ଅର୍ଜନ କରିଥିଲା। ସମୟ କ୍ରମେ ଦେଶରେ ଭାଲୁମାନଙ୍କର ସଂଖ୍ୟା କମିଯିବାରୁ ଏବଂ 'କଳନ୍ଦର'ମାନଙ୍କୁ ଭାଲୁ ନଚାଇବାରୁ ବିରତ ରଖିବା ପାଇଁ ବନ୍ୟପ୍ରାଣୀ (ସୁରକ୍ଷା) ଆଇନରେ ସଂଶୋଧନ ଅଣାଯାଇ ଏହା ଉପରେ କଟକଣା ଲଗାଯାଇଥିଲା। ତଥାପି ଏହି ଚାଲାଣ ରୋକାଯାଇପାରିନଥିଲା। ବାହାର ରାଜ୍ୟର ଦଲାଲମାନେ ଏହି ସବୁ ଅଞ୍ଚଳରେ ସକ୍ରିୟ ଥିଲେ। ତେଣୁ ଭାଲୁଙ୍କର ଏହି ଚୋରା ଚାଲାଣକୁ ରୋକିବା ପାଇଁ ୱାଇଲ୍ଡ ଲାଇଫ ଟ୍ରଷ୍ଟ ଅଫ ଇଣ୍ଡିଆ (ଡବ୍ଲ୍ୟୁଟିଆଇ)ର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଭାଲୁ-ମାନଙ୍କର ଚୋରା ଚାଲାଣକୁ ରୋକିବା ତଥା 'କଳନ୍ଦର'ମାନଙ୍କୁ ଭାଲୁ ନଚାଇବାରୁ ବିରତ ରଖିବା ପାଇଁ ପ୍ରଚେଷ୍ଟାର ପରିଣତି ସ୍ୱରୂପ ତେରବେଢ଼ା ଗ୍ରାମରେ ଭାଲୁର ସୁରକ୍ଷା କରାଯିବା ତଥା ସ୍ଥାନୀୟ ଅଞ୍ଚଳରେ ଭାଲୁଛୁଆର ଚାଲାଣ ରୋକିବା ପାଇଁ ପ୍ରଚେଷ୍ଟା କରାଗଲା।



ତେରବେଢ଼ା ଗ୍ରାମବାସୀଙ୍କ ଦ୍ୱାରା ଶିକାରୀକୁ ଧରିବାର ଦୃଶ୍ୟ

ତେରବେଢ଼ା ଗ୍ରାମରେ ମୋଟ ୬୦ଟି ଘର। ପ୍ରାୟ ସମସ୍ତେ କୃଷକ ଶ୍ରେଣୀର। ଜଙ୍ଗଲରୁ କେନ୍ଦୁପତ୍ର, ମହୁଲ, ଟୋଲ, ଶାଳମଞ୍ଜି ଆଦି ସଂଗ୍ରହ କରି ସେମାନେ ନିଜର ପେଟପାଟଣା ଚଳାଇଥାନ୍ତି। କିଛି ବର୍ଷ ପୂର୍ବରୁ ସେମାନେ ନିଜର ଜୀବନଜୀବିକା ଜନିତ କାର୍ଯ୍ୟ କରିବା ସହିତ ନିଜ ଗ୍ରାମ ପାଖରେ ଥିବା ଜଙ୍ଗଲରୁ ଶିକାର କରିବା, ଭାଲୁଛୁଆ ବିକ୍ରୀ କରିବା ଆଦି କାର୍ଯ୍ୟ କରିଆସୁଥିଲେ। ଉତ୍ତରପ୍ରଦେଶ, ବିହାର ଆଦି ରାଜ୍ୟରୁ ଆସୁଥିବା ଭାଲୁ ବେପାରୀଙ୍କୁ ସେମାନେ ନିଜ ଜଙ୍ଗଲରେ ଥିବା ଭାଲୁ ଛୁଆଗୁଡ଼ିକୁ ଖୁବ କମ ମୂଲ୍ୟରେ ବିକ୍ରୀ କରି ଦେଉଥିଲେ। ଏପରିକି ତାହାର ଛାଲ, ନଖ

ଆଦି ବିକ୍ରୀ କରିବା ସହିତ ଅନ୍ୟାନ୍ୟ ବନ୍ୟପ୍ରାଣୀମାନଙ୍କର ଅଙ୍ଗପ୍ରତ୍ୟଙ୍ଗ ମଧ୍ୟ ବିକ୍ରୀ କରୁଥିଲେ। ଅନେକଙ୍କ ଘରେ ଦେଶୀ ବନ୍ଧୁକ ମଧ୍ୟ ଥିଲା। କେତେକ ଲୋକ ଜଙ୍ଗଲକୁ ମଉଜରେ ଶିକାର କରିବା ପାଇଁ ମଧ୍ୟ ଯାଉଥିଲେ। ତେବେ ୨୦୦୮ ମସିହା ପରେ ପରେ ୱାଇଲ୍ଡ ଲାଇଫ ଟ୍ରଷ୍ଟ ଅଫ ଇଣ୍ଡିଆର ବନ୍ୟପ୍ରାଣୀ ସୁରକ୍ଷା ଆଧାରିତ ସଚେତନତା କାର୍ଯ୍ୟକ୍ରମ ଆଦି ଦ୍ୱାରା ତେରବେଡ଼ା ଗ୍ରାମବାସୀମାନେ ଖୁବ ମାତ୍ରାରେ ପ୍ରଭାବିତ ହେଲେ। ସେଠାରେ ରାଜ୍ୟ ବନ ବିଭାଗ ତରଫରୁ ବନ ସଂରକ୍ଷଣ ସମିତି ଗଠନ କରାଯାଇଥିଲା। ଏହାପରେ ସେମାନେ ଯେଉଁ ଜଙ୍ଗଲକୁ ପୂର୍ବରୁ କ୍ଷତି ପହଞ୍ଚାଉଥିଲେ, ସେହି ଜଙ୍ଗଲକୁ ସୁରକ୍ଷା କରିବାରେ ଲାଗିଲେ। ଧୀରେ ଧୀରେ ଗ୍ରାମବାସୀଙ୍କ ମନରୁ ଶିକାର ମନୋବୃତ୍ତି ସମ୍ପୂର୍ଣ୍ଣ ଭାବେ ଉଭେଇ ଗଲା ଓ ସେମାନେ ବିଶେଷ କରି ଜଙ୍ଗଲ ମଧ୍ୟରେ ଥିବା ଭାଲୁର ଗାଡ଼ ବା ଗୁମ୍ଫାକୁ ସୁରକ୍ଷା କରିବାରେ ଲାଗିଲେ। ପ୍ରାୟ ପ୍ରତ୍ୟେକ ଦିନ ସେମାନେ ପାଳି କରି ଜଙ୍ଗଲ ଜଗିବାକୁ ଯିବା ଆରମ୍ଭ କଲେ।

ତେବେ ତେରବେଡ଼ା ଗ୍ରାମବାସୀ ସିନା ଭାଲୁ ଛୁଆ ଚାଲାଣ କରିବା ଓ ଶିକାର କରିବା ଛାଡ଼ିଦେଲେ, କିନ୍ତୁ ପାଖ ପଡ଼ୋଶୀ ଗ୍ରାମବାସୀମାନେ ଏହାକୁ ଚାଲୁ ରଖିଥିଲେ। ତେଣୁ ସେମାନେ ମଧ୍ୟ ଉକ୍ତ ଜଙ୍ଗଲକୁ ଶିକାର କରିବା ତଥା ଭାଲୁ ଛୁଆଙ୍କୁ ନେବା ପାଇଁ ଆସୁଥିଲେ। କିନ୍ତୁ ତେରବେଡ଼ା ଗ୍ରାମବାସୀ ତଥା ଭି.ଏସ୍.ଏସ୍. ର ସଭ୍ୟମାନଙ୍କ ସୁରକ୍ଷା ବ୍ୟବସ୍ଥା ଦ୍ୱାରା ଏହା ସମ୍ଭବ ହୋଇପାରୁ ନଥିଲା। ଅନେକଥର ଭି.ଏସ୍.ଏସ୍.ର ସଭ୍ୟମାନଙ୍କ ଦ୍ୱାରା ଶିକାରୀ, ଶିକାରୀଙ୍କ ବନ୍ଧୁକ, ଧନୁତୀର, ଫାଶ ଆଦିକୁ ଜବତ କରାଯାଇଛି ଏବଂ ବନ ବିଭାଗକୁ ଖବର ଦିଆଯାଇ ଏହାକୁ ବହୁଳ ମାତ୍ରାରେ ରୋକାଯାଇପାରିଛି। ''ଗୋଗୁଆଁ ଗ୍ରାମର ୪ ଜଣ ଶିକାରୀଙ୍କୁ ଧରିଥିଲୁ। ଗଲା ୨୦୧୧ ମସିହା ଜାନୁଆରୀ ମାସରେ ଆମେ ଦୁଇଟି ଭାଲୁ ଛୁଆକୁ ଚାଲାଣ କରାଯିବାରୁ ବଞ୍ଚାଇଥିଲୁ ଓ ଅପରାଧୀଙ୍କୁ ଧରାଇବାରେ ସାହାଯ୍ୟ କରିଥିଲୁ। ଏପରିକି ପଡ଼ୋଶୀ ଗ୍ରାମର ବାସିନ୍ଦାଙ୍କୁ ମଧ୍ୟ ଛଡ଼ାଯାଇନାହିଁ; ତାଙ୍କୁ ମଧ୍ୟ ଜେଲକୁ ପଠାଇ ଦେଇଥିଲୁ'' ବୋଲି କହନ୍ତି ବନ ସଂରକ୍ଷଣ ସମିତିର ସଭାପତି ପ୍ରମୋଦ କୁମାର ସାହୁ। ତାଙ୍କୁ ରେଢାଖୋଲ ବନ ବିଭାଗ ଖୁବ ସହଯୋଗ କରିଥିବା ସେ ପ୍ରକାଶ କରନ୍ତି। ଭାଗବତ ନାଗ କହନ୍ତି, ''ଆଗରୁ ଆମ ଜଙ୍ଗଲରେ ହରିଣ, କୁଟୁରା, ବାରହା, ଭାଲୁ, ଚିତାବାଘ, ବିଭିନ୍ନ ଧରଣର ପକ୍ଷୀ ଦେଖାଯାଉଥିଲେ। କିନ୍ତୁ ଧୀରେ ଧୀରେ ଜଙ୍ଗଲ ନଷ୍ଟ ହୋଇଯାଉଥିବା କାରଣରୁ ସେମାନେ ଦୂରକୁ ଚାଲିଗଲେ। କେବଳ କେତୋଟି ଭାଲୁ, ବାରହା ଓ ହରିଣ ରହିଗଲେ। କିନ୍ତୁ ଜଙ୍ଗଲ ସୁରକ୍ଷା କରାଯିବା, ଭାଲୁ ତଥା ଅନ୍ୟାନ୍ୟ ବନ୍ୟପ୍ରାଣୀଙ୍କର ସୁରକ୍ଷା କରାଯିବା କାରଣରୁ ବନ୍ୟପ୍ରାଣୀମାନେ ଆଉ ନିଜକୁ ବିପନ୍ନ ମନେକଲେ ନାହିଁ ଯାହାର ଫଳାଫଳ ଆମେ ଦେଖିବାକୁ ପାଉଛୁ। ଏବେ ପ୍ରତ୍ୟେକ ଦିନ ସନ୍ଧ୍ୟା ହେଲେ ଭାଲୁଗୁଡ଼ିକ ଆମ ଗାଁ' ପାଖଦେଇ ଚାଷଜମିକୁ ଯାଉଛନ୍ତି ଓ ଉଇ ଖାଉଛନ୍ତି। ପାଖ ଅଞ୍ଚଳରୁ ପଣସ, ଜାମୁକୋଳି, ମହୁଲ ଖାଉଥିବାର ମଧ୍ୟ ଆମେ ଦେଖିଛୁ।'' ଆଗରୁ ଭାଲୁ ସମେତ ଅନ୍ୟାନ୍ୟ ବନ୍ୟପ୍ରାଣୀଙ୍କ ସଂଖ୍ୟା କମିଯାଇଥିଲା। କିଛି ବର୍ଷ ହେଲା ହାତୀ ଆସିବା କମିଯାଇଥିଲା। ତେବେ ଜଙ୍ଗଲ ଭଲ ବଢିବାରୁ ହାତୀ ଆସୁଛନ୍ତି। ଜଙ୍ଗଲରେ ପ୍ରାୟ ୨୫ଟି ଭାଲୁ ଥିବା କଥା ଗ୍ରାମବାସୀମାନେ ସୂଚନା ଦିଅନ୍ତି।



ତେରବେଡ଼ା ଗ୍ରାମର ଜଙ୍ଗଲ ସୁରକ୍ଷାକାରୀ

ସଫଳତା ଆସିଲେ ସମସ୍ୟା ବି ଆସିଥାଏ। ଏହାର ଉଦାହରଣ ତେରବେଡ଼ା ଗ୍ରାମ ତଥା ଏହାର ପଡ଼ୋଶୀ ଗ୍ରାମଗୁଡ଼ିକରେ ଦେଖାଦେଇଛି। ଭାଲୁ ଓ ବାରହାର ସଂଖ୍ୟା କମିଯାଇଥିଲା। ତେଣୁ ଫସଲ ନଷ୍ଟ ହେବା ଆଦି ପ୍ରାୟ କମିଯାଇଥିଲା। କିନ୍ତୁ ସେମାନଙ୍କର ସଂଖ୍ୟା ବଢିବା ପରେ ଏ ସମସ୍ୟ ପୁଣି ଦେଖାଦେବା ଆରମ୍ଭ ହୋଇଗଲା। ବିଶେଷ କରି ବାରହା ସବୁ ଫସଲ ଖାଇ ନଷ୍ଟ କରୁଥିବା ବେଳେ ଭାଲୁ ଆକ୍ରମଣ ମଧ୍ୟ ବଢିଯାଇଛି। କିନ୍ତୁ ଆଶ୍ଚର୍ଯ୍ୟଜନକ ଭାବେ ଦେଖାଯାଇଛି ଯେ, ଭାଲୁଗୁଡ଼ିକ ତେରବେଡ଼ା ଗ୍ରାମବାସୀଙ୍କୁ ଆକ୍ରମଣ କରୁନଥିଲା ବେଳେ ପଡ଼ୋଶୀ ଗ୍ରାମଗୁଡ଼ିକରେ କେତେବେଳେ କେମିତି ଆକ୍ରମଣ କରୁଛନ୍ତି। ଏହାକୁ ନେଇ ତେରବେଡ଼ା ଗ୍ରାମର ଗଜେନ୍ଦ୍ର ସାହୁ କୁହନ୍ତି, ''ଆମେ ଭାଲୁର ସୁରକ୍ଷା କରୁଛୁ, ସେ ଆମକୁ କ'ଣ ପାଇଁ ଆକ୍ରମଣ କରିବ ? ଆମେ ଆଗରୁ ଶିକାରୀ ଥିଲୁ ସମସ୍ତଙ୍କ ଘରେ ବନ୍ଧୁକ ଥିଲା। କିନ୍ତୁ ଆମେ ଏବେ ବୁଝିପାରିଛୁ ଯେ, ସେତେବେଳେ ଆମେ କି ପ୍ରକାର ଭୁଲ କରିଥିଲୁ। ଆମେ ଆଗରୁ ପୁଲିସ କି ବନ ବିଭାଗର ପୋଷାକକୁ ଦୂରରୁ ଦେଖିଲେ ଦୌଡ଼ି ପଳାଉଥିଲୁ। ସେମାନେ ଆମକୁ ଶିକାରୀ, ବନ୍ୟପ୍ରାଣୀ ଅପରାଧୀ, କାଠଚୋର ଆଖିରେ ଦେଖୁଥିଲେ। ଆମ ଗାଁ'ର ସମ୍ମାନ ବୋଲି କିଛି ନଥିଲା। କିନ୍ତୁ ଏବେ ଆଉ ତାହା ହୋଇ ରହି ନାହିଁ। କାରଣ ଆମେ ଏବେ ଶିକାରୀ ନୁହଁ ସୁରକ୍ଷାକାରୀ ହୋଇଯାଇଛୁ। ଆଉ ଏଥିଲାଗି ଆମ ଗାଁ ତେରବେଡ଼ାର ସମ୍ମାନ ବି ଆଖପାଖ ଅଞ୍ଚଳରେ ଢେର ବଢ଼ିଯାଇଛି।''

✧

**ସବ୍ୟସାଚୀ ରଥ**
(ଆର୍‌ସିଡିସି)
**ରୁଦ୍ର ପ୍ରସନ୍ନ ମହାପାତ୍ର**
(ୱାଇଲ୍ଡ ଲାଇଫ୍ ଟ୍ରଷ୍ଟ ଅଫ୍ ଇଣ୍ଡିଆ)

# ହୁରୁଗୁଡ଼ାରେ ଗ୍ରାମସଭା କ୍ଷମତାର ସୁପ୍ରୟୋଗ

ହୁରୁଗୁଡ଼ା ଗ୍ରାମ ଓଡିଶାର ରାୟଗଡା ଜିଲ୍ଲାର ଅନୁନ୍ନତ ଓ ଅବହେଳିତ ଗ୍ରାମମାନଙ୍କ ମଧ୍ୟରୁ ଅନ୍ୟତମ । ଗ୍ରାମଟି ଚନ୍ଦ୍ରପୁର ପଞ୍ଚାୟତ ସମିତି ଅଧୀନରେ ସମିତି ମୁଖ୍ୟ କାର୍ଯ୍ୟାଳୟ ଠାରୁ ୭୦ କି.ମି. ଦୂରରେ ପାହାଡ ଜଙ୍ଗଲ ଭରା ଏକ ଦୁର୍ଗମ ଅଞ୍ଚଳରେ ଅବସ୍ଥିତ । ଚତୁଃପାର୍ଶ୍ୱରେ ଜଙ୍ଗଲ ଓ ପାହାଡ ଘେରି ରହିଥିବାରୁ ଏବଂ ଆଦିବାସୀ ଭାଷାରେ ପାହାଡକୁ 'ହୁରୁ' କୁହାଯାଉଥିବାରୁ ଏହାର ନାମ 'ହୁରୁଗୁଡା' ହୋଇଛି ବୋଲି ବୟସ୍କ ଲୋକମାନେ କୁହନ୍ତି । ଗାଁ'ର ମୋଟ ଘର ସଂଖ୍ୟା ୩୮ ଏବଂ ସମସ୍ତେ କନ୍ଧ ସମ୍ପ୍ରଦାୟର ଆଦିବାସୀ ଅଟନ୍ତି । ପାଖ ଜଙ୍ଗଲ 'ଡମ୍ବାଖାଲ ହୁରୁ' ଉପରେ ନିର୍ଭର କରି ଜୀବନ ଜୀବିକା ଚଳାନ୍ତି ଗାଁ' ଲୋକେ । ରାତି ପାହିଲେ ଜଙ୍ଗଲକୁ ଯାଇ ଜୀବିକା ସଂଗ୍ରହ କରିବା ସେମାନଙ୍କର ଏକ ନିତିଦିନିଆ ଆବଶ୍ୟକତା । ଜଙ୍ଗଲର ୩୫୦ ଏକର କ୍ଷେତ୍ରଫଳରେ ସେମାନଙ୍କ ଚଳଣିର ପାରମ୍ପରିକ ସୀମା ଅବସ୍ଥିତ । ଉକ୍ତ ସୀମା ମଧ୍ୟରେ ସେମାନେ ଜୀବିକା ସଂଗ୍ରହ କରନ୍ତି ।

ଇତି ମଧ୍ୟରେ ଜଙ୍ଗଲ ଅଧିକାର ଆଇନ, ୨୦୦୬ ଜାନୁୟାରୀ ୨୦୦୮ରୁ କାର୍ଯ୍ୟକ୍ଷମ ହେଲା, ଯାହା ଫଳରେ ଗାଁ' ଲୋକମାନେ ତାଙ୍କ ଜଙ୍ଗଲ ଉପରେ ଥିବା ପାରମ୍ପରିକ ନିର୍ଭରଶୀଳତା ଓ ସୁରକ୍ଷାର ଆଇନଗତ ସ୍ୱୀକୃତି ମିଳିବାର ଆଲୋକଟିଏ ଦେଖିପାରିଲେ । ଆର୍.ସି.ଡି.ସି ସେମାନଙ୍କୁ ଏହି ଆଇନ ବିଷୟରେ ସଚେତନ କରାଇଲା । ୨୦୧୦ ମସିହାରେ ଗାଁ' ଲୋକମାନେ ଆଇନ ଅନ୍ତର୍ଗତ ବିଧିବଦ୍ଧ ପ୍ରକ୍ରିୟା ସମ୍ପନ୍ନ କରି ଗ୍ରାମସଭା ମାଧ୍ୟମରେ ଜଙ୍ଗଲ ଉପରେ ଥିବା ପାରମ୍ପରିକ ସାମୂହିକ ଅଧିକାର ପାଇଁ ଉପଖଣ୍ଡସ୍ତରୀୟ କମିଟିରେ ଦାବି ଉପସ୍ଥାପନ କଲେ । ତେବେ ବଡ଼ କ୍ଷୋଭର କଥା ହେଉଛି ଜଙ୍ଗଲ ବିଭାଗ ଜଙ୍ଗଲ ଅଧିକାର ଆଇନ ୨୦୦୬କୁ ଉଲ୍ଲଙ୍ଘନ କରି ଗତ ଫେବ୍ରୁୟାରୀ ମାସରେ ହୁରୁଗୁଡା ଗ୍ରାମର ଜଙ୍ଗଲ ସୀମାରେ ଏକ ମାତ୍ରାଧିକ କାର୍ଯ୍ୟ କରିବାର ଚେଷ୍ଟା କରିଥିଲା । ଜଙ୍ଗଲ ଅଧିକାର ଆଇନର ଧାରା ୪ ଅନ୍ତର୍ଗତ ଉପଧାରା ୫ ଅନୁଯାୟୀ ଅଧିକାର ଦାବି ପତ୍ରର ଯାଞ୍ଚ ଓ ସ୍ୱୀକୃତି ପ୍ରକ୍ରିୟା ଶେଷ ନହେବା ପର୍ଯ୍ୟନ୍ତ କୌଣସି ଗୋଷ୍ଠୀ କିମ୍ବା ବ୍ୟକ୍ତିର ପାରମ୍ପରିକ ଅଧିକାରକୁ କ୍ଷୁର୍ଣ୍ଣ କରି କୋଣସି କାର୍ଯ୍ୟକ୍ରମ କରାଯାଇ ପାରିବ ନାହିଁ । କିନ୍ତୁ ଜଙ୍ଗଲ ବିଭାଗ ହୁରୁଗୁଡାର ପାରମ୍ପରିକ ଜଙ୍ଗଲରେ ବୃକ୍ଷରୋପଣ କାର୍ଯ୍ୟକ୍ରମ କରିବାର ଚେଷ୍ଟା କରିଥିଲା । ଘାସିରାମ ପ୍ରାସ୍କା ନାମକ ଜଣେ ବ୍ୟକ୍ତିଙ୍କ ବ୍ୟକ୍ତିଗତ ଜଙ୍ଗଲ ଅଧିକାର ପାଇଁ ଆବେଦନ କରାଯାଇଥିବା ଜଙ୍ଗଲ ଜମିରେ ବୃକ୍ଷ ରୋପଣ ଆରମ୍ଭ କରି ଗୋଷ୍ଠୀ ଜଙ୍ଗଲ ମଧ୍ୟରେ ଅଧିକ ବୃକ୍ଷରୋପଣ କରିବାର ଯୋଜନା କରିଥିଲା ଜଙ୍ଗଲ ବିଭାଗ । ଏ ସଂପର୍କରେ ଆର୍.ସି.ଡି.ସି. ଠାରୁ ଆଇନଗତ ପରାମର୍ଶ ନେବାକୁ ଗ୍ରାମବାସୀ

## ସମ୍ପାଦକୀୟ ଅଭିମତ

୨୦୦୫ ମସିହାରେ କେନ୍ଦୁଝର ଜିଲ୍ଲା ଜୁଆଙ୍ଗ ପୀଢ଼ ଅନ୍ତର୍ଗତ କଦଳୀ ବାଡ଼ି ଗାଁ'ରେ ଗୋଟିଏ ପ୍ରଚ୍ଛନ୍ନ-କରୁଣ ପରିସ୍ଥିତି ସୃଷ୍ଟି ହୋଇଥିଲା । ଗାଁ'ଟି ଖୁବ୍ ଛୋଟ, ସମତଳ ଜମି ନାମକୁ ମାତ୍ର କହିଲେ ଚଳେ, ଘରଗୁଡ଼ିକ ବି ଢାଲୁ ଉପରେ ଥାକ ଥାକ କରି ରହିଛି । ଅଧିବାସୀ ଜୁଆଙ୍ଗମାନେ ଖୁବ୍ ବିପନ୍ନ ଶ୍ରେଣୀର, ନିଜ ଅଧିକାର ପାଇଁ ଲଢ଼ିବା ଅପେକ୍ଷା ସେମାନେ ବରଂ ଅସହାୟ ଭାବରେ ଦୁଃଖଦୁର୍ଦ୍ଦଶା ଓ ଅନ୍ୟାୟକୁ ସହି ଆସିଛନ୍ତି । ପୂର୍ବରୁ ସର୍ଭେ ସମୟରେ ପାହାଡ଼ିଆ ଅଞ୍ଚଳକୁ ସରକାରୀ ଜମି ବା ଜଙ୍ଗଲ ଜମି ରୂପେ ଦର୍ଶାଇବାର ଯେଉଁ ତ୍ରୁଟିପୂର୍ଣ୍ଣ ନୀତି ରହିଥିଲା, ସେହି ନୀତିରେ କଦଳୀ ବାଡ଼ି ନିକଟ ବଗିଆତାଲ ଅଞ୍ଚଳଟି ବି ସରକାରଙ୍କ ନାମରେ ରହିଯାଇଥିଲା । ଏହି ଅଞ୍ଚଳରେ କିନ୍ତୁ ଜୁଆଙ୍ଗମାନେ ତଇଲା ଚାଷ କରୁଥିଲେ ଏବଂ ସ୍ଥାନୀୟ ଝରଣାକୁ ଏହା ସହିତ ଯୋଡ଼ି ସ୍ଥାୟୀ ଧାନଚାଷ ପାଇଁ ଯୋଜନା କରୁଥିଲେ । କିନ୍ତୁ ଆଦିବାସୀଙ୍କ କଲ୍ୟାଣ ପାଇଁ ବଦ୍ଧ କରିକର ବୋଲି ଦାବି କରୁଥିବା ସରକାରଙ୍କ ଯୋଜନା ଭିନ୍ନ ପ୍ରକାରର ହେଲା । ଏହି ଜମିକୁ ଜଙ୍ଗଲ ବିଭାଗ ବନୀକରଣ ପାଇଁ ବ୍ୟବହାର କଲା । ଖଣି ଖୋଳି ଅନ୍ୟ କେଉଁଠି ଜଙ୍ଗଲ ଧ୍ୱଂସ କରିବା ପାଇଁ ପ୍ରଭାବଶାଳୀ ଲୋକଙ୍କୁ ଯେଉଁ ଅନୁମତି ଦିଆଯାଇଥିଲା, ତଜ୍ଜନିତ କ୍ଷତିଭରଣା ପାଇଁ ଅତି ଗରିବ ଓ ବିପନ୍ନ ଆଦିବାସୀଙ୍କ ବ୍ୟବହୃତ ଜମିରେ ବନୀକରଣ କରିବାର ନିଷ୍ପତ୍ତି କରାଗଲା । ସେତେବେଳେ ଜଙ୍ଗଲ ଅଧିକାର ଆଇନ ଆସିନଥିଲା, ତେଣୁ କଦଳୀବାଡ଼ି ଜୁଆଙ୍ଗଙ୍କ ପାଇଁ ଆଇନଗତ ସଂଘର୍ଷ ସହଜ ନଥିଲା । ତଥାପି କିଛି ସ୍ୱେଚ୍ଛାସେବୀ ସଙ୍ଗଠନ ଏ ବିଷୟରେ ଅନୁଧ୍ୟାନ ତଥା ପ୍ରତିକାର ପାଇଁ ଉଦ୍ୟମ କରିଥିଲେ ।

ଜଙ୍ଗଲ ଅଧିକାର ଆଇନ ଆସିବା ପରେ ଲୋକଙ୍କ ସ୍ଥିତି ସୁଦୃଢ଼ ହେଲା । ଫଳରେ ଡ଼ାଙ୍ଗସୋରଡ଼ା ଗ୍ରାମ ପଞ୍ଚାୟତ (ରାୟଗଡ଼ା ଜିଲ୍ଲା)ର ଗୁମ୍‌କୁଡ଼ି ଗାଁ'ର ଲୋକମାନେ ସେମାନେ ଦାବି କରିଥିବା ଜଙ୍ଗଲ ଅଞ୍ଚଳରେ ଜଙ୍ଗଲ ବିଭାଗ କରିବାକୁ ଯାଉଥିବା ଏକ ବୃକ୍ଷରୋପଣ ଯୋଜନାକୁ ଦୃଢ଼ ବିରୋଧ କରି ଶେଷ ପର୍ଯ୍ୟନ୍ତ ବନ୍ଦ କରାଇ ଦେଲେ । ହୁରୁଗୁଡ଼ା ଗାଁ'ର ଲୋକେ ଏହି ସଂଘର୍ଷର ଆଉ ଏକ ସଫଳ ଉଦାହରଣ ସୃଷ୍ଟି କଲେ ।

ବନୀକରଣ ବା ବୃକ୍ଷରୋପଣର ବିରୋଧ କରିବା ଏ ସବୁ ଲୋକ ସଂଘର୍ଷର ପ୍ରକୃତ ଉଦ୍ଦେଶ୍ୟ ନୁହେଁ, ବରଂ ସରକାର ଏଭଳି କାର୍ଯ୍ୟକ୍ରମର ଯୋଜନା କରିବା ବେଳେ ସ୍ଥାନୀୟ ଅଧିବାସୀଙ୍କୁ ବିଶ୍ୱାସକୁ ନନେଇ, ପେସା ଆଇନ ତଥା ଜଙ୍ଗଲ ଅଧିକାର ଆଇନର ବିରୁଦ୍ଧାଚରଣ କରି ନିଜ ଇଚ୍ଛାନୁଯାୟୀ ଯେ ଯୋଜନାଟିକୁ ଲଦି ଦେବାର ଚେଷ୍ଟା କରୁଛନ୍ତି, ତାକୁ ହିଁ ବିରୋଧ କରାଯାଉଛି, ପ୍ରତ୍ୟାଖ୍ୟାନ କରାଯାଉଛି । ଯେଉଁ ସ୍ଥାନୀୟ ପ୍ରଜାତି ଉପରେ ଲୋକେ ନିର୍ଭରଶୀଳ, ତାକୁ ହେୟଜ୍ଞାନ କରି ଶାଗୁଆନ, ଚାକୁଣ୍ଡା, ୟୁକାଲିପଟାସ ଭଳି ଗଛ ଲଗାଇଲେ କାହାର ଲାଭ ହେବ ? ସମୟ ଆସିଛି, ଜଳବାୟୁ ପରିବର୍ତ୍ତନ ଜନିତ ଆଜିର ଏ ସଂକଟ ସମୟରେ ଉଭୟ ପରିବେଶ ତଥା ଲୋକଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦିଆଯାଇ ଜଙ୍ଗଲ ଧ୍ୱଂସ ବନ୍ଦ କରାଯାଉ ଏବଂ ବନୀକରଣ/ବୃକ୍ଷରୋପଣ ଯୋଜନା ସ୍ଥାନୀୟ ଲୋକଙ୍କ ସହଭାଗିତାରେ ସବୁ ଦୃଷ୍ଟିରୁ ବିଚାର କରି କାର୍ଯ୍ୟକାରୀ କରାଯାଉ ।

ଉଚିତ ମନେ କରିଥିଲେ ଓ ଆର୍.ସି.ଡି.ସି. ଗ୍ରାମବାସୀମାନଙ୍କୁ ଆଇନ ସଂପର୍କରେ ତୁରନ୍ତ ସହାୟତା ଯୋଗାଇଲା। ପେସା ଆଇନ ଅଧୀନରେ ଗ୍ରାମସଭାର ଭୂମିକା ଓ କ୍ଷମତା ସମୂହ ଏବଂ ଜଙ୍ଗଲ ଅଧିକାର ଆଇନ ୨୦୦୬ ଅଧୀନରେ ପ୍ରାବଧାନର ବ୍ୟବସ୍ଥାଗୁଡିକ ସମ୍ପର୍କରେ ଆର୍.ସି.ଡି.ସି. ଗ୍ରାମବାସୀମାନଙ୍କୁ ବୁଝାଇଲା। ଲୋକମାନେ ଏବେ ଜଙ୍ଗଲ ବିଭାଗର ଅଧିକାରୀମାନଙ୍କୁ ମୁକାବିଲା କରିବା ପାଇଁ ସାହସ ପାଇଲେ। ଏହା ପୂର୍ବରୁ ମଧ୍ୟ ହୁରୁଗୁଡାର ଗାଁ' ଲୋକମାନେ ନିଜ ଜଙ୍ଗଲ ସୀମାରେ ଜଙ୍ଗଲ ଉପରେ ଥିବା ଅଧିକାରକୁ ନେଇ ଏକ ସୂଚନା ଫଳକ ଝୁଲାଇଥିଲେ। ସେଥିରେ ଲେଖାଥିଲା- ''ଆମ ଜଙ୍ଗଲ ଆମର- ଜଙ୍ଗଲକୁ ପ୍ରବେଶ ପୂର୍ବରୁ ଜଙ୍ଗଲ ସୁରକ୍ଷା କମିଟିର ଅନୁମତି ନିଅନ୍ତୁ। ପାରମ୍ପରିକ ଭାବରେ ନିର୍ଭର କରୁଥିବା ଜଙ୍ଗଲ ସମ୍ବଳ ଉପରେ 'ଜଙ୍ଗଲ ଅଧିକାର ଆଇନ ୨୦୦୬' ଅନୁଯାୟୀ ଆମେ ସାମୂହିକ ଅଧିକାର ପାଇଁ ଦାବି ଦାଖଲ କରି ସାରିଛୁ।'

ଫେବ୍ରୁୟାରୀ ୮ ତାରିଖରେ ଜଙ୍ଗଲ ବିଭାଗର ଲୋକମାନେ ସେମାନଙ୍କର ପୂର୍ବ ଯୋଜନା ଅନୁସାରେ ହୁରୁଗୁଡା ଗାଁ'କୁ ଆସି ନଡିଆ ବାଡେଇ ପୂଜାବିଧି କରି ବୃକ୍ଷ ରୋପଣ କରିବାକୁ ଚେଷ୍ଟା କଲେ। କିନ୍ତୁ ହୁରୁଗୁଡା ଗାଁ' ଲୋକମାନେ ସେମାନଙ୍କ ଯୋଜନାକୁ ସଫଳ ହେବାକୁ ଦେଲେ ନାହିଁ। ସେମାନେ ବୃକ୍ଷରୋପଣକୁ ତୀବ୍ର ବିରୋଧ କଲେ। ଯେହେତୁ ଗାଁ'ର କେତେଜଣଙ୍କ ଚାଷ ଜମିରେ ବୃକ୍ଷ ରୋପଣ କରିବା ମଧ୍ୟ ସେମାନଙ୍କ ଯୋଜନାରେ ଅନ୍ତର୍ଭୁକ୍ତ ଥିଲା, ତଦ୍ଦ୍ୱାରା ସେହି କେତେ ଜଣ ନିଜର ଜୀବିକା ହରାଇଥା'ନ୍ତେ। ତେଣୁ ଗାଁ' ଲୋକମାନେ ବିଭାଗୀୟ ଅଧିକାରୀଙ୍କୁ ବୃକ୍ଷରୋପଣ ପାଇଁ ସଫା ମନା କରିଦେଲେ। ଆଇନ ଅନୁସାରେ ଦାବି ସ୍ୱୀକୃତ ହେବାର ପ୍ରକ୍ରିୟା ଶେଷ ନ ହେବା ଯାଏଁ ସେମାନେ ଏହି ଜଙ୍ଗଲ ଜମିରେ କୌଣସି କାର୍ଯ୍ୟକ୍ରମ କରିପାରିବେ ନାହିଁ ବୋଲି ଅଧିକାରୀମାନଙ୍କୁ ରୋକଠୋକ ଶୁଣାଇଦେଲେ। ଶେଷରେ ଜଙ୍ଗଲ ବିଭାଗ ଲୋକମାନେ ନିରାଶ ହୋଇ ଗାଁ'ରୁ ଫେରିଗଲେ।

ଆଜି ପର୍ଯ୍ୟନ୍ତ ଜଙ୍ଗଲ ବିଭାଗ ହୁରୁଗୁଡାରେ ବୃକ୍ଷରୋପଣ କରିବା ଉଦ୍ଦେଶ୍ୟ ନେଇ ଦ୍ୱିତୀୟ ଥର ଆଉ ଗାଁ'କୁ ଆସି ନାହିଁ। ହୁରୁଗୁଡାର ଏ ପ୍ରକାର ପଦକ୍ଷେପ ପଡୋଶୀ ଗ୍ରାମମାନଙ୍କୁ ମଧ୍ୟ ସାହସ ଯୋଗାଇଲା। ସେହି ଅଞ୍ଚଳରେ ମଧ୍ୟ ଜଙ୍ଗଲ ବିଭାଗ ଆଉ ସେପରି ସାହସ କରିବାର ଦେଖାଯାଇ ନାହିଁ।

✧

**ଅରବିନ୍ଦ ରାଉତ**
**ସସ୍ମିତା ପାଲ**

# ପାହାଡ଼ ଓ ଡ଼ଙ୍ଗର କିସମ ଜମି




ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କ (ଜଙ୍ଗଲ ଅଧିକାର ସ୍ୱୀକୃତି) ଆଇନ, ୨୦୦୬ ଅନୁଯାୟୀ ଆଦିବାସୀ ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀମାନେ ଦୀର୍ଘଦିନ ଧରି ସେମାନଙ୍କର ଜଙ୍ଗଲ ଉପରେ ଥିବା ପାରମ୍ପରିକ ଅଧିକାରରୁ ବଞ୍ଚିତ ହୋଇଥିଲେ ଓ ସେମାନଙ୍କ ଉପରେ କରାଯାଇଥିବା ଐତିହାସିକ ଅନ୍ୟାୟର ପ୍ରତିକାର ସ୍ୱରୂପ ସରକାର ଆଦିବାସୀମାନଙ୍କୁ (ଯେଉଁମାନେ ୧୩ ଡିସେମ୍ବର ୨୦୦୫ ପୂର୍ବରୁ ଜଙ୍ଗଲ ଜମିରେ ବସବାସ କରିଆସୁଛନ୍ତି) ତଥା ଅନ୍ୟାନ୍ୟ ପାରମ୍ପରିକ ବନବାସୀମାନଙ୍କୁ ୩ ପୀଢ଼ି ଅର୍ଥାତ୍ ଏହାର ୭୫ ବର୍ଷ ପୂର୍ବର ନିର୍ଭରଶୀଳତାର ପ୍ରମାଣ ଜରିଆରେ ଜଙ୍ଗଲ ଅଧିକାର ପ୍ରଦାନ ବ୍ୟବସ୍ଥା ଆଇନତଃ କରିଛନ୍ତି। ଏହି ବ୍ୟବସ୍ଥାରେ ଆଦିବାସୀ ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କର ଜଙ୍ଗଲ ଅଧିକାରକୁ ସ୍ୱୀକୃତି, ନଥିଭୁକ୍ତ କରିବା ଓ ପ୍ରଦାନ କରିବାର ବ୍ୟବସ୍ଥା କରାଯାଇଛି।

ଆଇନ୍‌ର ଧାରା-୨ରେ ଜଙ୍ଗଲ ଜମି କାହାକୁ କୁହାଯାଏ, ତାହାର ସଂଜ୍ଞା ନିରୂପଣ କରାଯାଇଛି। ଜଙ୍ଗଲ ଜମି କହିଲେ 'ଯେ କୌଣସି ଜଙ୍ଗଲ ଅଞ୍ଚଳ ମଧ୍ୟରେ ଆସୁଥିବା କୌଣସି ଜମି, ଶ୍ରେଣୀଭୁକ୍ତ ହୋଇନଥିବା ଜଙ୍ଗଲ, ସୀମା ଚିହ୍ନଟ କରାଯାଇନଥିବା ଜଙ୍ଗଲ, ପରିଦୃଷ୍ଟ କିମ୍ବା ବିବେଚିତ ହେଉଥିବା ଜଙ୍ଗଲ, ରକ୍ଷିତ ଜଙ୍ଗଲ, ସଂରକ୍ଷିତ ଜଙ୍ଗଲ, ଅଭୟାରଣ୍ୟ ଏବଂ ଜାତୀୟ ଉଦ୍ୟାନର ଅନ୍ତର୍ଗତ ଜମିକୁ ବୁଝାଏ।'

ଇତି ମଧ୍ୟରେ କେତେକ ବ୍ୟକ୍ତି-ବିଶେଷ ଓ ଗ୍ରାମଗୋଷ୍ଠୀ ପାହାଡ଼ ଓ ଡ଼ଙ୍ଗର କିସମ ଜମିକୁ ବ୍ୟକ୍ତିଗତ ଜଙ୍ଗଲ ଅଧିକାର ଓ ଗୋଷ୍ଠୀଗତ ଜଙ୍ଗଲ ଅଧିକାର ମଧ୍ୟରେ ଦାବି ଆବେଦନ କରିଛନ୍ତି। ସେଗୁଡ଼ିକୁ ଉପଖଣ୍ଡସ୍ତରୀୟ କମିଟି ଖାରଜ କରିଦେଇଛନ୍ତି। ଏହାକୁ ନେଇ ସରକାର ଓ ସ୍ୱେଚ୍ଛାସେବୀ ସଂଗଠନ, ଗ୍ରାମଗୋଷ୍ଠୀମାନଙ୍କ ମଧ୍ୟରେ ଆଲୋଚନା ଚାଲିଲା। ଯେହେତୁ ପାହାଡ଼ କିସମ ଓ ଡ଼ଙ୍ଗର କିସମ ଜମିରେ ଜଙ୍ଗଲ ରହିଛି ଓ ଟି.ଏନ୍. ଗୋଦାବର୍ମନ କେସ୍ ଅନୁଯାୟୀ ଜଙ୍ଗଲ କହିଲେ ଯେ କୌଣସି ବନାଞ୍ଚଳ ତଥା ବଣବୁଦା ଥିବା ଅଞ୍ଚଳକୁ ବୁଝାଉଛି, ତହିଁରୁ ଏହି ଅଞ୍ଚଳ ବାଦ ପଡ଼ିବ କାହିଁକି ? ରାଜସ୍ୱ ବିଭାଗ କିନ୍ତୁ ପାହାଡ଼, କିସମ ଓ ଡ଼ଙ୍ଗର କିସମକୁ ନିଜସ୍ୱ ଅଞ୍ଚଳ ଦର୍ଶାଉଛି। ରାଜସ୍ୱ ବିଭାଗର ଜମି ୪ ପ୍ରକାରର। ସେଗୁଡ଼ିକ ହେଲା ଆବାଦଯୋଗ୍ୟ ଅନାବାଦୀ, ଆବାଦ ଅଯୋଗ୍ୟ ଅନାବାଦୀ, ସର୍ବସାଧାରଣ, ଓ ରକ୍ଷିତ। ପାହାଡ଼ ଓ ଡ଼ଙ୍ଗର କିସମ ଆବାଦ ଅଯୋଗ୍ୟ ଅନାବାଦୀ ମଧ୍ୟରେ ଅନ୍ତର୍ଭୁକ୍ତ।

ଏ ପ୍ରକାର ବିରୋଧାଭାସ ପରିପ୍ରେକ୍ଷୀରେ ରାଜ୍ୟ ସରକାର ଆଦିବାସୀ କଲ୍ୟାଣ ମନ୍ତ୍ରଣାଳୟ (କେନ୍ଦ୍ରସରକାର)ଙ୍କୁ ଏହାର ସ୍ପଷ୍ଟୀକରଣ ମାଗିଲେ। କେନ୍ଦ୍ର ସରକାର ପାହାଡ଼ ଓ ଡ଼ଙ୍ଗର କିସମ ଜମିକୁ 'ଜଙ୍ଗଲ ଜମି ନୁହଁ' ବୋଲି ମତାମତ ଦେଲେ। ଆହୁରି ମଧ୍ୟ ଏଥିରେ ଉଲ୍ଲେଖ କଲେ ଯେ, ଯେଉଁ ସମସ୍ତ ଜଙ୍ଗଲ ଜମି ଜଙ୍ଗଲ ବିଭାଗର ଖାତାରେ, ରାଜସ୍ୱ ବିଭାଗ ଖାତାରେ, 'ପାହାଡ଼ ଓ ଡ଼ଙ୍ଗର କିସମ ଜମିରେ ଥିବା ଜଙ୍ଗଲ' ଇତ୍ୟାଦି ଡିଏଲସି ରିପୋର୍ଟରେ ସ୍ଥାନିତ ହୋଇଛି ଯାହାକି ୧୯୯୭ ମସିହାରେ ଟିଏନ୍ ଗୋଦାବର୍ମନ ବନାମ କେନ୍ଦ୍ର ସରକାରଙ୍କ ଟିଟ୍

ପିଟ୍‌ସନ୍ ନମ୍ବର ୨୦୨/୧୯୯୫ରେ ନଥିଭୁକ୍ତ କରାଯାଇଥିଲା, ସେହି ସମସ୍ତ ଜମିକୁ ଜଙ୍ଗଲ ଅଧିକାର ଆଇନ ଅନ୍ତର୍ଭୁକ୍ତ କରାଯାଇପାରିବ। ମାତ୍ର ଏହା ଅଧୀନରେ କେଉଁଠାରେ କେତେ ପରିମାଣର ପାହାଡ଼ ଓ ଡ଼ଙ୍ଗର କିସମ ଜମି ଅଛି ତାହା ଓଡ଼ିଶା ସରକାର ଏ ପର୍ଯ୍ୟନ୍ତ ସ୍ଥିର କରି ନାହାନ୍ତି।

କିନ୍ତୁ ଓଡ଼ିଶା ସରକାର ଏକ ପ୍ରଭାବଶାଳୀ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଯେଉଁମାନେ ଭୂମିହୀନ, ସେମାନେ ଯଦି ଡ଼ଙ୍ଗର କିସମ କିମ୍ବା ପାହାଡ଼ କିସମ ଜମିରେ ବସବାସ କରିଆସୁଛନ୍ତି, ବ୍ୟକ୍ତିଗତ ଜଙ୍ଗଲ ଅଧିକାର ପାଇଁ ଆବେଦନ କରିଛନ୍ତି ଓ ସେମାନଙ୍କର ଦାବି ନାକଚ ହୋଇଯାଇଛି, ତେବେ ସେମାନେ ଓଡ଼ିଶା ଗଭର୍ଣ୍ଣମେଣ୍ଟ୍ ଲ୍ୟାଣ୍ଡ ସେଟଲମେଣ୍ଟ୍ ଆଇନ୍ କିମ୍ବା ଓଡ଼ିଶା ପ୍ରିଭେନ୍‌ସନ୍ ଅଫ ଲ୍ୟାଣ୍ଡ ଏନ୍‌କ୍ରୋଚମେଣ୍ଟ୍ ଆଇନ ଅନୁଯାୟୀ ୧୦ ଡିସିମିଲ୍ ପର୍ଯ୍ୟନ୍ତ ଜମି ପାଇପାରିବେ।

ଓଡ଼ିଶାରେ ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କ ଜଙ୍ଗଲ ଅଧିକାର ସ୍ୱୀକୃତି ଆଇନ-୨୦୦୬ ପ୍ରାୟ ୫ ବର୍ଷ ହେବ କାର୍ଯ୍ୟକାରୀ ହେଲାଣି। ଇତି ମଧ୍ୟରେ ଓଡ଼ିଶା ସରକାର ଅନେକଗୁଡ଼ିଏ ସର୍କୁଲାର, ରିଜଲ୍ୟୁସନ ଓ ଚିଠି ମାଧ୍ୟମରେ ଏହାର ପ୍ରୟୋଗକୁ ନେଇ ସ୍ୱଷ୍ଟତା ଆଣିବାର ଚେଷ୍ଟା କରିଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦିଗଟି ହେଉଛି ଉପଖଣ୍ଡ-ସ୍ତରୀୟ କମିଟିକୁ କାମରେ ସହଯୋଗ କରିବା ରାଜ୍ୟ ସରକାର ଏକ କାର୍ଯ୍ୟକାରୀ କମିଟି ଗଠନ କରିଛନ୍ତି। ସେଥିରେ ରେଭେନ୍ୟୁ ଇନ୍‌ସ୍ପେକ୍ଟର, ଅମିନ, ଫରେଷ୍ଟର, ଆଦିବାସୀ କଲ୍ୟାଣ ବିଭାଗର କର୍ମଚାରୀ ସାମିଲ ଅଛନ୍ତି। ଏହି କାର୍ଯ୍ୟକାରୀ ଦଳ ବିଭିନ୍ନ ଜଙ୍ଗଲ ଅଧିକାର କମିଟିକୁ ଚିଠି କରି ଦାବିଗୁଡ଼ିକର ଯୁଗ୍ମ ତଦାରଖ କରୁଛନ୍ତି। ଏହି ତଦାରଖ ସମୟରେ ଜମିରେ କିସମ ବିଷୟରେ ଅନେକ ସମସ୍ୟା ଉପୁଜୁଥିବାର ପରିଲକ୍ଷିତ ହେଉଛି। କେଉଁଟି ଜଙ୍ଗଲ କିସମ, ପାହାଡ଼ ଓ ଡ଼ଙ୍ଗର କିସମ ତଥା ରାଜସ୍ୱ ଜମି (ଆବାଦ ଯୋଗ୍ୟ ଅନାବାଦୀ) ଜାଣିବା ପାଇଁ ଏହି ଦଳକୁ ଅଧିକାଂଶ ସମୟରେ ଅସୁବିଧା ହେଉଛି। କେତେକ କ୍ଷେତ୍ରରେ ନକ୍ସା ବା ମାନଚିତ୍ର ଦେଖିବାକୁ ପଡୁଛି। କେତେକ କ୍ଷେତ୍ରରେ ନକ୍ସା ଓ ମାନଚିତ୍ର ମିଳୁନାହିଁ। ବିସ୍ଥାପିତ ଗ୍ରାମ, ବିବାଦୀୟ ଗ୍ରାମ କ୍ଷେତ୍ରରେ ମଧ୍ୟ ଏହାକୁ ନେଇ ସ୍ୱଷ୍ଟତା ମିଳୁନାହିଁ। ଏ ସଂପର୍କରେ ମଧ୍ୟ ନିର୍ଦ୍ଦିଷ୍ଟ ଗ୍ରାମସଭା ବା ଗ୍ରାମ ପଞ୍ଚାୟତ ସ୍ତରରେ ନିର୍ଦ୍ଦିଷ୍ଟ ତଥ୍ୟ କିଛି ନାହିଁ। ତେଣୁ ପରିଣାମ ସ୍ୱରୂପ ବ୍ୟକ୍ତିଗତ ଦାବି ନାକଚ ହେଉଛି, ଦାବି କରାଯାଇଥିବା ଜମିର ପରିମାଣଠାରୁ କମ ଜମି ମିଳୁଛି, ଦାବି ସ୍ୱୀକୃତ କରିବାରେ ବିଳମ୍ୱ ଘଟୁଛି, ଇତ୍ୟାଦି।

୨୦୦୯ ମସିହାରେ ଓଡ଼ିଶା ସରକାରଙ୍କର ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ବିଭାଗ ଏ ନେଇ ଏକ ସ୍ୱଷ୍ଟୀକରଣ ସମସ୍ତ ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି। ସେଥିରେ ସ୍ୱଷ୍ଟ ଭାବେ ଉଲ୍ଲେଖ କରାଯାଇଛି ଯେ, ପାହାଡ଼ ଓ ଡ଼ଙ୍ଗର କିସମ ଜମି ଜଙ୍ଗଲ କିସମ ଜମି ନୁହେଁ ଓ ଏହା ଜଙ୍ଗଲ ଅଧିକାର ଆଇନ ଅଧୀନରେ ସ୍ୱୀକୃତ କିମ୍ବା ନଥିଭୁକ୍ତ ହେବ ନାହିଁ। ମାତ୍ର ଏହାକୁ ଦେଖିବା ପାଇଁ ଗ୍ରାମସଭା ସ୍ତରରେ ତଦନୁରୂପ ବ୍ୟକ୍ତିବିଶେଷ କିମ୍ବା ଜ୍ଞାନ ନାହିଁ। ତେଣୁ ଯିଏ ଯେଉଁ ଜମିରେ ଚାଷବାସ କରି ରହି ଆସୁଛନ୍ତି ଓ ସେମାନଙ୍କର ଜମିର ରେକର୍ଡ଼ ନାହିଁ, ସେମାନେ ଜଙ୍ଗଲ ଅଧିକାର ଆଇନ ଅଧୀନରେ ଦାବି କରୁଛନ୍ତି। ଏ ସମସ୍ୟାରୁ ରକ୍ଷା ପାଇବାକୁ ହେଲେ ଉପଖଣ୍ଡସ୍ତରୀୟ କମିଟି ସମସ୍ତ ଜଙ୍ଗଲ ଅଧିକାର କମିଟିକୁ ପ୍ରଥମେ ଉକ୍ତ ଅଞ୍ଚଳର ଜମିର ଏକ ସ୍ଥିତାବସ୍ଥାର ତଥ୍ୟ ପ୍ରଦାନ କରନ୍ତୁ। ପଞ୍ଚାୟତ ନିକଟରେ ଏ ନେଇ ସ୍ୱଷ୍ଟତା ରହୁ। ନଚେତ ସାଧାରଣ ଆଦିବାସୀମାନେ ନିଜର ସମୟ ଓ ଅର୍ଥ ଖର୍ଚ୍ଚ କରିବେ ଏବଂ ସେମାନଙ୍କର ଦାବି ଖାରଜ ହେବା ଫଳରେ ନିରାଶ ହେବେ।

ଡିଏଲ୍‌ସି ରିପୋର୍ଟରେ ସ୍ଥାନିତ ହୋଇଥିବା ରାଜ୍ୟର ସମସ୍ତ ଜମିର ପରିମାଣ କେଉଁଠାରେ କେତେ ଅଛି, ତାହାର ମଧ୍ୟ ତାଲିକା ପ୍ରକାଶ କରାଯାଉ। ପାହାଡ଼ କିସମ ଓ ଡ଼ଙ୍ଗର କିସମ ଜମି ରାଜସ୍ୱ ଜମି ଅନ୍ତର୍ଭୁକ୍ତ। ତେଣୁ ରାଜସ୍ୱ ବିଭାଗ ଏହାର ପରିମାଣ ଓ ସ୍ଥିତାବସ୍ଥା ସଂପର୍କରେ ନକ୍ସାରେ ସ୍ଥାନିତ କରନ୍ତୁ। ସର୍ବୋପରି ଜଙ୍ଗଲ ଅଧିକାର ଆଇନ ଅନୁଯାୟୀ ଜଙ୍ଗଲ ବିଭାଗ କର୍ମଚାରୀ ଓ ରାଜସ୍ୱ ବିଭାଗ କର୍ମଚାରୀ ଜଙ୍ଗଲ ଅଧିକାର କମିଟିକୁ ଗ୍ରାମସଭାର ଆମନ୍ତ୍ରଣ କ୍ରମେ 'କ' ଫର୍ମ ଓ 'ଖ' ଫର୍ମ ପୁରଣ କରିବା ସମୟରେ ଓ ଗ୍ରାମସଭା ସମୟରେ ଉପସ୍ଥିତ ରହି ଆବଶ୍ୟକ ବୈଷୟିକ ସହାୟତା ଯୋଗାଇଦେବା କଥା। ମାତ୍ର ସେପରି କୌଣସି ସ୍ଥାନରେ ବସ୍ତୁତଃ ହେଉନାହିଁ। ତେଣୁ ସରକାର ଏ ଦିଗରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ପାହାଡ଼ କିସମ ଓ ଡ଼ଙ୍ଗର କିସମ ଜମି ସମ୍ପର୍କିତ ସମସ୍ତ ସମସ୍ୟା ଦୂର ହୋଇପାରନ୍ତା।

✧

**ପ୍ରଭାତ ମିଶ୍ର**



ଏକ ପାହାଡ଼ କିସମ ଜମି ଜଙ୍ଗଲ ଅଧିକାର କମିଟି ଦ୍ୱାରା ମପା ଯାଉଅଛି

## ସମ୍ପାଦକୀୟ ଅଭିମତ

କେନ୍ଦୁଝର ଜିଲ୍ଲାର ଭୂୟାଁ ଓ ଜୁଆଙ୍ଗ ପୀଢ଼ ଅଞ୍ଚଳର ସର୍ବେକ୍ଷଣ ଓ ବନ୍ଦୋବସ୍ତ ପାଇଁ ଯେଉଁ ନିୟମାବଳୀ ଓଡ଼ିଶା ସରକାର ପ୍ରଣୟନ କରିଥିଲେ, ସେଥିରେ ନିର୍ଦ୍ଦେଶ ଥିଲା ଯେ ପାହାଡ଼ର 'ଉପର ଭାଗ'କୁ ଜଙ୍ଗଲ ପାଇଁ ଓ 'ତଳ ଭାଗ'କୁ ଗୋଚର ପାଇଁ ରଖାଯିବ। ଏ ଦୃଷ୍ଟିରୁ ଦେଖିଲେ ପାହାଡ଼ ସହିତ ଜଙ୍ଗଲକୁ ଆଇନତଃ ଯୋଡ଼ି ହେବ। କିନ୍ତୁ ସମୟ କ୍ରମେ ବ୍ୟବସ୍ଥା ହୁଏତ ବଦଳୁଛି, କିମ୍ବା ପୂର୍ବ ବ୍ୟବସ୍ଥା ପ୍ରତି ଧ୍ୟାନ ରହୁନାହିଁ। ସେ ଯାହା ହେଉ, ବ୍ୟବସ୍ଥା ଯଦି ଶେଷ ପର୍ଯ୍ୟନ୍ତ ଲୋକଙ୍କର ନ୍ୟାର୍ଯ୍ୟ ଅଧିକାରକୁ ସୁରକ୍ଷିତ କରିପାରେ, ତା' ହେଲେ ଲକ୍ଷ୍ୟ ସିଦ୍ଧ ହେବ।

# ଆଇନ ଦୃଷ୍ଟିରେ ଗ୍ରାମ୍ୟ ଜଙ୍ଗଲ

ବିଶେଷ ତଥ୍ୟ

'ଗ୍ରାମ୍ୟ ଜଙ୍ଗଲ' କହିଲେ ଆମେ ସାଧାରଣ ଭାବେ ଗାଁ' ପାଖରେ ଥିବା ଓ ଗ୍ରାମବାସୀଙ୍କର ବ୍ୟବହାର ପାଇଁ ବିଶେଷ କୌଣସି କଟକଣା ନଥିବା ଜଙ୍ଗଲ କଥା ହିଁ ବୁଝିଥାଉ । କିନ୍ତୁ ଆଇନଗତ ମାନ୍ୟତା ଦୃଷ୍ଟିରୁ ଏପରି ଜଙ୍ଗଲ ଯେ ସବୁ କ୍ଷେତ୍ରରେ 'ଗ୍ରାମ୍ୟ ଜଙ୍ଗଲ' ବୋଲି ସ୍ୱୀକୃତି ପାଇଥିବ, ତା' ନୁହେଁ । ଆଇନଗତ ସ୍ୱୀକୃତି ଯାହାକୁ 'ଗୋଚର' ବୋଲି କହୁଛି, ସେଠାରେ ଥିବା ଜଙ୍ଗଲକୁ ବି ଆମେ ଗ୍ରାମ୍ୟ ଜଙ୍ଗଲ ବୋଲି ବୁଝୁଥାଇପାରୁ । ଆଇନଗତ ସ୍ୱୀକୃତି ଓ ଆମ ବୁଝାମଣା ଭିତରେ ପାର୍ଥକ୍ୟ ରହିଲେ ଆଇନଗତ ଦାବି ଅଥବା ସଂଘର୍ଷ (ମକଦ୍ଦମା ଇତ୍ୟାଦି) ବେଳକୁ ଆମର ସ୍ଥିତି ଦୁର୍ବଳ ହୋଇଯିବାର ଆଶଙ୍କା ରହିଥାଏ । ତେଣୁ ଆମେ ଯାହାକୁ ଗ୍ରାମ୍ୟ ଜଙ୍ଗଲ ବୋଲି କହୁଛୁ, ସରକାରୀ କାଗଜପତ୍ର ବି ତାକୁ 'ଗ୍ରାମ୍ୟ ଜଙ୍ଗଲ' ବୋଲି ସ୍ୱୀକୃତି ଦେଇଛି ନା ନାହିଁ ସେ କଥା ଜାଣିବା ଗୁରୁତ୍ୱପୂର୍ଣ୍ଣ, ବିଶେଷତଃ ଗୋଷ୍ଠୀ ଜଙ୍ଗଲ ସୁରକ୍ଷା କ୍ଷେତ୍ରରେ ।

ଗଡ଼ଜାତ ଅମଳରେ ସାଧାରଣତଃ ତିନି ଶ୍ରେଣୀର ଜଙ୍ଗଲ ଥିଲା ଏବଂ ସେଥିରେ 'ଗ୍ରାମ୍ୟ ଜଙ୍ଗଲ' ପାଇଁ ଗୋଟିଏ ସ୍ୱତନ୍ତ୍ର ଶ୍ରେଣୀ ରହିଥିଲା । ବ୍ରିଟିଶ ସରକାରଙ୍କ ଭାରତୀୟ ଜଙ୍ଗଲ ଆଇନ, ୧୯୨୭ରେ କିନ୍ତୁ ଏଇ ସୁବିଧାଟି ନଥିଲା । ଭାରତୀୟ ଜଙ୍ଗଲ ଆଇନ ମାତ୍ର ଦୁଇ ଶ୍ରେଣୀର ଜଙ୍ଗଲକୁ ସ୍ୱୀକୃତି ଦେଇଛି: ସଂରକ୍ଷିତ (Reserved) ଏବଂ ରକ୍ଷିତ (Protected) । ୧୯୫୪ ମସିହାରେ ଏହି ଆଇନରେ ଏକ ସଂଶୋଧନ କରାଯାଇ ଦେଶୀୟ ରାଜ୍ୟ (ଗଡ଼ଜାତ) ମାନଙ୍କରେ ଯେତେ ସବୁ 'ସଂରକ୍ଷିତ' ଶ୍ରେଣୀର ଜଙ୍ଗଲ ଥିଲା, ତା'କୁ ଭାରତୀୟ ଜଙ୍ଗଲ ଆଇନ ଅନ୍ତର୍ଗତ ସଂରକ୍ଷିତ ଜଙ୍ଗଲ ରୂପେ ମାନ୍ୟତା ଦିଆଗଲା । ଅନ୍ୟ ସବୁ ଶ୍ରେଣୀର ଜଙ୍ଗଲକୁ 'ରକ୍ଷିତ' ଶ୍ରେଣୀଯୁକ୍ତ ବୋଲି ଘୋଷଣା କରାଗଲା । ଏହା ଫଳରେ ଗ୍ରାମ୍ୟ ଜଙ୍ଗଲ ବୋଲି ଥିବା ସ୍ୱତନ୍ତ୍ର ଶ୍ରେଣୀଟି ନିଜତ୍ୱ ହରାଇଲା ଏବଂ ସେଭଳି ଜଙ୍ଗଲକୁ ବ୍ୟବହାର କରି ଆସିଥିବା ଲୋକଙ୍କ ପାଇଁ ଆଇନଗତ ଅସୁବିଧା ସୃଷ୍ଟି ହେଲା । ତେଣୁ ଏହା ଥିଲା ଏକ ଐତିହାସିକ ଅନ୍ୟାୟ ।

ଭାରତୀୟ ଜଙ୍ଗଲ ଆଇନର ଧାରା ୨୮ ଗ୍ରାମ୍ୟ ଜଙ୍ଗଲ ଘୋଷଣା କରାଯିବାର ବ୍ୟବସ୍ଥା ରଖିଛି ସତ, କିନ୍ତୁ ପରୋକ୍ଷ ଭାବେ । ତଦନୁଯାୟୀ, ସରକାର କୌଣସି ସଂରକ୍ଷିତ ଜଙ୍ଗଲ (Reserved forest)କୁ ଗ୍ରାମ୍ୟଗୋଷ୍ଠୀଙ୍କ ଦ୍ୱାରା ପରିଚାଳନା ପାଇଁ ଗ୍ରାମ୍ୟ ଜଙ୍ଗଲ ରୂପେ ଘୋଷଣା କରିପାରିବେ । ୧୯୯୬ ମସିହାରେ ଓଡ଼ିଶାରେ ଯେଉଁ ଯୁଗ୍ମ ଜଙ୍ଗଲ ପରିଚାଳନା ସଂକଳ୍ପ ପତ୍ର (Resolution) ଜାରି କରାଯାଇଥିଲା, ସେଥିରେ ମଧ୍ୟ ଅନୁରୂପ ବ୍ୟବସ୍ଥା ଥିଲା । କିନ୍ତୁ ଓଡ଼ିଶା ସରକାର ୧୯୯୬ର ପ୍ରଗତିଶୀଳ ସଂକଳ୍ପ-ପତ୍ରକୁ କୌଣସି ଅଜ୍ଞାତ କାରଣରୁ କାର୍ଯ୍ୟକାରୀ ନକରି ୧୯୯୩ର ତ୍ରୁଟିଯୁକ୍ତ ସଂକଳ୍ପ ପତ୍ରକୁ ହିଁ ବହୁ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟକାରୀ କରିଚାଲିଲେ । ୨୦୧୧ ମସିହାରେ ଯେଉଁ ସଂଶୋଧିତ ଯୁଗ୍ମ ଜଙ୍ଗଲ ପରିଚାଳନା ସଂକଳ୍ପପତ୍ରର ଚିଠା ପ୍ରସ୍ତୁତ ହୋଇଥିଲା, ସେଥିରେ ଏ ବିଷୟରେ ସ୍ପଷ୍ଟୀକରଣ ଦେଇ କୁହାଯାଇଥିଲା ଯେ ଜଙ୍ଗଲ ସଂରକ୍ଷଣ ଆଇନ, ୧୯୮୦ର ବିରୁଦ୍ଧାଚରଣ ହେବ ବୋଲି ୧୯୯୬ର ବ୍ୟବସ୍ଥାକୁ କାର୍ଯ୍ୟକାରୀ କରାଯାଇ ପାରିଲା ନାହିଁ । ତେବେ, ଚୂଡ଼ାନ୍ତ ସଂକଳ୍ପପତ୍ରରେ ଏଇ ସ୍ପଷ୍ଟୀକରଣଟିକୁ ହଟାଇ ଦିଆଗଲା । କିନ୍ତୁ ଦ୍ୱାଦଶ ପଞ୍ଚବାର୍ଷିକ ଯୋଜନା ପାଇଁ ଯୋଜନା ଆୟୋଗ ଜଙ୍ଗଲ ଓ ପ୍ରାକୃତିକ ସମ୍ପଦ ପରିଚାଳନା ସଂପର୍କିତ ଯୋଜନା ବିଷୟରେ ପରାମର୍ଶ ଦେବା ଲାଗି ଯେଉଁ ବିଶେଷଜ୍ଞ କମିଟି ଗଠନ କରିଥିଲେ,



ସେମାନେ ନିଜ ରିପୋର୍ଟରେ କହିଲେ ଯେ 'ଗ୍ରାମ୍ୟ ଜଙ୍ଗଲ ହେଉଛି ଗ୍ରାମ୍ୟ ଗୋଷ୍ଠୀମାନଙ୍କୁ ପରିଚାଳନା ଲାଗି ଦିଆଯାଉଥିବା ସଂରକ୍ଷିତ ଜଙ୍ଗଲ', ଏବଂ କହିଲେ ନାହିଁ ଯେ ଏହା ଜଙ୍ଗଲ ସଂରକ୍ଷଣ ଆଇନର ବିରୁଦ୍ଧାଚରଣ ହେବ।

ଓଡ଼ିଶା ଜଙ୍ଗଲ ଆଇନ, ୧୯୭୨ର ଧାରା ୩୦ରେ ଗ୍ରାମ୍ୟ ଜଙ୍ଗଲ ସମ୍ପର୍କରେ ଅଧିକ ବ୍ୟାପକ ବ୍ୟବସ୍ଥା ରହିଛି। ଭାରତୀୟ ଜଙ୍ଗଲ ଆଇନ କେବଳ ସଂରକ୍ଷିତ ଜଙ୍ଗଲକୁ ଗ୍ରାମ୍ୟ ଜଙ୍ଗଲ ରୂପେ ଘୋଷଣା କରାଯିବା କଥା କହିଥିବା ବେଳେ ଓଡ଼ିଶା ଜଙ୍ଗଲ ଆଇନ କିନ୍ତୁ କ୍ଷମତା ଦେଇଛି ଯେ ସରକାରଙ୍କ ଅଧୀନରେ ଥିବା ଯେ କୌଣସି ଅଞ୍ଚଳକୁ ଗ୍ରାମ୍ୟ ଜଙ୍ଗଲ ରୂପେ ଘୋଷଣା କରାଯାଇପାରିବ। ଏଭଳି ଭାବେ ଘୋଷିତ ଗ୍ରାମ୍ୟ ଜଙ୍ଗଲର ପରିଚାଳନା କିପରି କରାଯିବ, ସେ ସମ୍ପର୍କରେ ୧୯୮୦ ମସିହାରେ ଏକ ଗ୍ରାମ୍ୟ ଜଙ୍ଗଲ ନିୟମାବଳୀ ମଧ୍ୟ ଓଡ଼ିଶା ସରକାର ପ୍ରଣୟନ କରିଛନ୍ତି। ଏହି ନିୟମାବଳୀ ଅନୁଯାୟୀ ସଂପୃକ୍ତ ଗ୍ରାମର ୱାର୍ଡମେମ୍ବର ତଥା ସମ୍ପୃକ୍ତ ପଞ୍ଚାୟତର ସରପଞ୍ଚଙ୍କ ସମେତ ବନପାଳ (Forester), ରାଜସ୍ୱ ଅଧିକାରୀ (RI) ତଥା ଗ୍ରାମର ଅନ୍ୟ ନିର୍ବାଚିତ ବ୍ୟକ୍ତିଙ୍କୁ ନେଇ ଏକ ଗ୍ରାମ୍ୟ ଜଙ୍ଗଲ କମିଟି ଗଠନ କରାଯିବ ଯାହାର ଅଧ୍ୟକ୍ଷ ରହିବେ ସରପଞ୍ଚ। ଏହି ଜଙ୍ଗଲର ସୁରକ୍ଷା ତଥା ପରିଚାଳନା ପାଇଁ ଯଦିଓ ଗ୍ରାମବାସୀଙ୍କୁ ସଂପୃକ୍ତ କରାଯିବ, ଶେଷ ପର୍ଯ୍ୟନ୍ତ ନିୟନ୍ତ୍ରଣ କିନ୍ତୁ ବନବିଭାଗ ହାତରେ ରହିବ। ବିନା ଅନୁମତି/ପରମିଟରେ ଗ୍ରାମ୍ୟ ଜଙ୍ଗଲର ଗଛ କାଟିବା/ଡାଳ କାଟିବା, କିମ୍ବା ଅନ୍ୟାନ୍ୟ ଜଙ୍ଗଲଜାତ ଦ୍ରବ୍ୟ ନେବା ନିଷିଦ୍ଧ। ଏହି ଅନୁମତି ପତ୍ର/ପରମିଟ ଗ୍ରାମ୍ୟ ଜଙ୍ଗଲ କମିଟି ହିଁ ଦେବ, ତେବେ ସେଥିରେ ବନପାଳଙ୍କର ସ୍ୱାକ୍ଷର ରହିବ। କମିଟି ଚାହିଁଲେ ଜଙ୍ଗଲର ପରିଚାଳନା ଓ ପୁନର୍ଜନନ ପାଇଁ ପାଣ୍ଠି ସୃଷ୍ଟି ଉଦ୍ଦେଶ୍ୟରେ କିଛି ଜଙ୍ଗଲଜାତ ଦ୍ରବ୍ୟ ବିକ୍ରି ମଧ୍ୟ କରିପାରିବ। ଜଙ୍ଗଲରେ ପଶୁ ଚାରଣ ନିୟନ୍ତ୍ରଣ ଦାୟିତ୍ୱ ମଧ୍ୟ କମିଟିର। ତେବେ, ପରିଚାଳନା ଯୋଜନା ବନପାଳ ହିଁ ପ୍ରସ୍ତୁତ କରିବେ ଓ କମିଟି ଏହାକୁ ଅନୁମୋଦନ କରି ବନାଞ୍ଚଳ ଅଧିକାରୀ (RO)ଙ୍କ ଅନୁମୋଦନ ପାଇଁ ପଠାଇବ। ବନାଞ୍ଚଳ ଅଧିକାରୀଙ୍କ ଅନୁମୋଦନ ପରେ ହିଁ ଏହା କାର୍ଯ୍ୟକାରୀ ହୋଇପାରିବ। ଗ୍ରାମ୍ୟ ଜଙ୍ଗଲ କମିଟି ଏହି ଯୋଜନା କାର୍ଯ୍ୟକାରୀ କରିବ ଏବଂ ସରକାର/ପଞ୍ଚାୟତିରାଜ ସଂସ୍ଥା ଏ ଉଦ୍ଦେଶ୍ୟରେ ଯୋଗାଇଥିବା ଟଙ୍କା ଏଥିପାଇଁ ଖର୍ଚ୍ଚ କରାଯିବ।

ସବୁଠାରୁ ବଡ଼ କଥା, ସଂପୃକ୍ତ ଗ୍ରାମବାସୀମାନେ ବନବିଭାଗ ଦ୍ୱାରା ନିର୍ଦ୍ଧାରିତ ଦେୟ ପୈଠ କରି ହିଁ ଗ୍ରାମ୍ୟ ଜଙ୍ଗଲରୁ ଜଙ୍ଗଲଜାତ ଦ୍ରବ୍ୟ ନେଇପାରିବେ।

ବର୍ତ୍ତମାନର ପରିବର୍ତ୍ତିତ ପରିସ୍ଥିତିରେ ଏହି ଗ୍ରାମ୍ୟ ଜଙ୍ଗଲ ନିୟମାବଳୀ ପୁରୁଣାକାଳିଆ ଓ କିଛିକାଂଶରେ ଅସଙ୍ଗତ/ଅନୁପଯୁକ୍ତ ମନେ ହୁଏ। କିନ୍ତୁ ଗ୍ରାମଗୋଷ୍ଠୀମାନେ ଜାଣିବା ଉଚିତ ଯେ ସେମାନେ ଯାହାକୁ ଗ୍ରାମ୍ୟ ଜଙ୍ଗଲ ବୋଲି ବୁଝୁଛନ୍ତି, ତାହାକୁ ବନ ବିଭାଗ 'ଗ୍ରାମ୍ୟ ଜଙ୍ଗଲ' ବୋଲି ମାନ୍ୟତା ଦେଇଛି ନା ନାହିଁ। ଏହି ପରିପ୍ରେକ୍ଷୀରେ, ଆର୍‌ସିଡିସି ପକ୍ଷରୁ ସୂଚନା ଅଧିକାର ଆଇନ ଅଧୀନରେ ଅବେଦନ କରାଯାଇ ମିଳିଥିବା ସୂଚନା ସର୍ବସାଧାରଣଙ୍କ ସ୍ୱାର୍ଥରେ ପର୍ଯ୍ୟାୟକ୍ରମେ ପ୍ରକାଶ କରାଯିବ। ଏଥର ଆମେ ପ୍ରକାଶ କରୁଛୁ ଖଡ଼ିଆଳ ବନଖଣ୍ଡ ଅଧୀନରେ ଥିବା ଗ୍ରାମ୍ୟ ଜଙ୍ଗଲ (ଓଡ଼ିଶା ଜଙ୍ଗଲ ଆଇନ, ୧୯୭୨ର ଧାରା ନଂ. ୩୦ ଅନୁଯାୟୀ ବିଜ୍ଞାପିତ)ର ସୂଚୀ। ଏ ସମସ୍ତ ଜଙ୍ଗଲ ନୂଆପଡ଼ା ଜିଲ୍ଲାର ଅନ୍ତର୍ଗତ।

| ଗ୍ରାମ୍ୟ ଜଙ୍ଗଲର ନାମ | ଗ୍ରାମପଞ୍ଚାୟତର ନାମ | କ୍ଷେତ୍ରଫଳ (ହେକ୍ଟର) |
|---|---|---|
| ଗୋଟମା | ଢୁମେରପାନି | ୭ |
| ଆମସେନା | ଢୁମେରପାନି | ୭ |
| ମହୁଲଭଟା | ତନ୍ୱତ | ୧୦ |
| ତିଲେଇଝର | କୋଟେଁଚୁଆଁ | ୭ |
| ପାଘରପାନି | ଗୋଡ଼ଫୁଲା | ୨ |
| କୋଟେଁଚୁଆଁ | କୋଟେଁଚୁଆଁ | ୮ |
| ତିଲେଇଝର | କୋଟେଁଚୁଆଁ | ୨ |
| ପାଘରପାନି | ଗୋଡ଼ଫୁଲା | ୭ |
| ମହୁଲଭଟା | ତନ୍ୱତ | ୧୦ |
| ରତିପଲି | ତନ୍ୱତ | ୧୦ |
| ସିଆଲଟି | କୋଟେଁଚୁଆଁ | ୧୦ |
| କୁନାନୀ | ଗୋଡ଼ଫୁଲା | ୧୦ |
| ଭୁର୍କାଧୋଡ଼ା | ସିଲ୍‌ଭା | ୮.୮୬୦ |
| ସିଲ୍‌ଭା | ସିଲ୍‌ଭା | ୧୦ |
| ସମରସିଂ | ସିଲ୍‌ଭା | ୧୦ |
| ଭୁର୍କାଧୋଡ଼ା | ସିଲ୍‌ଭା | ୩.୭୧୨ |
| ସିନାପାଲି | କୁରୁମପୁରୀ | ୯.୧୮୪ |
| କୁରୁମପୁରୀ | କୁରୁମପୁରୀ | ୪.୮୭୬ |
| କୁଶଦହନା | କୁରୁମପୁରୀ | ୧୦ |
| ଦର୍ଲିପଡ଼ା | ଦର୍ଲିପଡ଼ା | ୧୦ |
| ଦର୍ଲିପଡ଼ା | ଦର୍ଲିପଡ଼ା | ୫ |

* ଖଡ଼ିଆଳ ବନଖଣ୍ଡ ପକ୍ଷରୁ ଏକଥା ମଧ୍ୟ ଜଣାଯାଇଛି ଯେ ଏହିସବୁ ଗ୍ରାମ୍ୟ ଜଙ୍ଗଲ ମଧ୍ୟରୁ କୌଣସିଟିକୁ ମଧ୍ୟ ଅଣ ଜଙ୍ଗଲ ବ୍ୟବହାର ପାଇଁ ଅନୁମତି ଦିଆଯାଇନାହିଁ।

✧

**ବିକାଶ ରଥ**

# ପାଠକୀୟ ମତାମତ

ଜଣେ ଲେଖକ ପାଇଁ ପାଠକୀୟ ମତାମତ ବିଶେଷ ଗୁରତ୍ୱ ରଖିଥାଏ, ପୁରସ୍କାର ବା ମାନପତ୍ର ତୁଳନାରେ ବିଦଗ୍ଧ ପାଠକ ପାଠିକାଙ୍କର ଆନ୍ତରିକ ଅଭିନନ୍ଦନ ଶତଗୁଣ ମୂଲ୍ୟ ରଖିଥାଏ। 'ଆମ ଜଙ୍ଗଲ ଆମର' ସାହିତ୍ୟକ ମୂଲ୍ୟବୋଧ ପ୍ରତି ପ୍ରତିବଦ୍ଧ ହେଲେ ମଧ ଏହାର ପ୍ରକୃତ ଲକ୍ଷ୍ୟ ସାହିତ୍ୟ ନୁହେଁ, ବରଂ ଜଙ୍ଗଲ ଓ ପରିବେଶର ସଂରକ୍ଷଣ ତଥା ଜନସାଧାରଣଙ୍କର ପ୍ରାକୃତିକ ସମ୍ପଦ ସଂକ୍ରାନ୍ତୀୟ ନ୍ୟାର୍ଯ୍ୟ ଅଧିକାରର ସୁରକ୍ଷା ଲାଗି ଏକ ପ୍ରେରଣା, ଉଚ୍ଛ୍ୱାସ ତଥା ସଚେତନତା ସୃଷ୍ଟି କରିବା; ଲୋକ-ଉଦ୍ୟମର ଅନୁଭୂତି ଓ ସଫଳତାର ବାର୍ତ୍ତାକୁ ବହୁ ଜନହିତାୟ ପ୍ରଚାର ପ୍ରସାର କରାଇବା; ତଥା ଅନୌପଚାରିକ ହେଲେ ମଧ ଏକ ବୌଦ୍ଧିକ ଯୋଗସୂତ୍ରରେ ଜଙ୍ଗଲ ଓ ପରିବେଶପ୍ରେମୀ ବ୍ୟକ୍ତିବିଶେଷ ଓ ସଂସ୍ଥା/ସଙ୍ଗଠନକୁ ବାନ୍ଧିବା। କିନ୍ତୁ ୧୯୯୩ ମସିହାରେ ଏଇ ପତ୍ରିକା ଯେତେବେଳେ ପ୍ରଥମେ ପ୍ରକାଶିତ ହେଲା, ତା'ପରଠାରୁ ଦୀର୍ଘ ୧୯ ବର୍ଷର ପ୍ରକାଶକାଳ ମଧ୍ୟରେ ବହୁ ଘାତ ପ୍ରତିଘାତ ଓ ଉତ୍ଥାନ ପତନ ଭିତର ଦେଇ ଗତିକରିବା ପରେ ଆଜି ଯେତେବେଳେ ଆମ ପାଇଁ ସବୁଠାରୁ ବଡ଼ ପ୍ରଶ୍ନ ହୋଇଉଠିଲା ଯେ 'ଆମ ଜଙ୍ଗଲ ଆମର' କ'ଣ ଏକ ଗତାନୁଗତିକତାରେ ପରିଣତ ହୋଇଛି କି ? ନିଜର ସାର୍ବଜନୀନ ଆବେଦନ ତଥା ପ୍ରଭାବ ଏହା କେତେଦୂର ଅକ୍ଷୁର୍ଣ୍ଣ ରଖିପାରିଛି ? ସେତେବେଳେ ଆମେ ସ୍ଥିର କଲୁ ଆମର ପାଠକଙ୍କ ପାଖକୁ ହିଁ ଯିବୁ, ସେମାନଙ୍କ ମତାମତ ଭିତରେ ହିଁ ଏ ପ୍ରଶ୍ନର ଉତ୍ତର ଖୋଜିବୁ, ଆତ୍ମସମୀକ୍ଷା କରିବୁ। ଏଇ ଉଦ୍ଦେଶ୍ୟରେ 'ଆମ ଜଙ୍ଗଲ ଆମର'ର ଗତ ସଂଖ୍ୟାରେ ଆମେ ଏକ ନିବେଦନ ପତ୍ର ସଂଲଗ୍ନ କରି ପାଠକମାନଙ୍କୁ ସେମାନଙ୍କର ମୂଲ୍ୟବାନ ମତାମତ ପାଇଁ ଅନୁରୋଧ କରିଥିଲୁ। ତା'ର ପ୍ରତିକ୍ରିୟାରେ ସମାଜର ବିଭିନ୍ନ ବର୍ଗରୁ ଆମକୁ ଯେଉଁସବୁ ଚିଠି ମିଳିଛି, ତାହା ଆମକୁ ଉତ୍ସାହିତ ଓ ଧନ୍ୟ ତ କରିଛି, ଅଧିକନ୍ତୁ ଆଚ୍ଛନ୍ନ କରିଛି ଏକ ସଂଭ୍ରମବୋଧରେ; ଯେଉଁଥିପାଇଁ ଏଥର ପ୍ରକାଶ ପାଇଛି ଏହି ସ୍ୱତନ୍ତ୍ର ପୃଷ୍ଠା। ଏଥିରେ ଆମେ ପ୍ରକାଶ କରୁଛୁ ସେଇ ସବୁ ବିଦଗ୍ଧ ପାଠକୀୟ ମତାମତର କିଛି ନିର୍ବାଚିତ ଅଂଶ ଯାହା ମଧ୍ୟରେ ସମ୍ମାନ ଅଛି, ଅଭିମାନ ଅଛି, କଲ୍ୟାଣକାରୀ ତିରସ୍କାର ଓ ପରିମାର୍ଜିନକାରୀ ପରାମର୍ଶ ମଧ ଅଛି। ଯଥା :

ଆମେ କିଛି ଯୁବ ବନ୍ଧୁ ମିଶି ଆମ ଗାଁ' ତଥା ଆଖ ପାଖ ପଡ଼ୋଶୀ ଗାଁ'ର ପରିବେଶ ପରିଷ୍କାର ପରିଚ୍ଛନ୍ନତା, ଗୋଷ୍ଠୀ ଜଙ୍ଗଲ ସୃଷ୍ଟି ତଥା ସୁରକ୍ଷା, ସ୍ୱାସ୍ଥ୍ୟ ଇତ୍ୟାଦି ଦିଗରେ ସଚେତନତା ସୃଷ୍ଟି କରି କାମ କରୁଅଛୁ। ଆମ ଗାଁ'ର ବହୁଦିନରୁ ଉଜୁଡ଼ା ଗୋଷ୍ଠୀ ଜଙ୍ଗଲକୁ ସୁରକ୍ଷା କରି ଭଲ ଗଛ ବଢ଼େଇ ପାରିଛୁ। ଏହା ସହ ବର୍ଷା ଋତୁରେ ବିଭିନ୍ନ ଗଛ ଚାରା ଲଗାଇ ଜଙ୍ଗଲ ବୃଦ୍ଧି କରିଅଛୁ। ଗାଁ' ତଥା ପରିବେଶ, ସ୍ୱାସ୍ଥ୍ୟ, ଚାଷ, ଜଙ୍ଗଲ ବିଷୟରେ ଯେତେ ସବୁ ବହି ବା ପତ୍ରପତ୍ରିକା ପାଇଲେ ଆମେ ସେ ସବୁକୁ ପାଠ କରି ଜ୍ଞାନ ଆହରଣ କରିବାକୁ ଚେଷ୍ଟା କରିଥାଉ। ଗତ ମାସରେ 'ଆମ ଜଙ୍ଗଲ ଆମର' ଆମେ ପଢ଼ିବାକୁ ପାଇଥିଲୁ। ସେଥିରେ ଜଙ୍ଗଲର ସୁରକ୍ଷା ତଥା ବୃଦ୍ଧି, ବନ୍ୟପ୍ରାଣୀଙ୍କ ସୁରକ୍ଷା ତଥା ବିଭିନ୍ନ ଜଙ୍ଗଲ ଅଞ୍ଚଳରେ ବାସ କରୁଥିବା ଜନଗୋଷ୍ଠୀଙ୍କ ଜଙ୍ଗଲ ସୃଷ୍ଟି, ସୁରକ୍ଷା ତଥା ବନ୍ୟପ୍ରାଣୀ ସୁରକ୍ଷା ଉପରେ ନେଇଥିବା ବିଭିନ୍ନ ପଦକ୍ଷେପ ବିଷୟରେ ପଢ଼ି ବହୁତ ଖୁସି ହେଲୁ। ବସି ଆମେ ଚର୍ଚ୍ଚା କଲୁ କି ଏହି ପତ୍ରିକା ଆମକୁ ପ୍ରତିଥର ମିଳିପାରନ୍ତା କି ?'

**ଫକୀର ରଣା**
ସଂପାଦକ, 'ଉଦ୍ୟମ', ବୁଢ଼ାମାଲ

---

ଆପଣଙ୍କ 'ଆମ ଜଙ୍ଗଲ ଆମର' ପତ୍ରିକାଟି ପ୍ରାୟ ନିୟମିତ ଭାବେ ଆମ୍ଭ ବିଦ୍ୟାଳୟରେ ପହଞ୍ଚୁଛି। ଏଥିରେ ଥିବା ଉପାଦେୟ ବିଷୟବସ୍ତୁ ଆମ୍ଭ ଛାତ୍ରଛାତ୍ରୀଙ୍କୁ ପଢ଼ିବାକୁ ଦିଆଯାଉଛି। ପ୍ରାୟତଃ ଏଥିରେ ସମସ୍ତ ତଥ୍ୟ ଓ ବିଷୟବସ୍ତୁ ଅତ୍ୟନ୍ତ ଉପାଦେୟ। ମୋର ବ୍ୟକ୍ତିଗତ ମତ ଏହି ପତ୍ରିକାର ଛବି ସହ ଲେଖାର ପ୍ରକୃତି ସହ ମେଳ ରହିଛି। ବର୍ତ୍ତମାନ ଏ ସଭ୍ୟ ମଣିଷ ପ୍ରକୃତିର ଅଧିକ କ୍ଷତି ସାଧନ କରୁଛି। ମାତ୍ର ନିଜେ ସଚେତନ ନୁହେଁ ପ୍ରକୃତି ପାଇଁ ଏ ସୃଷ୍ଟି ତିଷ୍ଠିଛି ବୋଲି। ତେବେ ସହରାଞ୍ଚଳ ଅପେକ୍ଷା ଗ୍ରାମାଞ୍ଚଳ ଓ ପାର୍ବତ୍ୟାଞ୍ଚଳର ଛାତ୍ରଛାତ୍ରୀମାନେ ଏଥିରୁ ଅଧିକ ଲାଭବାନ ହୋଇପାରିବେ। ମୁଁ ଭାବୁଛି RCDC ପକ୍ଷରୁ ଏ ପତ୍ରିକା ପ୍ରାୟ ବହୁ ବିଦ୍ୟାଳୟ ଓ Vol. Organisation କୁ ଯାଉଥିବ। ଏଣୁ ଏଥିରେ ପ୍ରକାଶିତ ସନ୍ଦର୍ଭ ନିଶ୍ଚୟ ସେମାନଙ୍କର କାର୍ଯ୍ୟକ୍ରମ- 'ଜନତାଙ୍କ ସଚେତନତା ବୃଦ୍ଧି' ଉଦ୍ଦେଶ୍ୟରେ ବ୍ୟବହୃତ ହେଉଥିବ। ଆଉ ଏକ ଅନୁରୋଧ ଜଳ, ଜଙ୍ଗଲ, ଜମି, ପରିବେଶ, ବିଶ୍ୱତାପନ ସମ୍ବନ୍ଧୀୟ ସନ୍ଦର୍ଭ ଓ ତତ୍ ସମ୍ବନ୍ଧୀୟ ସୂଚନା, ସାଧାରଣ ଜ୍ଞାନ ଅବା କୁଇଜ ନିଶ୍ଚୟ ଛାତ୍ରଛାତ୍ରୀଙ୍କୁ ଅଧିକ ଜ୍ଞାନ ପ୍ରଦାନ କରିବ। ତେଣୁ ନିଶ୍ଚିତ ଏଥିପ୍ରତି ଧ୍ୟାନ ଦେଇଥିବେ।

**ଶତୃଘ୍ନ ସାହୁ, ପ୍ରଧାନଶିକ୍ଷକ**
ଝାଡ଼େଶ୍ୱର ହାଇସ୍କୁଲ, ଜିଲ୍ଲା : କେଉଁଝର

---

୧) ପତ୍ରିକା ମୁଁ ନିୟମିତ ପାଏ, ପଢ଼େ, ପରିବାର ବର୍ଗ ତଥା ମୋ ବିଭାଗର ଗବେଷକଗଣ ମଧ ପଢ଼ନ୍ତି। ୨) ଲେଖାଗୁଡ଼ିକ factual ଓ ବେଶ୍ ସମୟୋପଯୋଗୀ ତଥା ପରିବେଶ ଏବଂ ଘଟଣା ଉପଯୋଗୀ ହେଉଥିବାରୁ ମୁଁ ତଥା ମୋ ପାଖର ଅନ୍ୟ କେତେକ ଆଗ୍ରହୀ, ସଂବେଦନଶୀଳ ହେବାରେ ଖୋରାକ ଯୋଗାଇଛି। ତେଣୁ ସତର୍କ ଓ ସଚେତନ ହେବାରେ ସାହାଯ୍ୟ କରୁଛି, ୩) ମୋଟା କାଗଜ ବ୍ୟବହାର ପରିବର୍ତ୍ତେ ସାଧାରଣ ପତଳା କାଗଜ ବ୍ୟବହାର କଲେ ସମ୍ବଳ, ଖର୍ଚ୍ଚ, ଓଜନ କମ ହୋଇଯିବ। ଦ୍ୱିତୀୟତଃ, ପତ୍ରିକାକୁ ଦୁଇ ଭାଗ କରି post କରିବା ପରିବର୍ତ୍ତେ open ଥିବା ପାର୍ଶ୍ୱରେ staple କରି ଠିକଣା ଲେଖି ପଠାଇବାର ବା address DTP କରି paste କରି ପଠାଇବା ସହଜରେ ତଥା ପୁସ୍ତିକାର ସୌନ୍ଦର୍ଯ୍ୟ ବି ରକ୍ଷା ହେବାରେ ସହାୟକ ହୁଅନ୍ତା।

ଚଳିତ ପତ୍ରିକାର cover page ବେଶ୍ ଆକର୍ଷଣୀୟ, ମନଲୋଭା ତଥା ସାଂପ୍ରତିକ ପରିସ୍ଥିତିକୁ ଆଧାର କରି ହାତୀ ଉପରେ ହେବା ସତରେ ବଡ଼କଥା କିନ୍ତୁ ମୋଡ଼ି ହୋଇଥିବାରୁ ହାତୀ ବିକୃତ ହୋଇ ମନରେ ଦୁଃଖ ସୃଷ୍ଟି କଲା। ତେଣୁ କଭର ନଦେଇ staple ହିଁ right sideରୁ କଲେ ପତ୍ରିକା ସୁରକ୍ଷା ପାଇବା ସହ ସୌନ୍ଦର୍ଯ୍ୟ ରକ୍ଷା ହୋଇପାରିବା ସମ୍ଭବ ହେବ। ତଥାପି ଏ ପର୍ଯ୍ୟନ୍ତ ନିୟମିତ ପ୍ରକାଶ କରିବା, ସାଂପ୍ରତିକ ପରିସ୍ଥିତିକୁ ଖିନ୍‌ଭିନ୍ କରି ଲେଖିବା ପ୍ରଶଂସନୀୟ। ପତ୍ରିକାର ଦୀର୍ଘଜୀବନ ହିଁ କାମନା ଓ ବାସନା।

**ଡ଼. ପ୍ରଫୁଲ କୁମାର ମହାନ୍ତି (ପ୍ରଫେସର)**
ପ୍ରାଣୀ ବିଜ୍ଞାନ ବିଭାଗ
ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର

---

ସମ୍ପାଦନା ମଣ୍ଡଳୀର ସାଥୀ,
ଆମ୍ଭେ ଅତ୍ୟନ୍ତ ଖୁସି ଯେ ଆପଣ ଏହି ପତ୍ରିକାର ଏକ ସମୀକ୍ଷା ପାଇଁ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଆରସିଡିସି ଦ୍ୱାରା ଲଗାତାର ଭାବରେ ପ୍ରକାଶ ପାଇ ଆସୁଥିବା 'ଆମ ଜଙ୍ଗଲ ଆମର' ଏକ ପ୍ରଗତିଶୀଳ ପତ୍ରିକା ଯାହାକି ସଙ୍କଳ୍ପବାଦ ଓ ନିଷ୍ଠାପର ଉଦ୍ୟମ ଫଳରେ ଏହି ଉଦ୍ୟମ ବଞ୍ଚାଇ ରଖାଯାଇ ପାରିଛି। ପତ୍ରିକାଟି ଦୁଇଟି କାରଣ ପାଇଁ ଗୁରୁତ୍ୱପୂର୍ଣ୍ଣ। ଆମ Union Card holder-ମାନଙ୍କୁ ପରିବେଶ, ଜଳବାୟୁ ପରିବର୍ତ୍ତନ, ଜୀବଜନ୍ତୁଙ୍କ ସୁରକ୍ଷା, ବୃକ୍ଷରୋପଣ, ପରିବେଶ ସୁରକ୍ଷା, କ୍ଷତିପୂରଣ ମୂଳକ ବନୀକରଣ ଓ ଜଳ ସଂରକ୍ଷଣ ସମ୍ପର୍କରେ ଆମେ ଏହାରି ମାଧ୍ୟମରେ ଅବଗତ କରାଇଥାଉ। କେଉଁମାନେ କଣ ସବୁ କାମ କଲେ ପରବର୍ତ୍ତୀ ସାଧାରଣ ପରିଷଦ ବୈଠକରେ ତର୍ଜମା ମଧ୍ୟ ହୋଇଥାଏ। ଯେହେତୁ RCDC ରାଜ୍ୟର ଅଧିକାଂଶ ଜିଲ୍ଲାମାନଙ୍କରେ କାମ କରୁଅଛି, ତେଣୁ ୪ଟି ଜୋନ୍‌ରେ ୪ଗୋଟି ପାଠକୀୟ ବିତର୍କ ପାଇଁ ଆୟୋଜନ କରାଯାଇପାରିଲେ 'ଆମ ଜଙ୍ଗଲ ଆମର' ପତ୍ରିକାକୁ ଆହୁରି ଲୋକାଭିମୁଖୀ କରାଯାଇ ପାରନ୍ତା।

**ପ୍ରଗତିଶୀଳ ଶ୍ରମିକ ସଂଘ**

---

ଆପଣଙ୍କ ଦ୍ୱାର ପ୍ରକାଶିତ 'ଆମ ଜଙ୍ଗଲ ଆମର' ଏକ ଅମୂଲ୍ୟ ପୁସ୍ତକ ଅଟେ। ଜଙ୍ଗଲ ସଂରକ୍ଷଣ ଓ ସୁରକ୍ଷା କ୍ଷେତ୍ରରେ ସମ୍ପୂର୍ଣ୍ଣ ଜନସଚେତନତା ସୃଷ୍ଟି କରିବା ସହିତ ଜଙ୍ଗଲ ପରିଚାଳନା କମିଟି, ଜଙ୍ଗଲ ସୁରକ୍ଷା ବାହିନୀମାନଙ୍କୁ ଏକ ଦିଗ୍‌ଦର୍ଶନ ଦେଖାଇପାରୁଛି। ଓଡ଼ିଶାରେ ଏହା ଏକମାତ୍ର ଜଙ୍ଗଲ ପର୍ଯ୍ୟବେଶିତ ମାଗାଜିନ, ଯାହାକି ନିଜ ସ୍ତରରେ ଏକ ସ୍ୱତନ୍ତ୍ରତା ସୃଷ୍ଟି କରିପାରିଛି।

**ଅମିତାଭ ସାହୁ**
ସଂପାଦକ, ଜନକଲ୍ୟାଣ
(ପ୍ରକୃତିମିତ୍ର ପୁରସ୍କାର ପ୍ରାପ୍ତ ଅନୁଷ୍ଠାନ)
ଗ୍ରା/ପୋ: ହଳଦିଆ, ଭାୟା: ନିଶ୍ଚିନ୍ତକୋଇଲି

---

'ଆମ ଜଙ୍ଗଲ ଆମର' ପତ୍ରିକା ପଢ଼ି ଜନସାଧାରଣଙ୍କୁ ବୁଝାଇଥାଉ। ଆମ ଅନୁଷ୍ଠାନ 'ସଂଗ୍ରାମ ସମିତି' ଜରିଆରେ ଗ୍ରାମମାନଙ୍କରେ ଜଙ୍ଗଲ ଅଧିକାର ଆଇନ ୨୦୦୬ ଓ ନିୟମ ୨୦୦୮ ଉପରେ ଆଲୋଚନା କରୁଅଛୁ। ପତ୍ରିକାରେ ଜଙ୍ଗଲ ଓ ପରିବେଶ ପ୍ରସଙ୍ଗ ଥିବାରୁ ତା' ଉପରେ ଘଟଣାବଳୀଗୁଡ଼ିକୁ ଆଲୋଚନା କରିବାକୁ ସୁବିଧା ହୋଇଥାଏ। ଚଳିତ ପତ୍ରିକାରେ 'କଣ୍ଡାପାର୍ଶ୍ୱମ୍ବା ଲୋକେ ଶେଷରେ ତାଙ୍କ ଅଧିକାର ପାଇଲେ' ପ୍ରସଙ୍ଗ ପଢ଼ିବା ପରେ ଆମ ଅଞ୍ଚଳରେ ଜଙ୍ଗଲ ଜମି ବନ୍ଦୋବସ୍ତ ହେବାରେ କମ୍ପାନୀମାନେ ପ୍ରଶାସନ ସହିତ ମିଶି ଯେଉଁ ବିରୋଧାଭାସ ସୃଷ୍ଟି କରୁଥିବାର ଜଣାପଡୁଅଛି ଏଥିପାଇଁ ଉକ୍ତ ପ୍ରସଙ୍ଗ ଉଦାହରଣ ଦେଇପାରିଲୁ। ଏଥିପାଇଁ ଧନ୍ୟବାଦ ଜ୍ଞାପନ କରୁଛି।

**ନୀଳମଣି ପଟେଲ**
ସଂଯୋଜକ
'ସଂଗ୍ରାମ ସମିତି' ହେମଗିରି
ନିବାଲିଚୁଆଁ, ପୋ:କୁଡୁମି
ଭାୟା:ସର୍ଗିପାଲି, ଜି: ସୁନ୍ଦରଗଡ

---

ଦୁଇବର୍ଷ ତଳେ କେନ୍ଦୁଝର ସ୍ଥିତ 'ସଂଯୋଗ' ସଂସ୍ଥାରୁ ଶ୍ରୀଯୁକ୍ତ ଭକ୍ତ ବତ୍ସଳ ମହାନ୍ତି ଲେଖିଥିଲେ, ''ବହୁ ଦିନରୁ 'ଆମ ଜଙ୍ଗଲ ଆମର' ଆମର ହୋଇଯାଇଛି, ଅର୍ଥାତ୍ ସମାଜର ବିଭିନ୍ନ ବର୍ଗର ଲୋକମାନଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ଦଖଲ କରିନେଇଛି।'' ସେଇ ଆପଣାରବୋଧ, ସେଇ ଅନ୍ତରଙ୍ଗତା ସହକାରେ ଯେଉଁମାନେ ଆମ ନିବେଦନକୁ ଗ୍ରହଣ କରି ନିଜର ମୂଲ୍ୟବାନ ମତାମତ ପଠାଇଅଛନ୍ତି, ସେମାନଙ୍କ ନିକଟରେ ଆରସିଡିସି ଗଭୀର କୃତଜ୍ଞ। ଆଶା କରୁ, ଆଗାମୀ ଦିନରେ ଏହି ଅନ୍ତରଙ୍ଗ ସମ୍ବନ୍ଧ ବ୍ୟାପକତର ହେବ ଏବଂ ଜଙ୍ଗଲ ପରିବେଶ ପ୍ରସଙ୍ଗରେ ଏକ ବିଶେଷ କଲ୍ୟାଣକାରୀ ଭୂମିକା ଗ୍ରହଣ କରିବ।

ଦେବଗଡ଼ ଜଙ୍ଗଲ ସୁରକ୍ଷା ମହାସଂଘର ଜଣେ ସଦସ୍ୟ ଶ୍ରୀ ଦିଲେଶ୍ୱର ମହାକୁଳଙ୍କ ମତରେ "'ଆମ ଜଙ୍ଗଲ ଆମର' ସମସ୍ତଙ୍କୁ ନିର୍ଭୟ କରିପାରିଛି, ଏକତା ରକ୍ଷା କରୁଛି, ଜଳ-ଜମି-ଜଙ୍ଗଲ ଉପରେ ଥିବା ଅଧିକାର ବିଷୟରେ ସରକାରଙ୍କ ଠାରେ ନିଜର ଦାବି ଜଣାଇବା ପାଇଁ ସାହାଯ୍ୟ କରୁଛି।" ସରକାରୀ ଚିଠି ସମେତ ସବୁ ଅଞ୍ଚଳର ଲୋକଙ୍କର ସୁଚିନ୍ତିତ ଲେଖାମାନ ପ୍ରକାଶ କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି।

ଆଡ଼ଭୋକେଟ୍ ଦେବଦତ୍ତ ମଳୟ କୁମାର ବରାଳ, ନରସିଂପୁର (କଟକ)ରୁ ଲେଖିଛନ୍ତି ଯେ ''ପାଠକ ମଞ୍ଚ ସୃଷ୍ଟି କରିବା ଦ୍ୱାରା ପତ୍ରିକାଟିକୁ ଅଧିକ ଉନ୍ନତ ଓ ଉପଯୋଗୀ କରାଯାଇ ପାରିବ।''

ଏବଂ ଏକ ସ୍ୱତନ୍ତ୍ର ଉଦ୍ୟମକୁ ଅବ୍ୟାହତ ରଖି ଆନନ୍ଦପୁର (କେଉଁଝର)ରୁ ଶ୍ରୀ ରବୀନ୍ଦ୍ର ପ୍ରସାଦ ଚାନ୍ଦ ନିଜର ଅନନ୍ୟ କାବ୍ୟ-ଚିତ୍ର-ପତ୍ରରେ କହିଛନ୍ତି:

*'ଆମ ଜଙ୍ଗଲ ମୁରୁକି ହସିଲେ ସବୁଜ ପଡ଼ଇ ଝରି*
*ଯତ୍ନ ସହକାରେ ଜଙ୍ଗଲ ବଢ଼ିଲେ ଶ୍ରାବଣ ଆସଇ ଫେରି।'*

*'ସାଉଁଟି ରଖିଛି ପତ୍ରିକାଟି ମୁହିଁ ପ୍ରତିପୃଷ୍ଠା ଇତିହାସ ଚିତ୍ର-*
*ଚରିତ୍ରର ପ୍ରତିଭା ଚମକେ ଧନ୍ୟ ଧନ୍ୟ ତା'ର ଚାଷ।'*

ଆପଣମାନଙ୍କର ମୂଲ୍ୟବାନ ପରାମର୍ଶ ମଧ୍ୟରୁ କିଛି ଆମେ ପୂର୍ବରୁ ହିଁ କାର୍ଯ୍ୟକାରୀ କରି ଆସୁଛୁ (ଯଥା: ବିଭିନ୍ନ ଉପାଦେୟ ସରକାରୀ ଚିଠି/ଘୋଷଣାକୁ 'ଜଙ୍ଗଲ ଖବର' ନାମକ ଏକ ସାମୟିକ ପ୍ରକାଶନ ମାଧ୍ୟମରେ ଅନେକ ଦିନ ଧରି ପ୍ରକାଶ କରାଯାଇଆସୁଛି)।

ଆଉ କିଛି ଆମେ ଯଥା ସମ୍ଭବ ତୁରନ୍ତ କାର୍ଯ୍ୟକାରୀ କରିବାର ଚେଷ୍ଟା କରୁଛୁ (ଯଥା: ପତ୍ରିକାର ପ୍ରଚ୍ଛଦକୁ ଅପେକ୍ଷାକୃତ ପତଳା କାଗଜରେ କରାଯାଉଛି ଯେପରିକି ଡାକ ବିଭାଗର ଆବଶ୍ୟକତା ଅନୁଯାୟୀ ମୋଡ଼ି ହେଲେ ମଧ୍ୟ ଏହା ନ ଫାଟିବ ବା ଏହାର ଚିତ୍ର ବିକୃତ ନହେବ), ଏବଂ ଅନ୍ୟ କିଛି ମତାମତ ସମୟ/ସୁଯୋଗ ଅନୁଯାୟୀ ଭବିଷ୍ୟତରେ କାର୍ଯ୍ୟକାରୀ କରିବାର ଚେଷ୍ଟା କରିବୁ।

# ପୋହଳା ଏଣ୍ଟୁଅ

ଏଣ୍ଟୁଅ ନାମରେ ଅନେକ ପ୍ରକାରର ସରୀସୃପ ଆମ ରାଜ୍ୟରେ ଦେଖାଯା'ନ୍ତି । ସାଧାରଣ ଦୃଷ୍ଟିରେ ଏ ସମସ୍ତ ପ୍ରାୟ ସମାନ ଜଣାଗଲେ ବି ବୈଜ୍ଞାନିକ ଦୃଷ୍ଟିରେ ସେମାନେ ପରସ୍ପର ଠାରୁ ପୃଥକ୍ । ସାଧାରଣ ଏଣ୍ଟୁଅ ଆମ ବାଡ଼ି ବଗିଚାରେ ବି ଦେଖାଯାଏ । ଏହାକୁ ଆମେ ବାଡ଼ି ଏଣ୍ଟୁଅ (Garden lizard) ବୋଲି କହିପାରିବା । ଏହା ବ୍ୟତୀତ ଦେଖାଯା'ନ୍ତି ପଥୁରୀ ଏଣ୍ଟୁଅ (Rock lizard) ଏବଂ ଜଙ୍ଗଲୀ ଏଣ୍ଟୁଅ (Forest lizard) । କିନ୍ତୁ ରଙ୍ଗ ବଦଳାଇବାରେ ପୋହଳା ଏଣ୍ଟୁଅ ସହିତ ଏମାନେ କେହି ସମାନ ହେବେନାହିଁ । ବିଭିନ୍ନ ପରିବେଶ ଓ ପରିସ୍ଥିତି (ଯଥା: ଭୟ, ଉତ୍ତେଜନା, କ୍ରୋଧ ଇତ୍ୟାଦି) ଅନୁଯାୟୀ ଏହି ଏଣ୍ଟୁଅଟି ବହୁ ପ୍ରକାରେ ନିଜ ରଙ୍ଗ ବଦଳାଇଥାଏ ବୋଲି ଏହାକୁ ବହୁରୂପୀ ଏଣ୍ଟୁଅ ବୋଲି ମଧ୍ୟ କୁହନ୍ତି । ଅନ୍ୟ ଏଣ୍ଟୁଅମାନଙ୍କ ଠାରୁ ପୋହଳା ଏଣ୍ଟୁଅ ଭିନ୍ନ ଏକ ପରିବାରର । ଇଂରାଜୀରେ ଏହାକୁ କୁହନ୍ତି Indian Chameleon ଯାହାର ବୈଜ୍ଞାନିକ ନାମ *Chameleo zeylanicus* । ଏହା ଏକ ସଙ୍ଗେ ଦୁଇଟି ଭିନ୍ନ ଭିନ୍ନ ଦିଗକୁ ଓ ଦୁଇଟି ଭିନ୍ନ ଭିନ୍ନ ବସ୍ତୁକୁ ଦେଖିପାରେ । ଏହାର ଜିଭଟି ଦେହ ଅପେକ୍ଷା ବି ଅଧିକ ଲମ୍ବ ହୋଇପାରେ ।



ଫଟୋ: ଶୁଭେନ୍ଦୁ ସାହୁ

ପୋହଳା ଏଣ୍ଟୁଅ ପ୍ରାୟତଃ ଗଛ ଉପରେ ରହିଥାଏ ଏବଂ ଚାଲିବା ସମୟରେ ଗଛରେ ପତ୍ର ଯେପରି ହଲେ ସେହିପରି ନିଜେ ହଲିହଲି ଚାଲିଥାଏ । ଏହାଦ୍ୱାରା ସେ ନିଜକୁ ଶିକାରୀଙ୍କ ଠାରୁ ରକ୍ଷା କରିଥାଏ । ଏହାର ଅନେକ ବିଶେଷତ୍ୱ ଯୋଗୁଁ ଏହାକୁ ଏଣ୍ଟୁଅଙ୍କ ଭିତରେ ରାଜା ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ । ତେବେ, ବିଭିନ୍ନ କାରଣରୁ ଏମାନଙ୍କ ସଂଖ୍ୟା କମି ଆସୁଛି ବୋଲି ନିକଟ ଅତୀତରେ ଏକ ସମ୍ବାଦପତ୍ରରେ ପ୍ରକାଶ ପାଇଥିବା ଆଶଙ୍କା ଭିତ୍ତିହୀନ ମନେହୁଏ ନାହିଁ । ପରିବେଶ ନଷ୍ଟ ହେଲେ ସ୍ପର୍ଶକାତର ଜୀବମାନେ ଅଧିକ କ୍ଷତିଗ୍ରସ୍ତ ହୁଅନ୍ତି । ପୋହଳା ଏଣ୍ଟୁଅ କ୍ଷେତ୍ରରେ ମଧ୍ୟ ତା' ଘଟିଥିବା ସମ୍ଭବ । କେତେକ ଅଞ୍ଚଳରେ ବନବାସୀମାନେ ଏହାକୁ ପୋଡ଼ି ଖାଉଥିବାର ମଧ୍ୟ ଶୁଣିବାକୁ ମିଳେ ।



ସମାଜ, ୦୮ ନଭେମ୍ବର, ୨୦୧୨

## ବିରଳ ଏଣ୍ଟୁଅ ବିକ୍ରି ପାଇଁ ମୂଲଚାଲ ୫ ଲକ୍ଷ

ଏହା ସଂପର୍କରେ କେତେକ ଲୋକ ବିଶ୍ୱାସ ରହିଛି ଯାହା ମଧ୍ୟରୁ କିଛି ନିର୍ଭରଯୋଗ୍ୟ ନୁହେଁ । ଗଜପତି ଜିଲ୍ଲାର କିଛି ଆଦିବାସୀ ମନେ କରନ୍ତି ଯେ ଏହାର ଛାଇ ପଡ଼ିଲେ ମଣିଷର ଜୀବନ ପ୍ରତି ବିପଦ ଆସିବ ଯଦିଓ ଏହା ବିଶ୍ୱାସଯୋଗ୍ୟ ନୁହେଁ । ସେହିପରି, ପୂର୍ଣ୍ଣଚନ୍ଦ୍ର ଭାଷାକୋଷରେ ଏହା ବିଷାକ୍ତ ଅଟେ ବୋଲି ଲେଖା ଅଛି; କିନ୍ତୁ ବୈଜ୍ଞାନିକ ମତରେ ଏହାର ବିଷ ନାହିଁ । ତେବେ ଏଣ୍ଟୁଅଙ୍କ ଭିତରେ ରାଜା ଏହି କ୍ଷୁଦ୍ର, ସୁନ୍ଦର ପ୍ରାଣୀଟିର ବଂଶ ବର୍ତ୍ତମାନ ଅସୁରକ୍ଷିତ ଏବଂ ତା'ର ସୁରକ୍ଷା ପ୍ରତି ଧ୍ୟାନ ଦିଆଯିବା ଉଚିତ ।

✧


ଆମ ଜଙ୍ଗଲ ଆମର
୪୧
ଡିସେମ୍ବର-୨୦୧୨

RCDC

ସମ୍ପାଦନା :


ଆର୍.ସି.ଡି.ସି
ଏ/୬୮, ୧ମ ମହଲା, ଶହୀଦ ନଗର
ଭୁବନେଶ୍ୱର-୭୫୧ ୦୦୭
ଫୋନ୍-୦୬୭୪-୨୫୪୫୨୫୦

ରିଜିଓନାଲ୍ ସେଣ୍ଟର୍ ଫର୍
ଡେଭେଲପ୍‌ମେଣ୍ଟ୍ କୋଅପରେସନ୍
ମୁଖ୍ୟ କାର୍ଯ୍ୟାଳୟ :
୪୨୪, ଶହୀଦ ନଗର
ଭୁବନେଶ୍ୱର - ୭୫୧ ୦୦୭
ଓଡ଼ିଶା

ଆର୍.ସି.ଡି.ସି. ବଲାଙ୍ଗିର
ପ୍ୟାଲେସ୍ ଲେନ୍, ବଲାଙ୍ଗୀର-୭୬୭ ୦୦୧
ଫୋନ୍-୦୬୬୫୨-୨୩୪୮୪୨

ଆର.ସି.ଡି.ସି. ନବରଙ୍ଗପୁର
ମଦର ଟେରେସା ମାର୍ଗ, ବ୍ଲକ୍ ଛକ ନିକଟ
ନବରଙ୍ଗପୁର-୭୬୪ ୦୫୯
ଫୋନ୍-୦୬୮୫୮-୨୨୩୭୯୨

ଆର.ସି.ଡି.ସି. କୋରାପୁଟ
ରାଣୀଗଡ଼ ଲେନ୍
ଅଶୋକ ନଗର
କୋରାପୁଟ-୭୬୪ ୦୨୦
ଫୋନ୍-୦୬୮୫୨-୨୫୨୨୨୩



କେବଳ ଘରୋଇ ପ୍ରସାରଣ ପାଇଁ